EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Ref. No.: 1304224
Title Code: ODIODI07807

ବର୍ଷ-୧ ସଂଖ୍ୟା-୧୫ ୨୪-୩୦ ଏପ୍ରିଲ, ୨୦୧୭ ଭୁବନେଶ୍ୱର ● Monday Weekly ● VOL-1 ISSUE-15 24th-30th APRIL, 2017 BHUBANESWAR ₹ 5.00 (8 Pages)



Follow Us On @
www.ekamaatra.com
editor@ekamaatra.com
ekamaatra@gmail.com
advt@ekamaatra.com
ekamaatraodia
ekamaatranews










# ଏକାଠି ହେବାକୁ ବିରୋଧୀଙ୍କ ମସୁଧା

- ନୂଆଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ
- ପାୱାର, ଲାଲୁ ମଧ୍ୟ ଦେଲେଣି ସହମତି
- ନବୀନ-ନୀତିଶଙ୍କ ଦୂରଭାଷ ବାର୍ତ୍ତାଳାପ
- ସୋନିଆଙ୍କୁ ଭେଟିଲେ ନୀତିଶ, ୟେଚୁରୀ


ରାଷ୍ଟ୍ରପତି ନିର୍ବାଚନ

**ଭୁବନେଶ୍ୱର/ନୂଆଦିଲ୍ଲୀ :** ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ କାର୍ଯ୍ୟକାଳ ଆସନ୍ତା ଜୁଲାଇ ୨୪ ତାରିଖରେ ଶେଷ ହେବାକୁ ଯାଉଛି। ଏହାପରେ ଦେଶର ପରବର୍ତ୍ତୀ ରାଷ୍ଟ୍ରପତି କିଏ ହେବେ ସେ ନେଇ ଏନ୍‌ଡିଏ, ଉପା ଓ ଅନ୍ୟ ଦଳର ନେତାଙ୍କ ମଧ୍ୟରେ ଆଲୋଚନା ପର୍ଯ୍ୟାଲୋଚନା ଜୋରସୋରରେ ଲାଗିଛି। ଏନ୍‌ଡିଏ ବିରୋଧରେ ସମଭାବାପନ୍ନ ଦଳ ଗୁଡ଼ିକ ଏକାଠି ହୋଇ ୨୦୧୨ ମସିହା ଭଳି ମିଳିତ ପ୍ରାର୍ଥୀ ଦେଇପାରନ୍ତି ବୋଲି ଜଣାପଡିଛି। ତେବେ କେଉଁ ଦଳର ନେତାଙ୍କୁ ଏହି ସୌଭାଗ୍ୟ ମିଳିବ ଦେଶବ୍ୟାପୀ ତାକୁ ନେଇ ରାଜନୀତି ଚଳଚଞ୍ଚଳ ହୋଇଉଠିଛି। ନିକଟରେ ଟିଏମ୍‌ସି ସୁପ୍ରିମୋ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓଡ଼ିଶା ଆସି ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଥିଲେ। ମମତା-ନବୀନ ସାକ୍ଷାତକୁ ନେଇ ରାଜ୍ୟର ରାଜନୈତିକ ମହଲରେ ବିଶେଷ ଚର୍ଚ୍ଚା ଦେଖାଦେଇଛି। ରାଷ୍ଟ୍ରପତି ➤ ପୃ-୭

## ଜନସମସ୍ୟାକୁ ଗୁରୁତ୍ୱ ଦିଅ : ନବୀନ



**ଭୁବନେଶ୍ୱର :** ଗଞ୍ଜାମ ଓ ଗଜପତି ଜିଲ୍ଲାର ପଞ୍ଚାୟତସ୍ତରୀୟ ଜନପ୍ରତିନିଧିଙ୍କ ବୈଠକ ଅବସରରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତିନିଧିମାନଙ୍କର ସମସ୍ୟାକୁ ଶୁଣିଛନ୍ତି। ପ୍ରତିନିଧିମାନେ ପାନୀୟଜଳ ସମସ୍ୟା, ଜଙ୍ଗଲଜମି ବଣ୍ଟନରେ ଅବ୍ୟବସ୍ଥା, ସ୍ୱାସ୍ଥ୍ୟ, ଶିକ୍ଷା ଓ ଯୋଗାଯୋଗ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ରଖିବା ସହିତ ହରିଶ୍ଚନ୍ଦ୍ର ଯୋଜନାରେ ଅଧିକ ଅର୍ଥବରାଦ, ଶୀତଳଭଣ୍ଡାର ନିର୍ମାଣ, ବାର୍ଦ୍ଧକ୍ୟ ଭତ୍ତା ୫୦୦ ଟଙ୍କାକୁ ବୃଦ୍ଧି ପାଇ ଦାବି କରିଥିଲେ। ଏସବୁ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେବା ସହ ରାଜ୍ୟ ସରକାରଙ୍କ କଲ୍ୟାଣକାରୀ ଯୋଜନା ଓ କାର୍ଯ୍ୟକ୍ରମର ସୁଫଳ କିଭଳି ଲୋକଙ୍କ ପାଖରେ ପହଞ୍ଚିବ ତାହାକୁ ସୁନିଶ୍ଚିତ କରିବା ପ୍ରତିନିଧିମାନଙ୍କର ମୂଳ ଦାୟିତ୍ୱ ବୋଲି କହିଥିଲେ। ନିଜ ଅଞ୍ଚଳର ଲୋକଙ୍କ ସୁଖଦୁଃଖ ଓ ବିକାଶରେ ଭାଗିଦାର ହେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହି ➤ ପୃ-୭

# ଅହଂକାରର ଯୁଗ ଶେଷ, ଜଳିବନି ନାଲିବତି



**ନୂଆଦିଲ୍ଲୀ :** ସ୍ୱାଧୀନତା ପରବର୍ତ୍ତୀ ଶାସନରେ ଦେଶସାରା ଚାଲିଥିବା ଭିଭିଆଇପି, ଭିଆଇପି ସଂସ୍କୃତିରେ କେନ୍ଦ୍ର ସରକାର ସଂସ୍କାର ଆଣିଛନ୍ତି। ଏହାର ପ୍ରଥମ ପଦକ୍ଷେପ ସ୍ୱରୂପ କେନ୍ଦ୍ର କ୍ୟାବିନେଟ୍‌ର ନିଷ୍ପତ୍ତି ଅନୁସାରେ ଭିଆଇପି ଗାଡ଼ିରୁ ନାଲିବତି ଉଠାଇ ନିଆଯାଇଛି। ସେହି ଅନୁସାରେ ଏଣିକି ମନ୍ତ୍ରୀ ହୁଅନ୍ତୁ ବା ଅଫିସର; ଆଉ କେହି ବି ଗାଡ଼ିରେ ନାଲିବତି ଲଗାଇପାରିବେ ନାହିଁ। ଏପରିକି ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ମଧ୍ୟ ଏହି ତାଲିକାରୁ ବାଦ୍ ପଡ଼ିବେନି। ଅର୍ଥାତ୍ ଦେଶରେ ନାଲିବତିର ଯୁଗର ଏକପ୍ରକାର ଅବସାନ ଘଟିଲା କହିଲେ ଅତ୍ୟୁକ୍ତି ହେବନାହିଁ। ପୂର୍ବରୁ ନାଲିବତିର ଦୁରୂପଯୋଗ ହେଉଥିବା ନେଇ ବହୁ ଅଭିଯୋଗ ଆସୁଥିଲା। ଦେଶରୁ ନାଲିବତି ଉଠାଇବା ପାଇଁ ମଧ୍ୟ ସଚେତନ ମହଲରୁ ଚାପ ପଡୁଥିଲା। ତେବେ ପୂର୍ବ ସରକାରଗୁଡ଼ିକ ଏହାକୁ ଖାତିର କରୁ ନ ଥିବା ବେଳେ ମୋଦି ସରକାର ଅଭିଯୋଗର ଗୁରୁତ୍ୱକୁ ବିଚାର କରିଛନ୍ତି। ଦେଖାଯାଇଛି ଯେ ନାଲିବତି ବ୍ୟବହାର କରୁଥିବା ଲୋକେ ଏହାକୁ ସମ୍ମାନ ଓ ଆଭିଜାତ୍ୟର ନିଦର୍ଶନ ବୋଲି ଭାବି ନେଇଥିଲେ। ଅର୍ଥାତ୍ ନାଲିବତି ଚଢୁଥିବା ଲୋକେ ଆଭିଜାତ୍ୟ ସମ୍ପନ୍ନ ବୋଲି ଦେଶରେ ବିଚାର କରାଯାଉଥିଲା। ➤ ପୃ-୭

### ତତ୍କାଳ ହଟାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** କେନ୍ଦ୍ର କ୍ୟାବିନେଟ୍ର ନିଷ୍ପତ୍ତି ପରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତତ୍କାଳ ନିଜ ଗାଡ଼ିରୁ ନାଲିବତି ଉଠାଇ ନେଇଛନ୍ତି। ଏହାଛଡ଼ା ସମସ୍ତ ଭିଆଇପିଙ୍କ ଗାଡ଼ିରୁ ନାଲିବତି ହଟାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସକାଳେ ନାଲିବତିବିଶିଷ୍ଟ କାର୍‌ରେ ସଚିବାଳୟ ଯାଇଥିବା ମୁଖ୍ୟମନ୍ତ୍ରୀ ସନ୍ଧ୍ୟାରେ ସରକାରୀ ଗାଡ଼ିରୁ ନାଲିବତି ହଟାଇ ଫେରିଥିବା ➤ ପୃ-୭







### ପ୍ରଶାସନିକ ସ୍ତରରେ ନବକଳେବର

# ରୂପାରୋଶନ୍ ଖୋର୍ଦ୍ଧା ଜିଲ୍ଲାପାଳ



**ଭୁବନେଶ୍ୱର :** ପଞ୍ଚାୟତ ନର୍ବାଚନ ଫଳାଫଳ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଶାସନିକ ସ୍ତରରେ ନବକଳେବର ପ୍ରକ୍ରିୟା ଜାରି ରଖିଛନ୍ତି। ଯେଉଁଥିପାଇଁ ଆଇଏଏସ୍ ସ୍ତରରେ ଏକ ବଡଧରଣର ଅଦଳ ବଦଳ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନୂଆଦିଲ୍ଲୀ ଗସ୍ତ ପୂର୍ବରୁ ଏଭଳି ବଦଳି ବିଜ୍ଞପ୍ତି ଜାରି କରିଛି ସାଧାରଣ ପ୍ରଶାସନ ବିଭାଗ। ନୂଆ ବିଜ୍ଞପ୍ତି ଅନୁସାରେ ଢେଙ୍କାନାଳ ଜିଲ୍ଲାପାଳ ଥିବା ରୂପା ରୋଶନ ସାହୁଙ୍କୁ ଖୋର୍ଦ୍ଧା ଜିଲ୍ଲାପାଳ ଭାବେ ନିଯୁକ୍ତି ଦିଆଯାଇଛି। ଖୋର୍ଦ୍ଧା ଜିଲ୍ଲାପାଳ ଥିବା ନିରଞ୍ଜନ ସାହୁଙ୍କୁ ଓଏସ୍‌ଆଇସିର ପରିଚାଳନା ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। କଳାହାଣ୍ଡି ଡିଆରଡିଏ ପିଡି ଭିନୀତ୍ ଭରଦ୍ୱାଜ ସୁନ୍ଦରଗଡ଼ ଜିଲ୍ଲାପାଳ ଭାବେ ନିଯୁକ୍ତି ପାଇଥିବା ବେଳେ ସୁନ୍ଦରଗଡ଼ ଜିଲ୍ଲାପାଳ ବିଏସ୍ ପୁନିଆଙ୍କୁ ଢେଙ୍କାନାଳ ଜିଲ୍ଲାପାଳ ଭାବେ ନିଯୁକ୍ତି କରାଯାଇଛି। ବରଗଡ଼ ଜିଲ୍ଲାପାଳ ଅଞ୍ଜନ କୁମାର ମାଣିକ କଳାହାଣ୍ଡି ଜିଲ୍ଲାପାଳ ଭାବେ ଅବସ୍ଥାପିତ ହୋଇଥିବା ବେଳେ କଳାହାଣ୍ଡି ଜିଲ୍ଲାପାଳ ବୃନ୍ଦା ଡି କନ୍ଧମାଳ ଜିଲ୍ଲାପାଳ ଭାବେ ନିଯୁକ୍ତି ପାଇଛନ୍ତି। କନ୍ଧମାଳ ଜିଲ୍ଲାପାଳ ରେଘୁ ଜିଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଭାବେ ନିଯୁକ୍ତି ଦିଆଯାଇଛି। ନବରଙ୍ଗପୁର ପିଡି ପୁମା ଟୁଡୁ ନୂଆପଡ଼ା ଜିଲ୍ଲାପାଳ ଭାବେ ନିଯୁକ୍ତି ହୋଇଥିଲା ବେଳେ ସୁନ୍ଦରଗଡ଼ ପିଡି ସୁରେନ୍ଦ୍ର କୁମାର ମୀନାଙ୍କୁ ମୟୂରଭଞ୍ଜ ଜିଲ୍ଲାପାଳ ଭାବେ ବଦଳି କରାଯାଇଛି। ସେହିପରି ଖନ୍ଦ୍ରେ କୁମାର ପାଢ଼ୀଙ୍କୁ ବରଗଡ଼ ଜିଲ୍ଲାପାଳ ଭାବେ ବଦଳି ନିଯୁକ୍ତି ଦିଆଯାଇଛି। ନୂଆପଡ଼ା ଜିଲ୍ଲାପାଳ ସାଦ୍ଦିକ୍ ଆଲାମ୍ ସେସ୍ଥର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତି ପାଇଛନ୍ତି। ମୟୂରଭଞ୍ଜ ଜିଲ୍ଲାପାଳ ରାଜେଶ ପ୍ରଭାକର ପାଟିଲ୍ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ ଓଏସ୍‌ଡି ଭାବେ ➤ ପୃ-୭

# ଠିକ୍ ସମୟରେ ଆସିବ, ଭଲ ବର୍ଷିବ



## ମୌସୁମିକୁ ନେଇ ପାଣିପାଗ ବିଭାଗର ପୂର୍ବାନୁମାନ

**ନୂଆଦିଲ୍ଲୀ :** ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଚଳିତ ବର୍ଷ ମୌସୁମୀ ପ୍ରବାହ ଠିକ୍ ରହିବା ସହିତ ବର୍ଷା ଭଲ ହେବ। ଋଷୀକୂଳ ଏନେଇ ଚିନ୍ତିତ ନହେବାକୁ ଆଶା ଦେଇଛି ସ୍କାଇମେଟ୍। ଆକଳନ ଅନୁସାରେ ଏବର୍ଷ ସାରା ଦେଶରେ ଭଲ ବର୍ଷା ହେବ। ଠିକ୍ ସମୟରେ ମୌସୁମୀ ଆସି ନିର୍ଦ୍ଧାରିତ ସମୟରେ ଫେରିଯିବ ବୋଲି କହିଛି ଆଇଏମ୍‌ଡି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୃଷି ପାଣିପାଗ ବିଶାରଦ ତଥା କୁଳପତି ପ୍ରଫେସର ଡ. ସୁରେନ୍ଦ୍ରନାଥ ପଶୁପାଳଙ୍କ ପୂର୍ବାନୁମାନ କରି କହିଛନ୍ତି ଯେ ଏବର୍ଷ ଠିକ୍ ସମୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ଛୁଇଁବା ସମ୍ଭାବନା ଅଧିକ। ଜୁନ୍‌ଠାରୁ ସେପ୍ଟେମ୍ବର ମଧ୍ୟରେ ବର୍ଷା ପରିମାଣ ମଧ୍ୟ ସ୍ୱାଭାବିକ ରହିବ। ମେ'ମାସରେ ଅଧିକ ବର୍ଷା ହେବାର ଆଶଙ୍କା ରହିଛି। ଯେହେତୁ ଏବେ କାଳବୈଶାଖୀ ବର୍ଷା ହେଉଛି ଓ ମେ' ବେଳକୁ ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡ଼ିଶାରେ ମଧ୍ୟ କାଳବୈଶାଖୀ ହେବ। ଏଣୁ ଚାଷ ଆରମ୍ଭ କରିବା ପାଇଁ କୌଣସି ସମସ୍ୟା ନାହିଁ।

ମୌସୁମୀ ବାୟୁ ସ୍ୱାଭାବିକ ରହିଲେ ଭାରତ ଭଳି କୃଷିପ୍ରଧାନ ଦେଶର ଅର୍ଥନୀତି ଉପରେ ଏହାର ସୁପ୍ରଭାବ ପଡ଼ିବ ବୋଲି ଆଶା ରହିଛି। ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଆରଜେ ରମେଶ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ଚଳିତବର୍ଷ ମୌସୁମୀ ପ୍ରବାହ ସ୍ୱାଭାବିକ ରହିବ। ଫଳରେ ଭାରତର ଅର୍ଥନୀତି ଉପରେ ଏହା ସକାରାତ୍ମକ ପ୍ରଭାବ ପକାଇବ। ଦେଶରେ ୯୬ରୁ ୧୦୪ ପ୍ରତିଶତ ବର୍ଷା ହେବାର ଆଶା ରହିଛି ବୋଲି ସୂଚନା ମିଳିଛି। ସବୁସ୍ଥାନରେ ସ୍ୱାଭାବିକ ବୃଷ୍ଟିପାତ ହେବା ସହ ➤ ପୃ-୭

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## ୧୦ମ ପର୍ଯ୍ୟନ୍ତ ହିନ୍ଦୀ ବାଧ୍ୟତାମୂଳକ

**ନୂଆଦିଲ୍ଲୀ :** କେନ୍ଦ୍ରୀୟ ବିଦ୍ୟାଳୟ ଓ ସିବିଏସଇ ଅନୁବନ୍ଧିତ ସମସ୍ତ ବିଦ୍ୟାଳୟରେ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ହିନ୍ଦୀ ଭାଷା ବିଷୟ ଅଧ୍ୟୟନକୁ ବାଧ୍ୟତାମୂଳକ କରାଯାଇଛି। କେନ୍ଦ୍ର ମାନବସମ୍ବଳ ବିକାଶ (ଏଚଆରଡି) ମନ୍ତ୍ରଣାଳୟର ସଂସଦୀୟ ଷ୍ଟାଣ୍ଡିଂ କମିଟି ଏ ନେଇ କରିଥିବା ସୁପାରିସକୁ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଅନୁମୋଦନ କରିଛନ୍ତି। ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଏଚଆରଡି ମନ୍ତ୍ରଣାଳୟ ଆବଶ୍ୟକ ନୀତି ନିର୍ଦ୍ଧାରଣ ଲାଗି ରାଜ୍ୟ ସରକାରଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ହିନ୍ଦୀ ଭାଷା ଶିକ୍ଷା ପାଇଁ ଆବଶ୍ୟକ ପାଠ୍ୟଖସଡ଼ା ପ୍ରସ୍ତୁତ କରିବାକୁ କୁହାଯାଇଛି। ୯ମ ଓ ୧୦ମ ଶ୍ରେଣୀରେ ଇଂରାଜୀ ସମେତ ଦୁଇଟି ଭାରତୀୟ ଭାଷା ଅଧ୍ୟୟନ ଲାଗି ଗତବର୍ଷ ସିବିଏସଇ ପ୍ରସ୍ତାବ ଦେଇଥିଲା।

## ବିମାନରେ ବିଶୃଙ୍ଖଳା କଲେ ଦେବେ ଜୋରିମାନା

**ନୂଆଦିଲ୍ଲୀ :** ଏୟାର ଇଣ୍ଡିଆ ବିମାନରେ ଭିଭିଆଇପି ଯାତ୍ରୀଙ୍କ ମନମାନି ଏବେ ଆଉ ଚଳିବ ନାହିଁ। ଏଣିକି ଭିଭିଆଇପି ଆଦବକାଇଦା ଦେଖାଇ ବିମାନକୁ ବିଳମ୍ବ କରାଇବା କିମ୍ବା ବିମାନରେ ବିଶୃଙ୍ଖଳା ସୃଷ୍ଟି କଲେ ସମ୍ପୃକ୍ତ ଯାତ୍ରୀଙ୍କୁ ଦଣ୍ଡ ଗଣିବାକୁ ପଡ଼ିବ। ଯାତ୍ରୀଙ୍କ ବିଶୃଙ୍ଖଳା ପାଇଁ ବିମାନଯାତ୍ରାରେ ବିଳମ୍ବ ଘଟିବା ସହ ଏହାର ପ୍ରଭାବ କର୍ମଚାରୀଙ୍କ ମାନସିକତା ଉପରେ ପଡୁଥିବାରୁ ଏୟାର ଇଣ୍ଡିଆ ବିଶୃଙ୍ଖଳ ଯାତ୍ରୀଙ୍କଠାରୁ ଜୋରିମାନା ଆଦାୟ ନିମନ୍ତେ ବିଚାର କରୁଛି। ଏହି କାରଣରୁ ବିମାନ ଘଣ୍ଟାଏ ପର୍ଯ୍ୟନ୍ତ ଅଟକିଲେ ୫ ଲକ୍ଷ, ଘଣ୍ଟାକୁ ଅଧିକ ସମୟ ପାଇଁ ୧୫ ଲକ୍ଷ ଟଙ୍କା ସମ୍ପୃକ୍ତ ଯାତ୍ରୀଙ୍କଠାରୁ ଆଦାୟ କରାଯିବ ବୋଲି ଏହି ରାଷ୍ଟ୍ରାୟତ୍ତ ସଂସ୍ଥା ପ୍ରସ୍ତାବ ଦେଇଛି।

ସୂଚନାଯୋଗ୍ୟ ଯେ ନିକଟ ଅତୀତରେ ତିନିଟି ଘଟଣାରେ ଭିଭିଆଇପି ଯାତ୍ରୀଙ୍କ ହମ୍ବଡ଼ା ନୀତି ପାଇଁ ବିମାନ ଯାତ୍ରାରେ ବିଳମ୍ବ ହେବା ସହ କର୍ମଚାରୀଙ୍କୁ ଆକ୍ରମଣ ହୋଇଥିବାରୁ ପରିଚାଳନା ମ୍ୟାନେଜରଙ୍କୁ ଅଧିକ କ୍ଷମତା ଦେବା ନିମନ୍ତେ ଏୟାର ଇଣ୍ଡିଆ ଏଭଳି ପ୍ରସ୍ତାବ ରଖିଥିବା କୁହାଯାଉଛି। ଭିନ୍ନ ଭିନ୍ନ ଘଟଣାକ୍ରମେ ୱାଇଏସ୍ଆର୍ କଂଗ୍ରେସର ଜଣେ ସାଂସଦ, ଶିବସେନା ସାଂସଦ ରବୀନ୍ଦ୍ର ଗାଏକ୍ୱାଡ ଏବଂ ତୃଣମୂଳ କଂଗ୍ରେସର ଜଣେ ସାଂସଦଙ୍କ ମନମାନି ଯୋଗୁଁ ବିମାନ ଉଡ଼ାଣରେ ବିଳମ୍ବ ଘଟିଥିଲା। ଏପରିକି ୱାଇଏସ୍ଆର କଂଗ୍ରେସ ଓ ଶିବସେନା ସାଂସଦ ବିମାନ କର୍ମଚାରୀଙ୍କୁ ମାଡ଼ ମଧ୍ୟ ମାରିଥିଲେ। ଏଭଳି ଭିଭିଆଇପି ଯାତ୍ରୀଙ୍କୁ ସାବାଡ଼ କରିବା ପାଇଁ ଜୋରିମାନା ବ୍ୟବସ୍ଥା ଲାଗୁ କରାଯାଇଥିବା କୁହାଯାଉଛି।

# ଶେଷରେ ବନ୍ଧାହେଲେ ମାଲ୍ୟା



**ନୂଆଦିଲ୍ଲୀ :** ଭାରତର ବିଭିନ୍ନ ବ୍ୟାଙ୍କରୁ ୯ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଋଣ ନେଇ ଫେରାର ହୋଇଯାଇଛନ୍ତି ବିଶିଷ୍ଟ ଶିଳ୍ପପତି ବିଜୟ ମାଲ୍ୟା। ଗତବର୍ଷ ମାର୍ଚ୍ଚ ୨ ତାରିଖରେ ସେ ଭାରତରୁ ଲଣ୍ଡନକୁ ପଳାଇ ଯାଇଥିଲେ। ଏହାପରେ ଭାରତ ସରକାର ମାଲ୍ୟାଙ୍କୁ ପଳାତକ ଘୋଷିତ କରିଥିଲେ। ମାଲ୍ୟାଙ୍କୁ ଗିରଫ କରି ଭାରତକୁ ପ୍ରତ୍ୟର୍ପଣ କରିବା ପାଇଁ କେନ୍ଦ୍ର ସରକାର ଅନୁରୋଧ କରିଥିଲେ। ତେବେ ଗତ ୧୮ ତାରିଖରେ ୬୧ ବର୍ଷୀୟ ମାଲ୍ୟାଙ୍କୁ ସ୍କଟ୍‌ଲ୍ୟାଣ୍ଡ ୟାର୍ଡ ପକ୍ଷରୁ ଗିରଫ କରାଯାଇଥିବା ସ୍ପଷ୍ଟ ହୋଇଯାଇଛି। ସୂଚନାନୁସାରେ ମାଲ୍ୟାଙ୍କୁ ଲଣ୍ଡନ ସ୍ଥିତ ୱେଷ୍ଟମିନ୍‌ଷ୍ଟର୍ସ ମାଜିଷ୍ଟ୍ରେଟଙ୍କ କୋର୍ଟରେ ହାଜର କରାଯାଇଥିଲା। ପରେ ତାଙ୍କୁ ଜାମିନରେ ଛଡ଼ା ଯାଇଥିବା ସୂଚନା ଦେଇଛନ୍ତି ମେଟ୍ରୋ ପଲିଟାନ ପୋଲିସର ଜଣେ ମୁଖପାତ୍ର। କିନ୍ତୁ ମାଲ୍ୟା ନିଜ ଗିରଫଦାରିକୁ ଅସ୍ୱୀକାର କରି ଟ୍ୱିଟ୍ ଜରିଆରେ କହିଛନ୍ତି ଯେ ଏହା ଭାରତୀୟ ଗଣମାଧ୍ୟମର ପ୍ରଚାର। ହେଲେ ମାଲ୍ୟାଙ୍କ ଗିରଫଦାରିକୁ ନେଇ ଭାରତରେ ଚର୍ଚ୍ଚା ଜୋର ଧରିଛି। ମାଲ୍ୟା ଦେଶକୁ ଫେରିବା ନେଇ ସରକାର ଆଶା ବାନ୍ଧିଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ଭାରତରୁ ଖସି ପଳାଇଥିବା ମାଲ୍ୟାଙ୍କୁ ପ୍ରତ୍ୟର୍ପଣ ପାଇଁ ଭାରତ ସରକାର ଫେବୃଆରୀ ମାସରେ ବ୍ରିଟେନ୍ ସରକାରଙ୍କୁ ଆବେଦନ କରିଥିଲେ। ଗତ ମାସରେ ବ୍ରିଟେନ୍ ସରକାର ଭାରତର ପ୍ରତ୍ୟର୍ପଣ ଆବେଦନକୁ ସ୍ୱୀକୃତି ଦେଇଛନ୍ତି। ଅର୍ଥନୈତିକ ଅପରାଧ ପାଇଁ ତାଙ୍କ ବିରୋଧରେ ସିବିଆଇ ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ତଦନ୍ତ ଜାରି ରହିଛି। ଭାରତରେଏକାଧିକ ଗିରଫ ପରୱାନା ମଧ୍ୟ ତାଙ୍କ ନାମରେ ଜାରି କରାଯାଇଛି। ବିଭିନ୍ନ ବ୍ୟାଙ୍କ ପକ୍ଷରୁ ହାଜର ହେବା ପାଇଁ ବାରମ୍ବାର ମାଲ୍ୟାଙ୍କୁ ଅଦାଲତ ମାଧ୍ୟମରେ ନୋଟିସ ଜାରି କରାଯାଇଥିଲେ ତଦନ୍ତରେ ସହଯୋଗ କରିବାକୁ ଅନୁରୋଧ କରାଯାଉଥିଲେ ମଧ୍ୟ ସେ ଏହାକୁ ବେଖାତିର କରିଆସୁଥିବା ଜଣାପଡିଛି। ମାଲ୍ୟାଙ୍କ ବିରୋଧରେ ଆସିଥିବା ଅଭିଯୋଗଗୁଡ଼ିକୁ ସେ ଟ୍ୱିଟର ମାଧ୍ୟମରେ ଖଣ୍ଡନ କରିବା ସହ ଋଣ ଶୁଝିବା ପାଇଁ ସମୟ ଦେବାକୁ କହୁଥିଲେ। କିନ୍ତୁ ଭାରତକୁ ଫେରିବା ପ୍ରସଙ୍ଗ ଏଡ଼ାଇ ଯାଉଥିଲେ। ତାଙ୍କୁ ଋଣ ଦେଇଥିବା ବ୍ୟାଙ୍କସମୂହ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ନେତୃତ୍ୱରେ ଏକାଠି ହୋଇ ଗତ ଜାନୁଆରୀ ମାସରେ 'ଋଣ ଅସୁଲ ନ୍ୟାୟାଧିକରଣ' ମାଧ୍ୟମରେ ଅସୁଲ ପାଇଁ ଉଦ୍ୟମ ଆରମ୍ଭ କରିବା ପରେ ତାଙ୍କର ସମ୍ପତ୍ତିକୁ ଋଣ ସହିତ ସଂଯୁକ୍ତ କରି ଏହାର ନିଲାମ ଡକାଯାଇଥିଲା। ନିକଟରେ ମାଲ୍ୟାଙ୍କ କିଙ୍ଗଫିଶର ଭିଲ୍ଲାର ବିକ୍ରି ହୋଇସାରିଛି। ଉଲ୍ଲେଖଯୋଗ୍ୟ ଯେ ମାଲ୍ୟା ତାଙ୍କର ରଙ୍ଗୀନ ବିଳାସମୟ ଜୀବନ ଶୈଳୀ ପାଇଁ ବେଶ୍ ଜଣାଶୁଣା। ହେଲେ ଏହି ବିଳାସମୟ ପାଇଁ ସେ ଦେବାଳିଆ ହୋଇ ଋଣଗ୍ରସ୍ତ ହୋଇଛନ୍ତି। ଯାହା ଫଳରେ ଦେଶର ବିଭିନ୍ନ ବ୍ୟାଙ୍କରୁ ପୁଳା ପୁଳା ଟଙ୍କା ଋଣ ନେଇ ଶୁଝି ନପାରି ପଳାତକ ଭାବେ ଲଣ୍ଡନରେ ଲୁଚି ରହିଛନ୍ତି।

## ପାକିସ୍ତାନକୁ ଆମେରିକାର ପରାମର୍ଶ

# 'ଆତଙ୍କବାଦକୁ ଦମନ କର'

**ଇସଲାମାବାଦ :** ଆତଙ୍କବାଦ ସଂଗଠନଗୁଡ଼ିକ ମଧ୍ୟରେ ବାଛ ବିଚାର ନ ରଖି ସବୁ ଆତଙ୍କବାଦୀଙ୍କୁ ଦମନ କରିବା ଲାଗି ପାକିସ୍ତାନକୁ ପରାମର୍ଶ ଦେଇଛି ଆମେରିକା। ଆମେରିକାର ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍ଏସ୍ଏ) ଏଚ୍ ଆର ମ୍ୟାମାଷ୍ଟର ପାକିସ୍ତାନ ସାମରିକ ଓ ବେସାମରିକ ଅଧିକାରୀଙ୍କ ସହିତ ଆଲୋଚନା କାଳରେ ଏହି ପରାମର୍ଶ ଦେଇଛନ୍ତି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କ୍ଷମତାକୁ ଆସିବା ପରେ ଆମେରିକା ପ୍ରଶାସନର ପ୍ରଥମ ବରିଷ୍ଠ ଅଧିକାରୀଭାବେ ମ୍ୟାକମାଷ୍ଟର ପାକିସ୍ତାନ ଗସ୍ତ କରିଥିଲେ। ତାଙ୍କ ଗସ୍ତ ଅଚାନକ ଥିଲା। ସେ ପାକିସ୍ତାନରେ ପହଞ୍ଚିବାପରେ ପ୍ରଧାନମନ୍ତ୍ରୀ ନୱାଜ ସରିଫ, ସରିଫଙ୍କ ବୈଦେଶିକ ବ୍ୟାପାର ପରାମର୍ଶଦାତା ସରତାଜ ଅଜିଜ, ସେନାମୁଖ୍ୟ କ୍ୱାମାର ଜାଭେଦ ବାଜୱା, ପାକିସ୍ତାନ ଏନ୍ଏସ୍ଏ ଲେଫ୍ଟନାଣ୍ଟ ଜେନେରାଲ (ଅବସରପ୍ରାପ୍ତ) ନାସେର ଜାଞ୍ଜୁଆ ଏବଂ ପ୍ରଧାନମନ୍ତ୍ରୀଙ୍କ ବୈଦେଶିକ ବ୍ୟାପାର ସ୍ୱତନ୍ତ୍ର ସହଯୋଗୀ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିବା ଜଣାଯାଇଛି। ଏହି ଆଲୋଚନା କାଳରେ ମ୍ୟାକମାଷ୍ଟର ପାକିସ୍ତାନରେ ଗଣତାନ୍ତ୍ରିକ ବ୍ୟବସ୍ଥା ଓ ଆର୍ଥିକ ବିକାଶ ନେଇ ସନ୍ତୋଷବ୍ୟକ୍ତ କରିଥିବା ବେଳେ ଆତଙ୍କବାଦକୁ ଦମନ ଲାଗି ପରାମର୍ଶ ଦେଇଛନ୍ତି। ଭାରତ-ପାକିସ୍ତାନ ଦ୍ୱିପାକ୍ଷିକ ସମ୍ପର୍କ ପ୍ରସଙ୍ଗ ଉଠାଇ ସରିଫ କହିଛନ୍ତି ଯେ ଆଲୋଚନା ମାଧ୍ୟମରେ ସମସ୍ତ ସମସ୍ୟାର ସମାଧାନ କରିବାକୁ ପାକିସ୍ତାନ ଆଗ୍ରହୀ। ମାତ୍ର ଭାରତ ଏହି କଥାବାର୍ତ୍ତାକୁ ବାତିଲ କରିଆସୁଛି। କାଶ୍ମୀର ସମେତ ଭାରତ-ପାକ୍ ବିବାଦରେ ମଧ୍ୟସ୍ଥତା ପାଇଁ ଟ୍ରମ୍ପଙ୍କ ଆଗ୍ରହକୁ ପାକିସ୍ତାନ ସ୍ୱାଗତ କରେ ବୋଲି ସରିଫ କହିଛନ୍ତି। ପାକିସ୍ତାନ ଗସ୍ତ ପକ୍ଷରୁ ଆଫଗାନିସ୍ତାନ ଗସ୍ତ କରି ଆମେରିକା କରିଥିବା ଅଣପରମାଣୁ ବୋମା ମାଡର କ୍ଷତିକୁ ଆକଳନ କରିଥିଲେ ମ୍ୟାକମାଷ୍ଟର।

# ଗୋଇନ୍ଦା ବିଫଳତାକୁ ନେଇ ଉଦ୍‌ବେଗ

**ନୂଆଦିଲ୍ଲୀ :** ୨୦୧୬ ଜାନୁଆରୀ ୨ରେ ପଠାନ୍‌କୋଟ ଏୟାରବେସ୍‌ରେ ଆତଙ୍କୀ ହମ୍‌ଲା ହେବାର ଗୋଟିଏ ବର୍ଷ ଟପିଗଲାଣି। କିନ୍ତୁ ଏପର୍ଯ୍ୟନ୍ତ ରାଷ୍ଟ୍ରୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ଏହାର ତଦନ୍ତ ଶେଷ କରିନାହିଁ। ଏ ପ୍ରକାର ଗୋଇନ୍ଦା ବିଫଳତା ନେଇ ମଧ୍ୟ ଆଦୌ ବିଶ୍ଳେଷଣ କରାଯାଇନାହିଁ ବରିଷ୍ଠ କଂଗ୍ରେସ ନେତା ପି ଚିଦାମ୍ବରମଙ୍କ ନେତୃତ୍ୱରେ ଗଠିତ ସ୍ୱରାଷ୍ଟ୍ର ବ୍ୟାପାର ସମ୍ପର୍କିତ ସଂସଦୀୟ ଷ୍ଟାଣ୍ଡି କମିଟି କହିଛି। ପଠାନ୍‌କୋଟ, ଉରି ଓ ଅନ୍ୟ ଆତଙ୍କୀ ହମ୍‌ଲାରେ ଗୋଇନ୍ଦା ସଂସ୍ଥାର ବିଫଳତାରେ ସଂସଦୀୟ କମିଟି ଉଦ୍‌ବେଗ ପ୍ରକାଶ କରିଛି। ଗୋଟିଏ ପରେ ଗୋଟିଏ ଆତଙ୍କୀ ହମ୍‌ଲା ଘଟି ଚାଲିଥିଲିଥିବାରୁ ଗୋଇନ୍ଦା ସଂସ୍ଥାର ଦକ୍ଷତା ପଦାରେ ପଡିଛି ଏବଂ ଏହା ସେମାନଙ୍କର ବିଫଳତା ବୋଲି କମିଟି ଦର୍ଶାଇଛି। ଆମର ଗୋଇନ୍ଦା ସଂସ୍ଥା ପଠାନ୍‌କୋଟ, ଉରି, ପାମ୍ପୋର, ବାରମୁଲା ଓ ନାଗ୍ରୋଟାରେ ଘଟିଥିବା ଆତଙ୍କୀ ହମଲା ସମ୍ପର୍କରେ କାହିଁକି ଆଗୁଆ ସୂଚନା ପାଇପାରିଲା ନାହିଁ ବୋଲି କମିଟି ପ୍ରଶ୍ନ ଉଠାଇଛି। ଏହା ଗୋଇନ୍ଦା ସଂସ୍ଥାଗୁଡିକର ବିଫଳତାକୁ ପ୍ରମାଣିତ କରୁଛି। ପଠାନକୋଟ୍ ହମ୍‌ଲାରେ ୭ଜଣ ଯବାନ ପ୍ରାଣ ହରାଇଥିଲେ। ସେହିପରି ଉରି ସେନା ବ୍ରିଗେଡ୍ ହେଡ୍‌କ୍ୱାର୍ଟରରେ ହମ୍‌ଲା ହେବାରୁ ୧୯ଜଣ ଯବାନ ସହିଦ ହୋଇଥିଲେ। ୨୦୧୬ ଜୁନ୍ ୨୫ରେ ପାମ୍ପୋରରେ ଆତଙ୍କବାଦୀମାନେ ସିଆର୍‌ପିଏଫ୍ ଯବାନଙ୍କ ଗାଡି ଉପରେ ଆକ୍ରମଣ କରିଥିଲେ। ୨୦୧୬ ଅକ୍ଟୋବର ୩ରେ ବାରମୁଲା ଜିଲ୍ଲାରେ ରାଷ୍ଟ୍ରୀୟ ରାଇଫଲ୍ସର କ୍ୟାମ୍ପ ଉପରେ ଆତଙ୍କୀ ହାମଲା ହୋଇଥିଲା। ନାଗ୍ରୋଟାରେ ୨୦୧୬ ନଭେମ୍ବର ୨୯ରେ ଆତଙ୍କୀ ହମ୍‌ଲା ହେବାରୁ ୭ଜଣ ଯବାନ ସହିଦ ହୋଇଥିଲେ। ଏହାଛଡ଼ା ସୀମାରେ ମଧ୍ୟ ଅନୁପ୍ରବେଶ ଅନେକ ମାତ୍ରାରେ ବୃଦ୍ଧି ପାଇଛି। ଏହି ଅନୁପ୍ରବେଶ କିପରି ହେଉଛି ସରକାର ତଦନ୍ତ କରିବା ଦରକାର ବୋଲି କମିଟି ପକ୍ଷରୁ ମତ ଦିଆଯାଇଛି। ସୀମାରେ ଟନେଲ ଠାବ ହେବା ସମ୍ପର୍କରେ ମନ୍ତ୍ରଣାଳୟ ପକ୍ଷରୁ ବୈଷୟିକ ଉପାୟରେ ଅନୁଧ୍ୟାନ କରାଯାଇ ଏହାର ପ୍ରତିକାର ଦିଗରେ ପଦକ୍ଷେପ ନିଆଯିବା ଜରୁରୀ ବୋଲି କମିଟି ପକ୍ଷରୁ କୁହାଯାଇଛି।

# ଭାରତୀୟ ରେଳ : ଗ୍ରୀଷ୍ମରେ ଋତୁରେ ସ୍ୱତନ୍ତ୍ର ସୁବିଧା

**ନୂଆଦିଲ୍ଲୀ :** ଗ୍ରୀଷ୍ମ ଋତୁରେ ଯାତ୍ରୀଭିଡ଼କୁ ଦୃଷ୍ଟିରେ ରଖି ରେଲୱେ ପକ୍ଷରୁ ଯାତ୍ରୀମାନଙ୍କ ସୁବିଧା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଟ୍ରେନ୍ ଗନ୍ତବ୍ୟ ସ୍ଥଳକୁ ଯାତ୍ରା କରିବାର ଅତିକମ୍‌ରେ ୪ ଘଣ୍ଟା ପୂର୍ବରୁ ଚୂଡ଼ାନ୍ତ ସିଟ୍ ସଂରକ୍ଷଣ ତାଲିକା ପ୍ରକାଶ ପାଇବ। ପ୍ରଥମ ସଂରକ୍ଷର ତାଲିକା ପ୍ରକାଶ ପାଇବ। ପ୍ରଥମ ସଂରକ୍ଷଣ ତାଲିକା ପ୍ରକାଶ ପରେ ମଧ୍ୟ ଦ୍ୱିତୀୟ ତାଲିକା ପ୍ରସ୍ତୁତି ସକାଶେ ରିଜର୍ଭେସନ୍ କାଉଣ୍ଟର ଏବଂ ଇଣ୍ଟରନେଟ୍‌ରେ ସିଟ୍ ବୁକିଂ ସୁବିଧା ଉପଲବ୍ଧ ହେବ। ଦ୍ୱିତୀୟ ତାଲିକା ପ୍ରସ୍ତୁତି ପରେ ବଳକା ସିଟ୍‌କୁ ପରବର୍ତ୍ତି ଷ୍ଟେସନରେ ହୋଇଥିବା ଆବେଦନ ସକାଶେ ଉପଲବ୍ଧ କରାଯିବ। ଆଇଆରସିଟିସି ୱେବ୍‌ସାଇଟ୍‌ରେ ମଧ୍ୟ ଆଉ କେତେକ ପଦକ୍ଷେପ ନିଆଯାଇଛି। ୱେଟିଂ ଲିଷ୍ଟରେ ଥିବା ଯାତ୍ରୀମାନଙ୍କୁ ଅଧିକ ମୂଲ୍ୟ ନ ନେଇ ଅନ୍ୟ ଟ୍ରେନ୍‌ରେ ସିଟ୍ ଉପଲବ୍ଧ କରାଯିବ। ବିକଳ୍ପ ଯୋଜନାରେ ମିଳୁଥିବା ଏହି ସୁବିଧା ୧.୪.୨୦୧୭ ତାରିଖ ପୂର୍ବରୁ ହୋଇଥିବା ଇ-ଟିକେଟ୍ ପାଇଁ ମଧ୍ୟ ଉପଲବ୍ଧ। ଷ୍ଟେସନର ସଂରକ୍ଷଣ କାଉଣ୍ଟରରେ ହୋଇଥିବା ଟିକେଟକୁ ଆଇଆରସିଟିସି ୱେବ୍‌ସାଇଟ୍ ବା ୧୩୯ ନମ୍ବରକୁ ଡାଏଲ କରି ବାତିଲ କରିହେବ। ଇ-ଟିକେଟରେ ହୋଇଥିବା ସଂରକ୍ଷଣ ପାଇଁ ଟ୍ରେନ୍ ଯାତ୍ରାରମ୍ଭ କରିବାର ଅତି କମ୍‌ରେ ୨୪ ଘଣ୍ଟା ପୂର୍ବରୁ ଆଇଆରସିଟିସି ମାଧ୍ୟମରେ ଯାତ୍ରୀଙ୍କ ଯାତ୍ରାରମ୍ଭ ଷ୍ଟେସନକୁ ପରିବର୍ତ୍ତନ କରିହେବ। ଅନ୍ ଲାଇନ୍ ବୁକିଂରେ ଯାତ୍ରୀଙ୍କୁ ମାଗଣାରେ ହ୍ୱିଲ୍ ଚେୟାର ଉପଲବ୍ଧ କରାଯିବ। ରିଟାୟାରିଂ ରୁମ୍ ସୁବିଧା ପାଇବାକୁ ଅନ୍ ଲାଇନ୍‌ରେ ଆଇଆରସିଟିସି ମାଧ୍ୟମରେ ବୁକିଂ କରାଯାଇପାରିବ। ଆଇଆରସିଟିସି ୱେବ୍‌ସାଇଟ୍ ମାଧ୍ୟମରେ ବେଡ୍‌ରୋଲ୍ କ୍ରୟ କରାଯାଇପାରିବ।

## ସ୍କୁଲ କର୍ତ୍ତୃପକ୍ଷ ବିକିପାରିବେନି ବହି, ପୋଷାକ


**ନୂଆଦିଲ୍ଲୀ :** ସିବିଏସ୍‌ଇ ସହ ଅନୁବନ୍ଧିତ ବିଦ୍ୟାଳୟଗୁଡ଼ିକରେ ଏଣିକି ଛାତ୍ରଛାତ୍ରୀଙ୍କୁ ବହି, ୟୁନିଫର୍ମ ଏବଂ ଅନ୍ୟ ଷ୍ଟେସନାରୀ ସାମଗ୍ରୀ ବିକ୍ରି କରାଯାଇପାରିବନି। ଅନେକ ସ୍କୁଲ କର୍ତ୍ତୃପକ୍ଷ ବିଦ୍ୟାଳୟ ପରିସରରେ ଏଭଳି ସାମଗ୍ରୀ ଚଢ଼ାଦରରେ ବିକ୍ରି କରୁଛନ୍ତି। ବାହାରେ ସେସବୁ କମ୍‌ଦରରେ ମିଳୁଥିଲେ ମଧ୍ୟ ସ୍କୁଲ କର୍ତ୍ତୃପକ୍ଷ ବାହାରୁ କିଣିବା ପାଇଁ ପିଲାଙ୍କୁ ଅନୁମତି ଦେଉନାହାନ୍ତି। ବାଧ୍ୟହୋଇ ଅଭିଭାବକମାନେ ଚଢ଼ାଦରରେ ବିଦ୍ୟାଳୟରୁ କିମ୍ବା ସ୍କୁଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଦୋକାନରୁ ଏସବୁ ସାମଗ୍ରୀ କିଣୁଛନ୍ତି। ଏ ସମ୍ପର୍କରେ ଅନେକ ଅଭିଭାବକ ସିବିଏସଇ ନିକଟରେ ଅଭିଯୋଗ କରିବା ପରେ ଏହି କଟକଣା ଜାରି କରାଯାଇଛି। ସିବିଏସ୍‌ଇ କହିଛି ଯେ ଏହାର ନିୟମ ଅନୁଯାୟୀ ବିଦ୍ୟାଳୟଗୁଡିକ କମ୍ୟୁନିଟି ସର୍ଭିସ (ସାମାଜିକ ସେବା ପ୍ରଦାନକାରୀ ସଂସ୍ଥା) ଭାବେ ପରିଚାଳନା କରାଯିବ। ଏଗୁଡିକୁ ବାଣିଜ୍ୟିକ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇପାରିବ ନାହିଁ।

## ୭ଟି ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର ହେବ !



**ନୂଆଦିଲ୍ଲୀ :** ଚଳିତ ଆର୍ଥିକବର୍ଷରେ ସରକାର ୭ଟି ଗୁରୁତ୍ୱପୂର୍ଣ୍ଣ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର କରିବେ। ସରକାର ପୁଞ୍ଜି ପ୍ରତ୍ୟାହାର ପାଇଁ ଚୟନ କରିଥିବା ଉଦ୍ୟୋଗଗୁଡ଼ିକ ହେଲା ଆଇଓସିଏଲ (୩%), ସେଲ୍ (୧୦%), ଏନ୍‌ଟିପିସି (୧୦%), ଏନ୍‌ଏଚ୍‌ପିସି (୧୦%), ପିଏଫ୍‌ସି (୧୦%), ଏନ୍‌ଏଲ୍‌ସି (୧୫%), ଆରଇସି (୫%)। ଅର୍ଥ ମନ୍ତ୍ରାଳୟ ଏଥିପାଇଁ ଆଇନ ଉପଦେଷ୍ଟା ଏବଂ ମର୍ଚ୍ଚାଣ୍ଟ ବ୍ୟାଙ୍କ ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ କରିଛି। ସରକାର ଚଳିତ ଆର୍ଥିକବର୍ଷରେ ପୁଞ୍ଜି ପ୍ରତ୍ୟାହାର ବାବଦରେ ୭୨,୫୦୦ କୋଟି ଟଙ୍କା ସଂଗ୍ରହ ଲକ୍ଷ୍ୟ ରଖିଛନ୍ତି। ତେବେ ଉପରୋକ୍ତ କମ୍ପାନୀଗୁଡ଼ିକର ଏବେକାର ସେୟାର ମୂଲ୍ୟ ଅନୁସାରେ ସରକାର ୩୪,୫୦୦ କୋଟି ଟଙ୍କା ସଂଗ୍ରହ କରିବାକୁ ସକ୍ଷମ ହେବେ ବୋଲି ଆଶା କରାଯାଉଛି।

# ବୋତାମ ଚିପିଲେ ହିସାବ ମିଳିବ




**ନୂଆଦିଲ୍ଲୀ :** ଦୀର୍ଘଦିନ ଧରି ଲାଗି ରହିଥିବା ଇଭିଏମ୍ ବିବାଦର ଅବସାନ ଘଟିବାକୁ ଯାଉଛି। ୨୦୦୯ ନିର୍ବାଚନ ଇଭିଏମ୍‌ର ସ୍ୱଚ୍ଛତାକୁ ନେଇ କେତେକ ମହଲରେ ପ୍ରଶ୍ନ ଉଠିଥିଲା, କିନ୍ତୁ ନିର୍ବାଚନ କମିଶନ ବରାବର କହି ଆସୁଥିଲେ ଯେ, ଇଲେକ୍ଟ୍ରୋନିକ୍ସ ଭୋଟିଂ ମେସିନକୁ ଟ୍ୟାମ୍ପରିଂ କରାଯାଇପାରିବ ନାହିଁ। ତେବେ ଉତ୍ତରପ୍ରଦେଶ ନିର୍ବାଚନ ଫଳ ପ୍ରକାଶ ପାଇବା ପରେ ବହୁଜନ ସମାଜବାଦି ପାର୍ଟି ନେତ୍ରୀ ମାୟାବତୀ ଏକ ସାଂଘାତିକ ଅଭିଯୋଗ କରିଥିଲେ। କହିଥିଲେ ଯେ ଯେଉଁ ବଟନ୍ ଟିପିଲେ ଭୋଟ ପଦ୍ମକୁ ଯାଉଛି। ଯେହେତୁ ୟୁପି ନିର୍ବାଚନ ଫଳ ବହୁଜନ ସମାଜବାଦି ପାର୍ଟି, ସମାଜବାଦି ପାର୍ଟି ଏବଂ କଂଗ୍ରେସକୁ ଏଠାରେ ଧୂଳି ଚଟାଇ ଦେଇଥିଲା। ଏହି କାରଣରୁ ତିନି ଦଳ ଇଭିଏମ୍‌କୁ ନେଇ ସାଂଘାତିକ ପ୍ରଶ୍ନ ଉଠାଇଥିଲେ। ଏହି ଦଳ ସହିତ ଯୋଡି ହୋଇଯାଇଥିଲା ଆମ୍ ଆଦ୍‌ମୀ ପାର୍ଟି। ଆପ୍ ପଞ୍ଜାବ ଓ ଗୋଆରେ କ୍ଷମତା ଦଖଲ କରିବ ବୋଲି ସ୍ୱପ୍ନ ଦେଖିଥିଲା। କିନ୍ତୁ ଗୋଆରେ ଗୋଟିଏ ଆସନ ତ ଜିଣିବା ଦୂରର କଥା, ଏହାର ଜଣେ ପ୍ରାର୍ଥୀଙ୍କୁ ଛାଡିଦେଲେ ଆଉ ସମସ୍ତେ ଅମାନତ ହରାଇଥିଲେ। ପଞ୍ଜାବ ମଧ୍ୟ ଆପ୍‌କୁ ନିରାଶ କରିଥିଲା। ପଞ୍ଜାବରେ ନିର୍ବାଚନ ଜିତିଲା କଂଗ୍ରେସ। ତେବେ ବିରୋଧୀ ଦଳଗୁଡିକ ନିର୍ବାଚନ କମିଶନଙ୍କ ନିକଟରେ ଇଭିଏମ୍ ବଦଳରେ ବ୍ୟାଲଟ୍ ଭୋଟିଂ ପୁନଃ ପ୍ରଚଳନ ପାଇଁ ଦାବି କରିଥିଲେ। ମାମଲା ସୁପ୍ରିମ୍‌କୋର୍ଟଙ୍କୁ ମଧ୍ୟ ଯାଇଥିଲା। ଏଥିରେ ପ୍ରଶ୍ନ ଉଠିଥିଲା ଯେ, ପେପର ଟ୍ରେଲ୍ ମେସିନ ପାଇଁ ନିର୍ବାଚନ କମିଶନ ବହୁବାର କହି ଆସୁଥିଲେ ହେଁ କେନ୍ଦ୍ର ଏଥିପ୍ରତି ଦୃଷ୍ଟି ଦେଉନାହିଁ। ଉତ୍ତରପ୍ରଦେଶରେ ୨୧ଟି ଆସନରେ ପିଟିଏମ୍ ବ୍ୟବସ୍ଥା ପ୍ରଚଳନ କରାଯାଇଥିଲା। ଏଥିରୁ ୧୭ଟିରେ ଜିତିଥିଲା ଭାଜପା। ତେଣୁ କେନ୍ଦ୍ର ସରକାର ଇଭିଏମ୍ ସହ ପିଟିଏମ୍ ବ୍ୟବସ୍ଥା ପ୍ରଚଳନ ପାଇଁ ନୀତିଗତ ନିଷ୍ପତ୍ତି ନେଲେ। ୨୦୧୮ ମସିହା ସେପ୍ଟେମ୍ବର ପରେ ଯେକୌଣସି ରାଜ୍ୟର ନିର୍ବାଚନ ବେଳେ ଭୋଟର କାହାକୁ ଭୋଟ ଦେଉଛନ୍ତି, ତାହାର ପ୍ରାମାଣିକ ସ୍ୱରୂପ ଚିରୁକୁଟୀ ଦେଖିପାରିବେ। ଭବିଷ୍ୟତରେ ନିର୍ବାଚନ ପାଇଁ ଇଭିଏମ୍ ସହ ପେପର ଟ୍ରେଲ୍ ମେସିନ୍ କ୍ରୟ କରିବା ପାଇଁ ପୂର୍ବରୁ ନିର୍ବାଚନ କମିଶନ ଦେଇଥିବା ପ୍ରସ୍ତାବକୁ କ୍ୟାବିନେଟ୍ ଗ୍ରହଣ କରିବା ସହ ଏଥିପାଇଁ ୩୦୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଯଦି ସେପ୍ଟେମ୍ବର ୨୦୧୮ ସୁଦ୍ଧା ଏହି ନୂଆ ଇଭିଏମ୍ ତିଆରି ହୋଇପାରିବ ତେବେ ୨୦୧୯ ନିର୍ବାଚନରେ ଇଭିଏମ୍ ସହ ପେପର ଟ୍ରେଲ୍ ମେସିନ୍ ବ୍ୟବହାର ହେବ। ଅର୍ଥାତ୍ କିଏ କାହାକୁ ଭୋଟ୍ ଦେଲା ତାହା ସହଜରେ ଜଣାପଡିଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ହୋଇଥିବା କ୍ୟାବିନେଟ୍ ବୈଠକରେ ଆଲୋଚନା ପରେ ତୁରନ୍ତ ଏହି ମେସିନ୍ କ୍ରୟ ପାଇଁ ଅନୁମୋଦନ ହୋଇଥିଲା। ନିର୍ବାଚନ କମିଶନର ଦେଶର ସମସ୍ତ ମତଦାନ କେନ୍ଦ୍ର ପାଇଁ ୧୬ ଲକ୍ଷରୁ ଅଧିକ ପେପର ଟ୍ରେଲ୍ ମେସିନ କ୍ରୟ ନିମନ୍ତେ ୩୧୭୪ କୋଟି ଟଙ୍କା ମାଗିଥିଲେ। କ୍ୟାବିନେଟ୍ ବୈଠକ ପରେ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ କହିଥିଲେ ନିର୍ବାଚନ କମିଶନର ପୂର୍ବରୁ ଅନେକ ଥର ଏହି ପେପର ଟ୍ରେଲ୍ ମେସିନ୍ ନିମନ୍ତେ ଦାବି କରି ଆସୁଥିଲା ବେଳେ ଏହାକୁ ମଞ୍ଜୁରି ଦିଆଯାଇଛି। ପୂର୍ବରୁ ନିର୍ବାଚନ କମିଶନର ସୂଚନା ଦେଇଥିଲେ ଯେ ୧୬ ଲକ୍ଷ ମେସିନ୍ ତିଆରି ପାଇଁ ଦୁଇ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଇସିଆଇଏଲ୍ ଏବଂ ବିଇଏଲ୍‌କୁ ୩୦ ମାସ ସମୟ ଦରକାର। ଏଠାରେ ସୂଚନାଯୋଗ୍ୟ ଯେ, ଉତ୍ତରପ୍ରଦେଶରେ ଭାଜପାର ବିପୁଳ ବିଜୟ ପରେ ୧୬ଟି ରାଜନୈତିକ ଦଳ ଇଭିଏମ୍‌ର ଦୁରୁପଯୋଗ କରାଯାଉଥିବା ଅଭିଯୋଗ ନେଇ ରାଷ୍ଟ୍ରପତିଙ୍କ ନିକଟରେ ପହଞ୍ଚିଥିଲେ। ସେମାନଙ୍କ ଦାବି ଥିଲା ଇଭିଏମ୍‌ର ଯେକୌଣସି ବଟନ୍ ଦାବିଲେ ଭାଜପାକୁ ଭୋଟ୍ ଯାଉଛି।


# କଳାଟଙ୍କା ନେଇ ଇ-ମେଲ୍ : ଯାଞ୍ଚ ପାଇଁ ପଦକ୍ଷେପ ଆରମ୍ଭ

**ମୁମ୍ବାଇ :** ବିମୁଦ୍ରୀକରଣ ସମୟରେ କଳାଟଙ୍କା ଜମା କରିଥିବା କିମ୍ବା ସାଇତି ରଖିଥିବା ବ୍ୟକ୍ତିଙ୍କ ସମ୍ପର୍କରେ ସୂଚନା ଦେବାକୁ ଆୟକର ବିଭାଗ ପକ୍ଷରୁ ଏକ ଇମେଲ୍ ଆଇଡି ଖୋଲାଯାଇଥିଲା। ଏହି ଇ-ମେଲ୍ ଆଇଡି ମାଧ୍ୟମରେ ଲୋକଙ୍କୁ ଆହ୍ୱାନ କରାଯାଇଥିଲା। ବିଭାଗକୁ ଏନେଇ ୩୮ ହଜାରରୁ ଅଧିକ ଇ-ମେଲ୍ ଆସିଛି। ଏଥିମଧ୍ୟରୁ ୬୦୫୦ଟି ବା ୧୬ ପ୍ରତିଶତ ଇ-ମେଲ୍‌କୁ ଯାଞ୍ଚ ପାଇଁ ଆୟକର ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ଇ-ମେଲ୍ ଗୁଡିକୁ ଅଧିକ ତଦନ୍ତ ପାଇଁ ଆୟକର ମହାନିର୍ଦ୍ଦେଶକ (ତଦନ୍ତ)ମାନଙ୍କ ନିକଟକୁ ଆୟକର ବିଭାଗ ପକ୍ଷରୁ ପଠାଯାଇଛି। ଅବଶିଷ୍ଟ ୩୨ ହଜାର ୧୮ଟି ଇ-ମେଲ୍ ଉପରେ ଅଧିକ ତଦନ୍ତ କରା ନଯାଇ ସେଥିରେ ପୂର୍ଣ୍ଣଚ୍ଛେଦ ପକାଯାଇଛି। ସୂଚନା ଅଧିକାର ଆଇନ (ଆରଟିଆଇ) ବଳରେ ମଗା ଯାଇଥିବା ଏକ ପ୍ରଶ୍ନର ଉତ୍ତରରେ ସିବିଡିଟି ଏହା କହିଛି। ମୁମ୍ବାଇର ସୂଚନା ଅଧିକାର କର୍ମୀ ଜିତେନ୍ଦ୍ର ଖାଡ୍‌ଗେ ଏ ନେଇ ସୂଚନା ମାଗିଥିଲେ। ତେବେ କେତେ ସଂଖ୍ୟକ ମିଥ୍ୟା ଇ-ମେଲ୍ ମିଳିଥିବା ନେଇ ସେ କରିଥିବା ପ୍ରଶ୍ନର ଉତ୍ତରରେ ସିବିଡିଟି ପକ୍ଷରୁ କୁହାଯାଇଛି ଯେ ତଦନ୍ତ ଶେଷ ହେବା ପରେ ଏହା ଜଣାପଡିବ। ସୂଚନାଥାଉ କି ଗତବର୍ଷ ଡିସେମ୍ବରରେ ରାଜସ୍ୱ ସଚିବ ହସ୍‌ମୁଖ ଅଧିଆ କଳାଟଙ୍କା ସମ୍ପର୍କରେ ସୂଚନା ଦେବାକୁ ଚାହୁଁଥିବା ବ୍ୟକ୍ତିଙ୍କ ପାଇଁ ଏକ ଇ-ମେଲ୍ ଆଇଡି ଖୋଲିବାକୁ ଆୟକର ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ମିଳିଥିବା ସମୁଦାୟ ଇ-ମେଲ୍ ମଧ୍ୟରୁ ପ୍ରାୟ ୮୪ ପ୍ରତିଶତ ଇ-ମେଲ୍‌କୁ ବିନା ଅନୁସନ୍ଧାନରେ ବନ୍ଦ କରି ଦିଆଯାଇଛି। ଶ୍ରୀ ଖାଡ୍‌ଗେଙ୍କ କହିବାନୁଯାୟୀ ଅଧିକାଂଶ ଇ-ମେଲ୍‌ରେ ସେଭଳି କୌଣସି ଗୁରୁତ୍ୱ ନଥାଇ ପାରେ କିମ୍ବା କର୍ତ୍ତୃପକ୍ଷ ସେଗୁଡିକୁ ଗୁରୁତର ସହ ବିଚାର କରି ନଥାଇ ପାରନ୍ତି କିମ୍ବା କର୍ମଚାରୀ ଅଭାବ ଯୋଗୁଁ ଏଗୁଡ଼ିକୁ ବନ୍ଦ କରିବା ଲାଗି ବାଧ୍ୟ ହୋଇଥାଇ ପାରନ୍ତି। ଅନ୍ୟଏକ ଆରଟିଆଇ ଆବେଦନରେ ଶ୍ରୀ ଖାଡ୍‌ଗେ ଗତ ଜାନୁଆରୀ ୧ ତାରିଖ ପରେ ରିଜର୍ଭ ବ୍ୟାଙ୍କରେ କେତେ ପରିମାଣର ଅଚଳ ନୋଟ୍ ଜମା ହୋଇଛି ସେ ନେଇ ସୂଚନା ମାଗିଥିଲେ। ରିଜର୍ଭ ବ୍ୟାଙ୍କ ପକ୍ଷରୁ ଦର୍ଶାଯାଇ ଏହା ଦିଆଯାଇନାହିଁ। ଆର୍ଟିଆଇ ଆଇନ୍ ଅନୁସାରେ ଏହି ସୂଚନା ପ୍ରଦାନକୁ ଛାଡ କରାଯାଇଛି।

## ସ୍ଥାୟୀ ମହାକାଶ କେନ୍ଦ୍ର ନିର୍ମାଣ ଆଗକୁ ବଢୁଛି ଚାଇନା

**ବେଜିଂ :** ସମଗ୍ର ବିଶ୍ୱରେ ଚାଇନା ପ୍ରଥମ କରି ମାଲବାହୀ ମହାକାଶଯାନ ତିଆଙ୍ଗଝୋଉ-୧କୁ ମହାକାଶକୁ ପ୍ରେରଣ କରିଛି। ଏହି ଯାନଟି ପର୍ଯ୍ୟବେକ୍ଷଣ ମହାକାଶ କେନ୍ଦ୍ରରେ ଅବତରଣ କରିବ। ଚାଇନାର ମାନବବାହୀ ମହାକାଶଯାନ କାର୍ଯ୍ୟକ୍ରମ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ମାଲବାହୀ ମହାକାଶଯାନକୁ ମାର୍ଚ୍ଚ ୭ରେ ଏକ ଲମ୍ବା ୱାଇ ୨ କ୍ୟାରିୟର ରକେଟ୍ ଯୋଗେ ଟେଷ୍ଟିଂ ସେଣ୍ଟରଠାରୁ ଦକ୍ଷିଣ ଚାଇନାର ହାଇନାନ୍ ପ୍ରଦେଶର ୱେନଚାଙ୍ଗସ୍ଥିତ ଲଞ୍ଚ ଯୋଜନାକୁ ନିଆଯାଇଥିଲା। ରାଷ୍ଟ୍ର ପରିଚାଳିତ ଜିନୁହୁଆ ଖବର ସରବରାହ ସଂସ୍ଥା ସୂତ୍ରକୁ ଉଦ୍ଧାର କରି କୁହାଯାଇଛି ଯେ ତିଅଙ୍ଗଝୋଉ-୧ ମିଶନ୍ ଏହାର ଲଞ୍ଚିଙ୍ଗ ଷ୍ଟେଜ୍‌ରେ ପ୍ରବେଶ କରିଛି। ଋଷୀୟ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର ସହ ପ୍ରତିଦ୍ୱନ୍ଦ୍ୱିତା କରି ୨୦୨୨ ସୁଦ୍ଧା ସ୍ଥାୟୀ ମହାକାଶ କେନ୍ଦ୍ର ନିର୍ମାଣ କରିବାକୁ ଚାଇନା ବର୍ତ୍ତମାନ ପ୍ରକ୍ରିୟା ଆରମ୍ଭ କରିଛି। ବିଶେଷଜ୍ଞମାନେ ଫେବୃଆରୀରୁ ସ୍ପେସ୍‌କ୍ରାଫ୍ଟ ଏବଂ ରକେଟ୍‌କୁ ମିଳିତ କରାଇ ବହୁ ପରୀକ୍ଷା ନିରୀକ୍ଷା କରିଛନ୍ତି। ଆଗାମୀ ଦିନଗୁଡିକରେ ବିଶେଷଜ୍ଞମାନେ ସ୍ପେସ୍‌କ୍ରାଫ୍ଟ ଓ ରକେଟ୍ ପରୀକ୍ଷା ଜାରି ରଖିବା ସହିତ ଲଞ୍ଚ ପୂର୍ବରୁ ଇନ୍ଧନ ଭରିବେ। ତିଆଙ୍ଗଝୋଉ-୧ ହେଉଛି ପ୍ରଥମ ମାଲବାହୀ ମହାକାଶଯନ ଯାହାକୁ ଚାଇନା କୌଣସି ଦେଶର ବିନା ସହାୟତାରେ ନିର୍ମାଣ କରିଛି। ପ୍ରଦକ୍ଷିଣକାରୀ ତିଆନଗଙ୍ଗ-୨ ସ୍ପେସ୍ ଲାବ୍‌ରେ ଏହା ଅବତରଣ କରି ସେହି ଅବସ୍ଥାରେ ହିଁ ଏଥିରେ ଇନ୍ଧନ ଭରବ ବୋଲି ରିପୋର୍ଟରେ କୁହାଯାଇଛି। ଉକ୍ତ ମହାକାଶଯାନ ପୃଥିବୀ ପୃଷ୍ଠକୁ ଆସିବା ପୂର୍ବରୁ ମାଧ୍ୟାକର୍ଷଣ ଶକ୍ତି ସମେତ ମହାକାଶ ପର୍ଯ୍ୟବେକ୍ଷଣ କାର୍ଯ୍ୟ ଜାରି ରଖିବ ବୋଲି ଜଣାପଡିଛି।

# ଇଭିଏମ୍‌କିଣା ପ୍ରସଙ୍ଗ : ପାଣ୍ଠି ମାଗିଲେ ଇସି




**ନୂଆଦିଲ୍ଲୀ :** ୨୦୧୯ ଲୋକସଭା ନିର୍ବାଚନ ପୂର୍ବରୁ ନୂଆ ଇଭିଏମ୍ କିଣିବା ପାଇଁ ତୁରନ୍ତ ପାଣ୍ଠି ଯୋଗାଇଦେବାକୁ ନିର୍ବାଚନ କମିଶନ (ଇସି) ସରକାରଙ୍କୁ କହିଛନ୍ତି। ଏହି ନିର୍ବାଚନରେ ଭିଭିପିଏଟି (ମତଦାନ ସମ୍ପର୍କରେ ଜାଣିହେଉଥିବା କାଗଜ) ବ୍ୟବହାର କରିବାକୁ ଇସି ପଦକ୍ଷେପ ନେଉଛନ୍ତି। ମୁଖ୍ୟ ନିର୍ବାଚନ କମିଶନର ନଶିମ ଜୈଦି ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦଙ୍କୁ ଗତ ମାର୍ଚ୍ଚ ୨୨ରେ ଏକ ପତ୍ର ଲେଖିଥିଲେ। ସେ ଜଣାଇଥିଲେ ଭିଭିପିଏଟି କିଣାଯିବା ଲାଗି ଅର୍ଡର ଦିଆଯିବାକୁ ଆଉ ବିଳମ୍ବ କରାଯାଇପାରିବ ନାହିଁ। ୨୦୧୮ ସେପ୍ଟେମ୍ବର ସୁଦ୍ଧା ଏହାକୁ ପ୍ରସ୍ତୁତ କରାଯିବା ଦରକାର। ନଚେତ୍ ୨୦୧୯ ସାଧାରଣ ନିର୍ବାଚନରେ ଏହି ନୂଆ ଧରଣର ଇଭିଏମ୍ ବ୍ୟବହାର କରାଯିବା ସମ୍ଭବ ହେବନାହିଁ ବୋଲି ନିର୍ବାଚନ କମିଶନ କହିଛନ୍ତି। ସେହିପରି ଜୈଦ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି, ଆଗକୁ ଯେତେ ନିର୍ବାଚନ ହେବ ସେଥିରେ ଇଭିଏମ୍ ବିହିତ ଭିଭିପିଏଟି ବ୍ୟବସ୍ଥା କରିବାକୁ କମିଶନ ବିହିତ ପଦକ୍ଷେପ ନେଉଛନ୍ତି। ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ହେବାକୁ ନିର୍ବାଚନ କମିଶନ ଚାହାନ୍ତି। ଏହାଦ୍ୱାରା ଭୋଟରଙ୍କର ଏହି ପ୍ରକ୍ରିୟା ଉପରେ ଆସ୍ଥା ଓ ବିଶ୍ୱା ବଢ଼ିବ। ଏହି ଦୃଷ୍ଟିରୁ ଭିଭିପିଏଟି ସଂଗ୍ରହ କରିବାରେ ଆଉ ବିଳମ୍ବ କରାଯିବା ଅନୁଚିତ ହେବ। ତେଣୁ ଏଥିପାଇଁ ଶୀଘ୍ର ପାଣ୍ଠି ମଞ୍ଜୁର କରିବାକୁ ଜୈଦ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି। ମାନ୍ୟବର ସୁପ୍ରିମ୍‌କୋର୍ଟଙ୍କ ଇଚ୍ଛା ମୁତାବକ ଏହା କରାଯିବା ଦରକାର ବୋଲି ସେ କହିଛନ୍ତି। ସୂଚନାଥାଉ କି ଏବେ ନିର୍ବାଚନ କମିଶନ ପକ୍ଷରୁ କେବଳ ଜେନେରେସନ୍-୨ ଓ ୩ ଇଭିଏମ୍ ବ୍ୟବହାର କରାଯାଉଛି। କମିଶନ ନିକଟରେ ପ୍ରାୟ ୫୩,୫୦୦ ଜେନେରେସନ୍-୩ ଅର୍ଥାତ୍ ଏମ୍-୩ ଇଭିଏମ୍ ରହିଛି। ଏଥିରୁ ପେପର ଟ୍ରେଲ୍ ବାହାରି ପାରିବ। କିନ୍ତୁ ସମଗ୍ର ଲୋକସଭା ନିର୍ବାଚନରେ ଏହାକୁ ବ୍ୟବହାର କରିବାକୁ ହେଲେ ୧୫.୫ଲକ୍ଷ ନୂଆ ପିଢ଼ିର ଇଭିଏମ୍ ଆବଶ୍ୟକ ପଡିବ। ୨୦୧୪ ଜୁନ୍ ସୁଦ୍ଧା କମିଶନ ସରକାରଙ୍କୁ ପାଣ୍ଠି ଯୋଗାଇ ଦେବା ଲାଗି ୧୧ ଥର ରିମାଇଣ୍ଡର ପଠାଇଲେଣି। ଗତବର୍ଷ ଜୈଦି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖି ଭିଭିପିଏଟି କିଣିବା ପାଇଁ ୩୧୭୪ କୋଟି ଟଙ୍କା ମାଗିଥିଲେ। ଗତ ଜାନୁଆରୀ ୧୦ରେ ଶେଷ ଥର ପାଇଁ କମିଶନ ପକ୍ଷରୁ ସରକାରଙ୍କୁ ରିମାଇଣ୍ଡର ପ୍ରଦାନ କରାଯାଇଛି।

## ଟ୍ରେନ୍ ବିଳମ୍ବ ହେଲେ ଅଧିକାରୀଙ୍କୁ ଦଣ୍ଡ

**ନୂଆଦିଲ୍ଲୀ :** ଟ୍ରେନ ବିଳମ୍ବ ନେଇ ଯାତ୍ରୀଙ୍କ ଅଭିଯୋଗ ଉପରେ ଗୁରୁତ୍ୱ ଦେଇଛନ୍ତି ରେଳମନ୍ତ୍ରୀ ସୁରେଶ ପ୍ରଭୁ। ଏଥିପାଇଁ ସେ ରେଳ କର୍ମଚାରୀଙ୍କୁ ଦାୟୀ କରିଛନ୍ତି। ଏଣିକି ଟ୍ରେନ ବିଳମ୍ବ ପାଇଁ ରେଳକର୍ମଚାରୀଙ୍କୁ ଦାୟୀ କରାଯିବ ଓ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ଟ୍ରେନର ସମୟାନୁବର୍ତ୍ତିତାକୁ ଠିକ୍ କରିବା ଲାଗି ବରିଷ୍ଠ ଅଧିକାରୀ ରାତ୍ରୀ ପର୍ଯ୍ୟାୟରେ କାର୍ଯ୍ୟ କରିବେ। ରାତି ୧୦ଟାରୁ ସକାଳ ୭ଟା ମଧ୍ୟରେ ହେଉଥିବା ଟ୍ରେନ ଚଳାଚଳ ଉପରେ ଗୁରୁତ୍ୱ ଦେଇ ସମୟାନୁବର୍ତ୍ତୀତାକୁ ଠିକ୍ କରିବାକୁ କୁହାଯାଇଛି। ସେହିପରି ଟ୍ରେନ ଚଳାଚଳର ସମୟ ସାରଣୀକୁ ନେଇ ରହୁଥିବା ପାର୍ଥକ୍ୟ ରେଳମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ନ୍ୟାସନାଲ ଟ୍ରେନ ଇନକ୍ୱାରି ସିଷ୍ଟମ (ଏନଟିଇଏସ୍)ର ୱେବସାଇଟକୁ ସଂଶୋଧନ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ୱେବସାଇଟ୍‌ର ସମୟ ଓ ଟ୍ରେନ ଛାଡିବାର ବାସ୍ତବ ସମୟ ଠିକ୍ କରିବାକୁ କୁହାଯାଇଛି।

# ପାରାଦୀପରୁ ଆସାମକୁ ଲମ୍ବିବ ତୈଳ ପାଇପ୍



**ଭୁବନେଶ୍ୱର :** ପାରାଦୀପ ବନ୍ଦର, ଭାରତୀୟ ତୈଳ ନିଗମ ଓ ନୁମାଲିଗଡ଼ ତୈଳ ବିଶୋଧନାଗାର ମଧ୍ୟରେ ଆସାମର ନୁମାଲିଗଡ଼ ତୈଳ ବିଶୋଧନାଗାରକୁ ପାରାଦୀପରୁ ଅଶୋଧିତ ତୈଳ ଯୋଗାଣ ପାଇଁ ଏକ ତ୍ରିପାକ୍ଷିକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଯାଇଛି। ଭୁବନେଶ୍ୱରରେ କେନ୍ଦ୍ର ସଡ଼କ ପରିବହନ ଓ ଜାହାଜ ଚଳାଚଳ ମନ୍ତ୍ରୀ ନୀତିନ ଗଡ଼କରୀ, କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଆସାମର ଅର୍ଥମନ୍ତ୍ରୀ ହିମନ୍ତ ବିଶ୍ୱ ସର୍ମା ଏବଂ ଆସାମର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ସିଏମ୍ ପଟୱାରୀଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଚୁକ୍ତି ସ୍ୱାକ୍ଷର ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର କହିଛନ୍ତି, ନୁମାଲିଗଡ ତୈଳ ବିଶୋଧନାଗାର ସମ୍ପ୍ରସାରିତ ୟୁନିଟ୍ ପାଇଁ ଅଧିକ ଅଶୋଧିତ ତୈଳ ଆବଶ୍ୟକ ହେଉଥିବାରୁ ଭାରତୀୟ ତୈଳ ନିଗମ ଆବଶ୍ୟକ ଅଶୋଧିତ ତୈଳ ବିଶୋଧନ ପାଇଁ ଯୋଗାଇବ। ତୈଳ ନିଗମ ପ୍ରଥମେ ପାରାଦୀପ ବନ୍ଦରରେ ଏକ ବୃହତ ଅଶୋଧିତ ତୈଳ ଟର୍ମିନାଲ ପ୍ରତିଷ୍ଠା କରିବ। ସେଠାରୁ ପାଇପ୍‌ଲାଇନ ଯୋଗେ ନୁମାଲିଗଡ଼ ତୈଳ ବିଶୋଧନାଗାରକୁ ଅଶୋଧିତ ତୈଳ ପଠାଯିବ। ନୁମାଲିଗଡ ତୈଳ ବିଶୋଧନାଗାର ଉତ୍ତର ପୂର୍ବାଞ୍ଚଳ ରାଜ୍ୟମାନଙ୍କୁ ତୈଳ ଯୋଗାଇବା ସହ ପଡୋଶୀ ଭୁଟାନ, ବାଂଲାଦେଶ ଏବଂ ମିଆଁମାରକୁ ମଧ୍ୟ ତୈଳ ଯୋଗାଇପାରିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି। ଭବିଷ୍ୟତରେ ଏହା ଉତ୍ତର-ପୂର୍ବ ଭାରତ ପାଇଁ ଏକ ବଡ ଶକ୍ତି ଉତ୍ସ ରୂପେ ଉଭା ହେବ। ପାରାଦୀପରୁ ଆସାମର ନୁମାଲିଗଡ଼ ପର୍ଯ୍ୟନ୍ତ ୧୪୦୦ କିମିର ପାଇପ୍‌ଲାଇନ୍ ବିଛାଯିବ। ଏହାଦ୍ୱାରା ବାର୍ଷିକ ୧୦ଲକ୍ଷ ମେଟ୍ରିକ୍ ଟନ୍‌ର ଅଶୋଧିତ ତୈଳ ବହନ କରାଯାଇପାରିବ ବୋଲି ସୂଚନା ଦିଆଯାଇଛି। ୨୮ ଇଞ୍ଚ ବ୍ୟାସର ଏହି ପାଇପ୍‌ଲାଇନ ବିଛାଇବା ପାଇଁ କେବଳ ଓଡ଼ିଶାରେ ଆଇଓସିଏଲ୍ ଏକ ହଜାର କୋଟି ଟଙ୍କା ବିନିଯୋଗ କରିବ। ବର୍ତ୍ତମାନ ପାରାଦୀପରେ ଭାରତୀୟ ତୈଳ ନିଗମର ବଳକା ଥିବା ସିଙ୍ଗଲ୍ ପଏଣ୍ଟ ମୁରିଙ୍ଗ ଅଶୋଧିତ ତୈଳ ଭଣ୍ଡାର ଓ ପରିବହନ ପାଇଁ ବ୍ୟବହାର କରାଯିବ। ଏହି ତ୍ରିପାକ୍ଷିକ ଚୁକ୍ତି ଗୃହ ନିର୍ମାଣ ଲାଗି ସବ୍‌ସିଡି ସହାୟତା ଯୋଗାଇ ଦିଆଯିବ। ଶ୍ରୀ ଗଡ଼କରୀ କହିଥିଲେ ବନ୍ୟା ନିୟନ୍ତ୍ରଣ ପାଇଁ ପାରାଦୀପ ସମେତ ବଡ ବଡ ବନ୍ଦରରେ ନଦୀ ଓ ମୁହାଣ ଖନନ କରାଯିବ। ନଦୀ ଶଯ୍ୟା ଏବଂ ମୁହାଣରୁ ବାହାରୁଥିବା ବାଲି ରାଜପଥ ନିର୍ମାଣ କାର୍ଯ୍ୟରେ ଲାଗିବ। ରାଜସ୍ଥାନରୁ କଞ୍ଚାମାଲ ଲାଇମ ଷ୍ଟୋନ ଅଣାଯାଇ ପାରାଦୀପରେ ସ୍ଲାଗ ସିମେଣ୍ଟ କାରଖାନା ପ୍ରତିଷ୍ଠା ଲାଗି ଯୋଜନା କରାଯାଇଛି। ଏହା ଫଳବତୀ ହେଲେ ଓଡ଼ିଶାରେ ସିମେଣ୍ଟର ବସ୍ତା ପିଛା ଦର ୧୫୦ ଟଙ୍କା ତଳକୁ ଖସି ଆସିବ ବୋଲି ସେ ସୂଚନା ଦେଇଥିଲେ। କେନ୍ଦ୍ରମନ୍ତ୍ରୀ କହିଥିଲେ ଯେ ପାରାଦୀପ ସ୍ମାର୍ଟସିଟିରେ ଏକ କାଷ୍ଠ ଶିଳ୍ପ ହବ୍ ମଧ୍ୟ ନିର୍ମାଣ କରାଯିବା ଲାଗି ଯୋଜନା ହେଉଛି। ସାଗରମାଳା ପ୍ରକଳ୍ପ ସମ୍ପର୍କରେ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ କହିଥିଲେ ଯେ ଏହି ପ୍ରକଳ୍ପ ଅଧୀନରେ ୧୫ଲକ୍ଷ କୋଟି ଟଙ୍କାରପୁଞ୍ଜି ବିନିଯୋଗ ହେବ। ସେଥିମଧ୍ୟରୁ କେବଳ ୪ଲକ୍ଷ କୋଟି ଟଙ୍କା ବନ୍ଦର ବିକାଶ ଓ ଯାନ୍ତ୍ରିକୀକରଣ ବିନିଯୋଗ ହେବ। ପାରାଦୀପରେ କୋଇଲା ଯୋଗାଣର ଅଭାବ ନଥିବାରୁ ସେଠାରେ କୋଇଲା ବାଷ୍ପୀକରଣ ପଦ୍ଧତି ଉପଯୋଗ କରି ଏକ ବୃହତ ୟୁରିଆ ସାର କାରଖାନା ନିର୍ମାଣ କରାଯାଇପାରିବ ବୋଲି ସେ କହିଥିଲେ। ପାରାଦୀପ ବନ୍ଦରର ଅଧିକାଂଶ କାର୍ଯ୍ୟ ଡିଜେଲ ପରିଚାଳିତ ହେଉଛି। ଏହାକୁ ତରଳ ପ୍ରାକୃତିକ ବାଷ୍ପ ଇନ୍ଧନ ଆଧାରିତ କରିବା ଦିଗରେ ପଦକ୍ଷେପ ନିଆଯାଇପାରିବ। ଏ ଦିଗରେ ପ୍ରୟାସ ଆରମ୍ଭ କରିବାକୁ ଶ୍ରୀ ଗଡକରୀ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅନୁରୋଧ କରିଥିଲେ।

## ମଦ ଦୋକାନ ପାଇଁ ଗଳାବାଟ

# ଗର୍ଜିଲେ ଅବକାରୀ ମନ୍ତ୍ରୀ



**ଭୁବନେଶ୍ୱର :** ମଦ ଦୋକାନ ପରିଚାଳନା ଦାୟିତ୍ୱ ଅବକାରୀ ବିଭାଗର। ମାତ୍ର ସରକାରୀ ବିଜ୍ଞପ୍ତି ପୂର୍ବରୁ ବିଭାଗ ସହ କୌଣସି ଆଲୋଚନା କରାଯାଇନି। ଅବକାରୀ ବିଭାକୁ ପୁରା ଅନ୍ଧାରରେ ରଖି ପୂର୍ତ୍ତ ବିଭାଗ ମନଇଚ୍ଛା ରାଜ୍ୟ ରାଜପଥକୁ 'ସହରାଞ୍ଚଳ ରାସ୍ତା' ଘୋଷଣା କରିଛି। ମଦ ରାଜସ୍ୱହାନୀକୁ ରୋକିବାକୁ ରାଜ୍ୟ ସରକାର ଏମିତି ଗଳାବାଟ କାଢ଼ିବା ନେଇ ଜୋରଦାର ବର୍ଷିଛନ୍ତି ଅବକାରୀ ମନ୍ତ୍ରୀ ଡା. ଦାମୋଦର ରାଉତ। ଅବକାରୀ ବିଭାଗର ଅଜ୍ଞାତରେ ଏମିତି ନିଷ୍ପତ୍ତି କେମିତି ନିଆଗଲା ବୋଲି ସେ ଆଶ୍ଚର୍ଯ୍ୟପ୍ରକଟ କରିଛନ୍ତି। ସରକାରଙ୍କ କ୍ୟାବିନେଟ୍‌ର ଜଣେ ବରିଷ୍ଠ ମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟ ସ୍ପଷ୍ଟ କରିଛି ଯେ ଅବକାରୀ-ପୂର୍ତ୍ତ ବିଭାଗ ମଧ୍ୟରେ ଏ ପ୍ରସଙ୍ଗରେ କିଛି ବି ଆଲୋଚନା ହୋଇନାହିଁ। ଏପରିକି ବିଭାଗୀୟ ସଚିବ ମଧ୍ୟ ବିଜ୍ଞପ୍ତି ପ୍ରକାଶର ଦିନକ ପରେ କହିଥିଲେ, ତାଙ୍କ ନିକଟରେ ଏମିତି କିଛି ବିଜ୍ଞପ୍ତି ପହଞ୍ଚିନାହିଁ। ସୂଚନାଥାଉ କି, ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ପରେ ଗତ ପହିଲାରୁ ରାଜପଥ କଡରୁ ୫୦୦ ମିଟର ଦୂରତାରେ ଥିବା ମଦ ଦୋକାନ ଉଚ୍ଛେଦ କରାଯାଇଛି। ରାଜ୍ୟ ସରକାର ପରବର୍ତ୍ତୀ ସମୟରେ ବିଜ୍ଞପ୍ତି ଜାରି କରି ଏନ୍‌ଏସି, ମ୍ୟୁନିସିପାଲିଟି, ମହାନଗର ନିଗମ, ଜିଲ୍ଲା ଓ ଉପଖଣ୍ଡ ସଦରମହକୁମା ଦେଇ ଯାଇଥିବା ରାଜ୍ୟ ରାଜପଥଗୁଡିକୁ ସହରାଞ୍ଚଳ ରାସ୍ତାରେ ନାମିତ କରିଥିଲେ। ଫଳରେ ନୂତନ ବିଜ୍ଞପ୍ତି ଅନୁସାରେ ସହରାଞ୍ଚଳ ରାସ୍ତା କଡ଼ରେ ଥିବା ବନ୍ଦ ଦୋକାନ ଖୋଲିବାରେ ଆଉ ଆଇନଗତ ବାଧା ରହିବନି। ମାତ୍ର ଏହା ଅବକାରୀ ବିଭାଗ ଅଜ୍ଞାତରେ ହୋଇଛି ବୋଲି ମନ୍ତ୍ରୀ ଅଭିଯୋଗ କରିଛନ୍ତି। ଜାତୀୟ ରାଜପଥ ଓ ରାଜ୍ୟ ରାଜପଥ କଡରେ ୩୯୦୦ ମଦ ଦୋକାନ ଥିଲା ବେଳେ ୧୭୧୨ ଦୋକାନ ୫ ଶହ ମିଟର ମଧ୍ୟରେ ରହିଛି। ଏହି ଦୋକାନଗୁଡିକୁ ରାଜପଥ କଡରୁ ହଟାଗଲେ ଅବକାରୀ ବିଭାଗ ବାର୍ଷିକ ପ୍ରାୟ ୧୧୦୦ କୋଟିର ରାଜସ୍ୱ ହରାଇବ ବୋଲି ସରକାର ଆକଳନ କରିଛନ୍ତି। ମାତ୍ର ଅନ୍ୟ କିଛି ରାଜ୍ୟ ଭଳି ରାଜ୍ୟ ସରକାର ରାଜସ୍ୱ କ୍ଷତି କମାଇବାକୁ ସହରାଞ୍ଚଳ ଦେଇ ଯାଇଥିବା ରାଜ୍ୟ ରାଜପଥକୁ ଗତ ୧୩ରେ 'ସହରାଞ୍ଚଳ ରାସ୍ତା' ଭାବେ ଘୋଷଣା କରିଥିଲେ।

# ବାପିଙ୍କୁ ମିଳିଲା ଜାମିନ

## ଜମାଦେବେ ପାସ୍‌ପୋର୍ଟ



**କଟକ :** ସିୱେଜ୍ ସିପିଂ କମ୍ପାନୀ ମ୍ୟାନେଜର ମହେନ୍ଦ୍ର ସ୍ୱାଇଁ ହତ୍ୟାକାଣ୍ଡରେ ଗିରଫ ହୋଇ ଜେଲ୍‌ରେ ଥିବା କଂଗ୍ରେସ ନେତା ବାପି ସର୍ଖେଲଙ୍କୁ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ତେବେ ଜାମିନ ପାଇଁ ତାଙ୍କ ନିକଟରେ କୋର୍ଟ ୫ଟି ସର୍ତ୍ତ ରଖିଛନ୍ତି। ଏକଲକ୍ଷ ଟଙ୍କାର ଦୁଇଜଣ ଜାମିନଦାରଙ୍କ ବଦଳରେ ତାଙ୍କୁ ଜାମିନ ପ୍ରଦାନ ପାଇଁ ଜଷ୍ଟିସ୍ ଡି.ପି. ଚୌଧୁରୀଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜାମିନ ପାଇବା ପରେ ସେ ସାକ୍ଷୀଙ୍କୁ ଧମକଚମକ କିମ୍ବା ମାମଲାକୁ ନେଇ କୌଣସି ପ୍ରକାର ଚାପ ପକାଇବେ ନାହିଁ। ନିର୍ଦ୍ଧାରିତ ତାରିଖରେ ନିମ୍ନ ଅଦାଲତରେ ବ୍ୟକ୍ତିଗତ ହାଜିରା ଦେବେ। ନିମ୍ନ ଅଦାଲତରେ ନିଜର ପାସପୋର୍ଟ ଦାଖଲ କରିବେ ଏବଂ କୌଣସି ଅପରାଧିକ କାର୍ଯ୍ୟରେ ସାମିଲ ନହୋଇ ଆବଶ୍ୟକ ବେଳେ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ହାଜର ହେବେ। ମାର୍ଚ୍ଚ ୨ରେ ବାପିଙ୍କ ଆବେଦନର ପୂର୍ଣ୍ଣାଙ୍ଗ ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ। ସୂଚନାଯୋଗ୍ୟ ଯେ ଗତ ଅକ୍ଟୋବର ୨୬ ତାରିଖରେ ପାରାଦୀପର ସିୱେଜ ସିପିଂ ମ୍ୟାନେଜର ହତ୍ୟା ଘଟଣାରେ ଜଗତସିଂହପୁର ପୋଲିସ ବାପିଙ୍କୁ ଗିରଫ କରିଥିଲା। ଜିଲ୍ଲା ଦୌରାଜଜ୍‌ରେ ତାଙ୍କ ଜାମିନ ଆବେଦନ ଖାରଜ ହେବା ପରେ ସେ ହାଇକୋର୍ଟଙ୍କ ନିକଟରେ ନିବେଦନ କରିଥିଲେ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନା : ଓଡ଼ିଶାକୁ କେନ୍ଦ୍ର ଦେବ ୨,୧୦୮ କୋଟି



**ଭୁବନେଶ୍ୱର :** ରାଜ୍ୟର ସହରାଞ୍ଚଳ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ୪୮୮୫୫ ଘର ନିର୍ମାଣ କରାଯିବ। ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ କେନ୍ଦ୍ର ସରକାର ଅନୁମତି ଦେଇଥିବା ବେଳେ ଏଥିପାଇଁ ମୋଟ ୨୧୦୮ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା କେନ୍ଦ୍ର ସହରୀ ବିକାଶ ମନ୍ତ୍ରୀ ଭେଙ୍କିଆ ନାଇଡୁ ପ୍ରକାଶ କରିଛନ୍ତି।

ପ୍ରାପ୍ତ ସୂଚନା ଅନୁସାରେ ବାର୍ଷିକ ୩ ଲକ୍ଷ ଟଙ୍କାରୁ କମ୍ ଆୟ କରୁଥିବା ଆର୍ଥିକଦୁର୍ବଳ ବର୍ଗ, ୩ରୁ ୬ ଲକ୍ଷ ଟଙ୍କା ଆୟ କରୁଥିବା ନିମ୍ନବର୍ଗଙ୍କ ସହ ୬ରୁ ୧୨ ଲକ୍ଷ ଟଙ୍କା ଆୟ ଥିବା ମଧ୍ୟମବର୍ଗ (ଏମ୍‌ଆଇଜି), ୧୨ରୁ ୧୮ ଲକ୍ଷ ଆୟ କରୁଥିବା ଉଚ୍ଚ-ମଧ୍ୟମ ଆୟ ବର୍ଗ (ଏମ୍‌ଆଇଜି-୨) ହିତାଧିକାରୀମାନେ ଏହି ଯୋଜନାରେ ଲାଭ ପାଇପାରିବେ। ୨୦୦୪ରୁ ୨୦୧୪ ମସିହା ମଧ୍ୟରେ ଜବାହରଲାଲ ନେହରୁ ସହରାଞ୍ଚଳ ନବୀକରଣ ମିଶନ (ଜେଏନ୍‌ଏନ୍‌ୟୁଆର୍‌ଏମ୍) ଏବଂ ରାଜୀବ ଆବାସ ଯୋଜନା (ଆର୍‌ଏୱାଇ) ଅଧୀନରେ ୧୦ ବର୍ଷ ମଧ୍ୟରେ ୯୩୯ଟି ସହରରେ ୩.୯ ଲକ୍ଷ ଗୃହ ନିର୍ମାଣ କରାଯାଇଛି। ଏଥିପାଇଁ ୩୧ ହଜାର କୋଟି ଟଙ୍କା ମଞ୍ଜୁର ହୋଇଥିଲା ଏବଂ ୨୦୯୨୦ କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ପ୍ରଦାନ କରାଯାଇଥିଲା। ମାତ୍ର ୨୦୧୫ରୁ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବର୍ତ୍ତମାନ ସୁଦ୍ଧା କେନ୍ଦ୍ର ସରକାର ୧୭.୭୩ ଲକ୍ଷ ସୁଲଭ ଗୃହ ନିର୍ମାଣକୁ ମଞ୍ଜୁରି ପ୍ରଦାନ କରିବା ସହ ୧୩.୮୨ ଗୃହ ନିର୍ମାଣ ନିମନ୍ତେ ଅନୁମୋଦନ ପ୍ରଦାନ କରାଯାଇଛି । ଏଥିନିମନ୍ତେ ୯୬୨୬୬ କୋଟି ଟଙ୍କା ଅନୁମୋଦନ ହୋଇଛି ଏବଂ ବିଭିନ୍ନ ରାଜ୍ୟକୁ ୨୭୮୮୩ କୋଟି ଟଙ୍କା ସହାୟତା ପ୍ରଦାନ କରାଯାଇଛି । ଏପରିକି ହିତାଧିକାରୀଙ୍କୁ ୧ ଲକ୍ଷରୁ ୨.୪ ଲକ୍ଷ ପର୍ଯ୍ୟନ୍ତ ସହାୟତା ଦେବାକୁ ଧାର୍ଯ୍ୟ କରାଯାଇଛି। ଏହି କ୍ରମରେ ଆନ୍ଧ୍ରକୁ ୧.୯ ଲକ୍ଷ, ବିହାରକୁ ୮୮୨୯୩, ଗୁଜରାଟକୁ ୧.୪୪ ଲକ୍ଷ, କର୍ଣ୍ଣାଟକକୁ ୧.୪୬ ଲକ୍ଷ, ମଧ୍ୟପ୍ରଦେଶକୁ ୨.୦୯ ଲକ୍ଷ, ମହାରାଷ୍ଟ୍ରକୁ ୧.୨୬ ଲକ୍ଷ, ତାମିଲନାଡୁକୁ ୨.୨୭ ଲକ୍ଷ, ପଶ୍ଚିମବଙ୍ଗ ନିମନ୍ତେ ୧.୪୪ ଲକ୍ଷ ସୁଲଭ ଗୃହ ନିମନ୍ତେ ଅନୁମୋଦନ ମିଳିଛି। ଓଡ଼ିଶାକୁ ୪୮୮୫୫, ପଞ୍ଜାବକୁ ୪୨୬୮୧, ରାଜସ୍ଥାନକୁ ୩୭୮୫୬, ଆସାମକୁ ୨୪୩୫୩, ତ୍ରିପୁରାକୁ ୪୫୯୦୮, ଉତ୍ତରପ୍ରଦେଶକୁ ୨୦୬୮୨, କେରଳକୁ ୨୭୨୭୫, ଝାଡ଼ଖଣ୍ଡକୁ ୬୪୬୫୭ ଗୃହ ନିର୍ମାଣ ନିମନ୍ତେ ଅନୁମୋଦନ ପ୍ରଦାନ କରାଯାଇଛି। ସାରା ଦେଶର ୨୯ଟି ରାଜ୍ୟ ଓ ୭ କେନ୍ଦ୍ରଶାସିତ ଅଞ୍ଚଳରେ ଏହି ଯୋଜନା କାର୍ଯ୍ୟକାରୀ ହେଉଛି । ଆର୍ଥିକ ପଛୁଆ ଶ୍ରେଣୀ ଓ ଏଲ୍‌ଆଇଜି ହିତାଧିକାରୀଙ୍କୁ ୨୦ ବର୍ଷ ଅବଧି ବିଶିଷ୍ଟ ୬ ଲକ୍ଷ ଟଙ୍କା ଋଣରେ ୬.୫% ସୁଧ ରିଆତି ବ୍ୟବସ୍ଥା ଅଛି । ମଧ୍ୟମ ଆୟ ବର୍ଗର ହିତାଧିକାରୀଙ୍କୁ ୨୦ ବର୍ଷ ଅବଧିର ୯ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣରେ ୪% ସୁଧ ରିଆତି ଓ ୧୨ରୁ ୧୮ ଲକ୍ଷ ଟଙ୍କା ଆୟ କରୁଥିବା ଉଚ୍ଚ ମଧ୍ୟବର୍ଗର ଲୋକଙ୍କ ପାଇଁ ୯ ଲକ୍ଷ ଟଙ୍କା ଋଣ ଉପରେ ୩% ସୁଧ ରିଆତି ଦିଆଯିବ ବୋଲି ଶ୍ରୀ ନାଇଡୁ କହିଛନ୍ତି ।

# ସବୁ ଜିଲ୍ଲାରେ ଉପଲବ୍ଧ ହେବ କର୍କଟରୋଗ ନିରୂପଣ ବ୍ୟବସ୍ଥା

**ଭୁବନେଶ୍ୱର :** ଏଣିକି ରାଜ୍ୟର ସବୁ ଜିଲ୍ଲାରେ କର୍କଟରୋଗ ନିରୂପଣ ବ୍ୟବସ୍ଥା ଉପଲବ୍ଧ ହୋଇପାରିବ। କର୍କଟ ଚିହ୍ନଟ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପପସ୍ମିୟର, ବାୟୋପ୍ସି, ଏଫ୍‌ଏନ୍‌ଏସି ଏବଂ କଲୋସ୍କୋପି ଇତ୍ୟାଦିର ବ୍ୟବସ୍ଥା କରାଯିବ। ଏବେ କ୍ୟାପିଟାଲ ହସ୍ପିଟାଲ ସମେତ ରାଜ୍ୟର ୮ଟି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମାଗଣାରେ କେମୋଥେରାପି ଉପଲବ୍ଧ ହେଉଛି। ସମସ୍ତ ଜିଲ୍ଲାରେ ଏହାକୁ କାର୍ଯ୍ୟକ୍ଷମ କରିବା ନେଇ ସ୍ୱାସ୍ଥ୍ୟ ସଚିବ ପ୍ରମୋଦକୁମାର ମେହେର୍ଦ୍ଦାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି ନିଆଯାଇଛି। ପ୍ରସ୍ତୁତ କରାଯାଇଥିବା ଯୋଜନା ଅନୁଯାୟୀ ୧୦ଟି ଜିଲାରେ କର୍କଟରୋଗୀଙ୍କ ନିମନ୍ତେ ଉପଶମକାରୀ ଚିକିତ୍ସା ସହ ସେମାନଙ୍କ ଘରେ ଏହି ସୁବିଧା ଯୋଗାଇ ଦେବାକୁ ବ୍ୟବସ୍ଥା କରାଯିବା ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ଆଶା ଓ ସ୍ୱେଚ୍ଛାସେବୀମାନଙ୍କୁ ତାଲିମ ପ୍ରଦାନ କରାଯିବ। ଏଥିପାଇଁ ଦୀର୍ଘମିଆଦି ଯୋଜନା ପ୍ରସ୍ତୁତ କରାଯାଇଛି। ଆଚାର୍ଯ୍ୟ ହରିହର କର୍କଟ ପ୍ରତିଷ୍ଠାନରେ ଏକ ତାଲିମ କେନ୍ଦ୍ର ପ୍ରତିଷ୍ଠା କରାଯିବ। ସେଠାରେ ଡାକ୍ତରମାନଙ୍କୁ କର୍କଟ ରୋଗ ନିରୂପଣ ଓ ଚିକିତ୍ସା ଉପରେ ଅଧିକ ତାଲିମ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ପ୍ରତି ଜିଲ୍ଲାରେ କାର୍ଯ୍ୟରତ ଅସ୍ତ୍ରୋପଚାର ଏବଂ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞମାନଙ୍କୁ ତାଲିମ ପ୍ରଦାନ ନେଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଖସଡ଼ା ପ୍ରସ୍ତୁତ କରାଯାଉଥିବା ଜଣାପଡିଛି। ଏହାବ୍ୟତୀତ ଚାରିଟି ସ୍ଥାନରେ ରେଡିଓ ଥେରାପି ୟୁନିଟ ସ୍ଥାପନ ନିମନ୍ତେ ମଧ୍ୟ ପ୍ରସ୍ତାବ ରହିଛି। ଏକ ଉଚ୍ଚସ୍ତରୀୟ ବୈଠକରେ କର୍କଟରୋଗ ବିଶେଷଜ୍ଞ ଦୀନେଶ ପେଣ୍ଡାରକର, ଆଚାର୍ଯ୍ୟ ହରିହର କର୍କଟ ପ୍ରତିଷ୍ଠାନର ନିର୍ଦ୍ଦେଶକ ଲଳିତେନ୍ଦୁ ଷଡ଼ଙ୍ଗୀ, ଡିଏମଇଟି ପ୍ରକାଶ ମହାପାତ୍ର, ଆରଏମଆରସିର ସଂଘମିତ୍ରା ପତିଙ୍କ ସମେତ ବିଭାଗର ପଦାଧିକାରୀମାନେ ଉପସ୍ଥିତ ଥିଲେ। ଅଣ ସଂକ୍ରାମକ ରୋଗ ନିୟନ୍ତ୍ରଣର ରାଜ୍ୟ ନୋଡାଲ ଅଫିସର ପି.କେ.ବି. ପଟ୍ଟନାୟକ ରାଜ୍ୟରେ କର୍କଟ ରୋଗ ନିୟନ୍ତ୍ରଣ ନେଇ ଚାଲିଥିବା କାର୍ଯ୍ୟକ୍ରମ ଏବଂ ପ୍ରସ୍ତୁତ କରାଯାଇଥିବା ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ।

# ୱେବ୍‌ସାଇଟ୍‌ରେ ଓଜେଇଇ ଆଡମିଟ୍ କାର୍ଡ

OJEE

**ଭୁବନେଶ୍ୱର :** ଆସନ୍ତା ମେ' ମାସରେ ଓଜେଇଇ (ଓଡ଼ିଶା ଯୁଗ୍ମ ପ୍ରବେଶିକ ପରୀକ୍ଷା) ଅନୁଷ୍ଠିତ ହେବ। ଓଡ଼ିଶାର ୫୨୬୦ ପରୀକ୍ଷାର୍ଥୀ ୨୧ ସହରର ୮୮ କେନ୍ଦ୍ରରେ ପରୀକ୍ଷା ଦେବେ। ୩ ସିଟିଂରେ ପରୀକ୍ଷା ହେବ ବୋଲି ଜଣାପଡିଛି। ପ୍ରଥମ ସିଟିଂ ସକାଳ ୯ଟାରୁ ଆରମ୍ଭ ହୋଇ ଦିନ ୧୧ଟାରେ ସରିବ। ସେହିପରି ଦ୍ୱିତୀୟ ସିଟିଂ ମଧ୍ୟାହ୍ନ ୧୨ଟାରୁ ଆରମ୍ଭ ହୋଇ ଅପରାହ୍ନ ୧ଟାରେ ଶେ ଷହବ। ଅନ୍ୟପକ୍ଷରେ ତୃତୀୟ ସିଟିଂ ପରୀକ୍ଷାକୁ ୨ଟି ପର୍ଯ୍ୟାୟରେ ବିଭକ୍ତ କରାଯାଇଛି। ପ୍ରଥମ ଗ୍ରୁପ୍‌ରେ ପରୀକ୍ଷା ଅପରାହ୍ନ ୨ଟା ୩୦ରୁ ଆରମ୍ଭ ହୋଇ ଅପରାହ୍ନ ୩ଟା ୩୦ରେ ଶେଷ ହେବ। ଅନ୍ୟ ଗ୍ରୁପ୍‌ର ପରୀକ୍ଷା ଅପରାହ୍ନ ୨ଟା ୩୦ରୁ ଆରମ୍ଭ ହୋଇ ଅପରାହ୍ନ ୪ଟା ୩୦ରେ ଶେଷ ହେବ ବୋଲି ଜଣାପଡିଛି। ଏହି ପରୀକ୍ଷା ପାଇଁ ଆଡ୍‌ମିଟ୍ କାର୍ଡ ୱେବ୍‌ସାଇଟ୍‌ରେ ଅପଲୋଡ ହୋଇଥିବା ଓଜେଇଇ ଅଧକ୍ଷ ତୁଷାର ନାଥ ସୂଚନା ଦେଇଛନ୍ତି। ଛାତ୍ରଛାତ୍ରୀମାନେ ୱେବ୍‌ସାଇଟ୍‌ରୁ ଆଡମିଟ୍ କାର୍ଡ ଡାଉନ୍‌ଲୋଡ କରିପାରିବେ। ଆଡ୍‌ମିଟ୍ କାର୍ଡରେ କୌଣସି ତ୍ରୁଟି ଥିଲେ, ଏହାର ସଂଶୋଧନ ପାଇଁ ଛାତ୍ରଛାତ୍ରୀମାନେ ଓଜେଇଇ ନିକଟରେ ଆବେଦନ କରିପାରିବେ ବୋଲି ଶ୍ରୀନାଥ କହିଛନ୍ତି। ସୂଚନାଥାଉ କି, ଛାତ୍ରଛାତ୍ରୀମାନେ ଓଜେଇଇରେ ର୍‍ୟାଙ୍କ ହାସଲ କରିବା ପରେ ବ୍ୟାଚେଲର ଡିଗ୍ରୀ ିନ୍ ହୋମିଓପ୍ୟାଥି (ବିଏଚ୍‌ଏମ୍‌ଏସ୍), ବ୍ୟାଚଲର ଡିଗ୍ରୀ ଇନ୍ ଆୟୁର୍ବେଦ (ବିଏଏମ୍‌ଏସ୍), ଟେକ୍ନୋଲୋଜି / ଫାର୍ମାସି / ଏମ୍‌ସିଏ ଓ ବିଏସ୍‌ସି, ଏମ୍‌ଟେକ୍, ଏମ୍‌ଫାର୍ମ, ଏମ୍‌ଆର୍କ, ଏମ୍‌ପ୍ଲାନ୍, ଇଣ୍ଟିଗ୍ରେଟେଡ୍ ଏମ୍‌ବିଏଲ, ଏମ୍‌ବିଏ, ଏମ୍‌ସିଏ ଆଦି ବିଭାଗରେ ରାଜ୍ୟରେ ଥିବା ସରକାରୀ, ଘରୋଇ ଶିକ୍ଷାନୁଷ୍ଠାନ ଗୁଡିକରେ ନାମ ଲେଖିପାରିବେ। ଜୁନ୍ ପ୍ରଥମ ସପ୍ତାହ ସୁଦ୍ଧା ଓଜେଇଇ ଫଳ ପ୍ରକାଶିତ ହେବ। ଓଜେଇଇରେ ରାଜ୍ୟ ସରକାରଙ୍କ ସଂରକ୍ଷଣ ନିୟମ ଲାଗୁ ହେବ। ରାଜ୍ୟ ବାହାରର ପ୍ରାର୍ଥୀମାନେ କୌଣସି ସରକାରୀ ଶିକ୍ଷାନୁଷ୍ଠାନରେ ନାମ ଲେଖିପାରିବେ ନାହିଁ।

# ଆଗକୁ ଓଡ଼ିଶାରେ ଡେରା ପକାଇବେ ଅମିତ



**ଭୁବନେଶ୍ୱର :** ବିଜେପି ଓଡ଼ିଶାରେ ସରକାର ଗଠନ କରିବା ଲକ୍ଷ୍ୟନେଇ ରଣନୀତି ପ୍ରସ୍ତୁତି କରୁଛି। ୨୦୧୯ ସାଧାରଣ ନିର୍ବାଚନରେ କେନ୍ଦ୍ରରେ ଆଉଥରେ ମୋଦି ଏବଂ ଓଡ଼ିଶାରେ ବିଜେପି ଶାସନ କରିବା ନେଇ ଆଶା ପ୍ରକଟ କରିଛନ୍ତି ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହା। ନିକଟରେ ଅନୁଷ୍ଠିତ ହୋଇଥିବା ବିଜେପି ରାଷ୍ଟ୍ରୀୟ କାର୍ଯ୍ୟକାରିଣୀରେ ଦେଶବ୍ୟାପୀ ଦଳର ନିର୍ବାଚନ ରଣନୀତି ପ୍ରସ୍ତୁତ ହୋଇଥିବା ଜଣାପଡିଛି। ତେବେ ଓଡ଼ିଶାରେ କ୍ଷମତା ହାସଲ ଲାଗି ବିଜେପି ପକ୍ଷରୁ ହୋଇଥିବା ରଣନୀତି ସମ୍ପର୍କରେ ଯଦିଓ କିଛି ଘୋଷଣା ହୋଇନାହିଁ ତଥାପି ଓଡ଼ିଶା ଦଖଲ କରିବା ଲକ୍ଷ୍ୟରେ ରହିଛି ବିଜେପି। ଅମିତ ଶାହା ସିଧାସଳଖ ରାଜ୍ୟର ବିଜେପି ନେତା ବା କର୍ମୀଙ୍କୁ ସେଭଳି କିଛି ସୂଚନା ଦେଇନାହାନ୍ତି। ତଥାପି ନିର୍ବାଚନ ହେବାକୁ ଆଉ ଦୁଇବର୍ଷ ବାକି ରହିଥିଲା ବେଳେ ଆଗାମୀ ଦିନରେ ରାଜ୍ୟରେ ବିଜେପିର ନୀଳନକ୍ସା ପ୍ରସ୍ତୁତି ଲାଗି ଅମିତ୍ ଶାହା ପୁଣିଥରେ ଜୁନ୍ ଓ ଅଗଷ୍ଟ ମାସରେ ୨ଟି ଦଫାରେ ୬ ଦିନ ଲାଗି ଓଡ଼ିଶା ଗସ୍ତରେ ଆସିବେ ବୋଲି ସୂଚନା ମିଳିଛି।


ଏହି ଗସ୍ତ ସମୟରେ ଦଳର ତୃଣମୂଳ କର୍ମୀଙ୍କୁ ଓଡ଼ିଶାରେ ବିଜେପିକୁ କ୍ଷମାତସୀନ କରାଇବା ପାଇଁ ଅମିତ ଗୁରୁମନ୍ତ୍ର ଦେବେ ବୋଲି ଦଳ ସୂତ୍ରରୁ ଜଣାପଡିଛି। ସଙ୍ଗଠନକୁ ତୃଣମୂଳସ୍ତରରୁ ଦୃଢ଼ୀକରଣ କରିବା ଏବଂ ବୁଥ୍‌ସ୍ତରରେ କର୍ମୀମାନଙ୍କୁ ସକ୍ରିୟ କରିବା ଲାଗି ସେ ରାଜ୍ୟ ନେତୃତ୍ୱଙ୍କୁ ଯେଉଁ ଦାୟିତ୍ୱ ଦେଇ ଯାଇଛନ୍ତି ଆଗାମୀ ଦିନରେ ତାହାକୁ ସେ ଅନୁଧ୍ୟାନ କରିବେ। ଉଲ୍ଲେଖଯୋଗ୍ୟ ଯେ, ଅମିତ ରାଜଧାନୀ ଉପକଣ୍ଠର ଧଉଳି ପଞ୍ଚାୟତରୁ ଦଳର ସକ୍ରିୟ ସଦସ୍ୟ ହୋଇଛନ୍ତି। ତେଣୁ ଓଡ଼ିଶାର ସଦସ୍ୟ ଭାବରେ ଏଠାରେ ସଙ୍ଗଠନକୁ ଦୃଢ଼ କରିବା ତାଙ୍କର ପ୍ରମୁଖ ଲକ୍ଷ୍ୟ ହୋଇଛି। ପୁନଶ୍ଚ ଯେଉଁ ୩ଟି ପ୍ରମୁଖ ଅଣ ବିଜେପି ଶାସିତ ରାଜ୍ୟରେ ପଦ୍ମ ଫୁଟାଇବା ପାଇଁ ଶାହା ଲକ୍ଷ୍ୟ ରଖିଛନ୍ତି ସେଥିରେ ସବୁଠୁ ଆଗରେ ରହିଛି ଓଡ଼ିଶା। ଜାତୀୟ ଗଣମାଧ୍ୟମର ସର୍ବେକ୍ଷଣ ଅନୁସାରେ ୨୦୧୪ ମସିହା ପରେ କ୍ରମାନ୍ୱୟରେ ଯେଉଁ ୫ଟି ରାଜ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି ଜନ ସମର୍ଥନ ବଢ଼ିଛି ସେଥିମଧ୍ୟରୁ ପ୍ରଥମ ୩ଟି ସ୍ଥାନରେ ରହିଛି ଓଡ଼ିଶା, ତାମିଲନାଡୁ ଏବଂ କର୍ଣ୍ଣାଟକ। ଗଣମାଧମ ସର୍ବେକ୍ଷଣ ହିଁ ବିଜେପିକୁ ଓଡ଼ିଶାମନସ୍କ କରିଛି ଓ ଏଠାରେ କ୍ଷମତା ଦଖଲ ସହଜ ବୋଲି ବିଜେପି ମନେ କରୁଛି। ତେଣୁ ଦୀର୍ଘ ବର୍ଷ ଧରି ଓଡ଼ିଶାକୁ ଶାସନ କରୁଥିବା ବିଜେଡ଼ିକୁ ମୁକାବିଲା ନିମନ୍ତେ ଏକ ଶକ୍ତିଶାଳୀ ସଙ୍ଗଠନ ଗଠନ ନିମନ୍ତେ ଗୁରୁତ୍ୱ ଦେଉଛନ୍ତି ଶ୍ରୀ ଶାହା। ଯେଉଁଥିପାଇଁ ପ୍ରତି ୨/୩ ମାସର ବ୍ୟବଧାନ ମଧ୍ୟରେ ସେ ଓଡ଼ିଶା ଆସିବେ ବୋଲି ସଂକେତ ଦେଇଛନ୍ତି।

# ଉତ୍କଳ ୟୁନିଭର୍ସିଟିରେ ଖୋଲିବ ୩ଟି ନୂଆ ପାଠ୍ୟକ୍ରମ



**ଭୁବନେଶ୍ୱର :** ଉତ୍କଳ ୟୁନିଭର୍ସିଟ୍‌ରେ ଖୋଲିବ ୩ ନୂଆ ପାଠ୍ୟକ୍ରମ। ପରିବେଶ ବିଜ୍ଞାନ, କ୍ରୀଡ଼ା ଓ ଶାରୀରିକ ଶିକ୍ଷା ଏବଂ ସୋସିଆଲ ୱାର୍କ ନୂଆ ପିଜି ପାଠ୍ୟକ୍ରମ ଖୋଲିବ ବୋଲି ଜଣାପଡ଼ିଛି। ଏହି ତିନୋଟି ପାଠ୍ୟକ୍ରମ ଖୋଲିବା ନେଇ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ଅପରପକ୍ଷରେ ଚଳିତ ଶିକ୍ଷାବର୍ଷରୁ ଏକ୍‌ଜ୍ୟୁକ୍ୟୁଟିଭି ପିଏଚ୍‌ଡି ପ୍ରୋଗ୍ରାମ, ପିଜି ଡିପ୍ଲୋମା ଇନ୍ ହ୍ୟୁମାନ କ୍ୟାପିଟାଲ୍ ଡେଭଲପମେଣ୍ଟ, ବିଏଡ୍ ଓ ଏମ୍‌ଏଡ୍ ଏବଂ ବାୟୋଟେକ୍ନୋଲୋଜିରେ ଏମ୍.ଫିଲ୍ ପାଠ୍ୟକ୍ରମ ପ୍ରଚଳନ କରାଯିବା ନେଇ ଏକାଡେମିକ୍ କାଉନ୍‌ସିଲ ବୈଠକରେ ଅନୁମୋଦନ ଲାଭ କରିଛି। ପିଜି କାଉନ୍‌ସିଲ୍ ହଲ୍‌ରେ ଅନୁଷ୍ଠିତ ଏକାଡେମିକ୍ କାଉନ୍‌ସିଲ୍ ବୈଠକରେ ପିଏଚ୍‌ଡି ଏବଂ ଏମ୍‌ଫିଲ୍ ଡିଗ୍ରୀ ପାଇଁ ୟୁଜିସି ନିୟମରେ ଆଂଶିକ ପରିବର୍ତ୍ତନ କରାଯାଇଛି। ଏମିରଟ୍ ପ୍ରଫେସର, ଅବସରପ୍ରାପ୍ତ ପ୍ରଫେସର ଏବଂ ଅତିଥି ଅଧ୍ୟାପକ ଏମ୍.ଫିଲ୍ ଏବଂ ପିଏଚ୍‌ଡି ଡିଗ୍ରୀ ପାଇଁ ଗାଇଡ୍ ହୋଇପାରିବେ। ସେମାନଙ୍କ ଅଧୀନରେ ୬୫ ବର୍ଷ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ପିଏଚ୍‌ଡି ଡିଗ୍ରୀ ପାଇଁ ନାମ ପଞ୍ଜୀକରଣ କରିପାରିବେ। ଛାତ୍ରଛାତ୍ରୀମାନେ ସେମାନଙ୍କ ଗାଇଡ୍‌ଙ୍କୁ ୭୦ ବର୍ଷ ହେବା ପୂର୍ବରୁ ପିଏଚ୍‌ଡି ଥେସିସ୍ ଦାଖଲ କରିବେ। ପ୍ରତ୍ୟେକ ପିଏଚ୍‌ଡି ଥେସିସ୍ ଲେଖା ଓ ତଥ୍ୟର ସତ୍ୟତା ପରଖିବା ପାଇଁ 'ପ୍ଲାଗାରିଜିମ୍ ସଫ୍ଟୱେର୍' ପ୍ରସ୍ତୁତ କରାଯାଇଛି। ପିଏଚ୍‌ଡି ଥେସିସ୍‌ରେ ଅନ୍ୟ ଲେଖକ ଓ ଗବେଷକଙ୍କ ଶତକଡ଼ା କେତେ ଭାଗ ଲେଖା ଓ ତଥ୍ୟ ବ୍ୟବହାର କରାଯାଇଛି ତାହା ଏହି ସଫ୍ଟୱେର ବ୍ୟବହାର କରି ପରଖିହେବ। ଏହାପରେ ଛାତ୍ରଛାତ୍ରୀଙ୍କୁ ପିଏଚ୍‌ଡି ଥେସିସ୍ ଦାଖଲ ପାଇଁ ଅନୁମତି ଦିଆଯିବ। ଏହା ଗୁଣାତ୍ମକ ଗବେଷଣାତ୍ମକ ନିବନ୍ଧ ଲିଖନରେ ସହାୟକ ହେବ ବୋଲି ବୈଠକରେ ଆଲୋଚନା ହୋଇଥିଲା। କୁଳପତି ପ୍ରଫେସର ଅଶୋକ କୁମାର ଦାସ କହିଛନ୍ତି ଯେ, ଗୁଣାତ୍ମକ ଶିକ୍ଷାଦାନ ଓ ଗବେଷଣା ପାଇଁ ବୈଠକରେ ଆଲୋଚନା ହୋଇଛି। ସମୟ ଉପଯୋଗୀ ପାଠ୍ୟକ୍ରମ ପ୍ରଚଳନ ପ୍ରସ୍ତାବକୁ ମଞ୍ଜୁର କରାଯାଇଛି। ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ସିବିସିଏସ୍ ପଦ୍ଧତିରେ ଆଂଶିକ ପରିବର୍ତ୍ତନ କରାଯାଇଛି। ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ନେଇ ବିଭିନ୍ନ ପ୍ରସ୍ତାବ ବୈଠକରେ ଅନୁମୋଦନ ଲାଭ କରିଛି। ବୈଠକରେ ପିଜି କାଉନ୍‌ସିଲ ଅଧ୍ୟକ୍ଷ ପ୍ରଫେସର ରଞ୍ଜନ କୁମାର ବଳ, କୁଳସଚିବ ମନ୍ମଥ କୁମାର ବିଶ୍ୱାଳ, ଡିଡିସିଇ ନିର୍ଦ୍ଦେଶକ ପ୍ରଫେସର ସୁସ୍ମିତା ପାଣି, ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ପ୍ରଦୀପ କୁମାର ବେହେରା, ସେଲ୍ଫ ଫାଇନାନ୍ସିଂ କୋର୍ସ ନିର୍ଦ୍ଦେଶକ ପ୍ରଫେସର କିଶୋର କୁମାର ବାସା, ସିଡିସି ନିର୍ଦ୍ଦେଶକ ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

ଧୈର୍ଯ୍ୟ ଓ ସନ୍ତୋଷ ଠାରୁ
ବଡ଼ ସୁଖ ନାହିଁ : ଚାଣକ୍ୟ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## ସମ୍ପାଦକୀୟ

# ଅସ୍ୱୀକାର କରିହେବନି

ଆଜିକାଲି ପ୍ରଯୁକ୍ତିବିଦ୍ୟାର ଦୁରୂପଯୋଗ କରି ସାଇବର ଅପରାଧୀମାନେ ସୋସିଆଲ ମିଡିଆକୁ ଯେଉଁଭଳି ଭାବେ ବ୍ୟବହାର କରୁଛନ୍ତି ଏହା ଅତ୍ୟନ୍ତ ଉଦ୍‌ବେଗର ବିଷୟ। ନିକଟରେ ଫେସ୍‌ବୁକ୍‌ରେ ଗୋଟିଏ ପୋଷ୍ଟକୁ ନେଇ ଭଦ୍ରକ ସହରରେ ହିଂସାକାଣ୍ଡ ଘଟି ପରେ ଏହା ଦଙ୍ଗାର ରୂପ ନେଇଥିଲା। ଯାହାଫଳରେ ଦୁଇଟି ଧାର୍ମିକ ସମ୍ପ୍ରଦାୟ ମଧ୍ୟରେ ବିଭେଦ ସୃଷ୍ଟି ହେବା ସହ ଲୁଟ୍‌ତରାଜ ଘଟି ବହୁ ସମ୍ପତ୍ତି କ୍ଷୟ ହୋଇଯାଇଛି। ଏହାଫଳରେ ସେଠାରେ ସାମ୍ପ୍ରଦାୟିକ ସଦ୍‌ଭାବନା ବ୍ୟାହତ ହେବା ସହିତ ସାଧାରଣ ଜୀବନଯାତ୍ରାରେ ବହୁ ବାଧା ଉପୁଜିଥିଲା। ପ୍ରଶାସନିକସ୍ତରରେ ଏହାକୁ ପ୍ରଶମିତ କରିବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ କରାଯିବା ସହିତ ଖୋଦ୍ ମୁଖ୍ୟମନ୍ତ୍ରୀ ଘଟଣାସ୍ଥଳ ପରିଦର୍ଶନ କରି କ୍ଷତିଗ୍ରସ୍ତ ଲୋକଙ୍କୁ ମାତ୍ର ତିନିଦିନ ମଧ୍ୟରେ କ୍ଷତିପୂରଣ ବାବଦୀୟ ରିପୋର୍ଟ ଦେବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଯାହାର ତଦନ୍ତ ରିପୋର୍ଟ ମିଳିଛି ଏବଂ ଏହି ହିଂସାକାଣ୍ଡରେ କ୍ଷୟକ୍ଷତିର ପରିମାଣ ୯ କୋଟି ଟଙ୍କା ବୋଲି ଜଣାପଡିଛି। ତେବେ ଏହି ଘଟଣା ସମ୍ପୂର୍ଣ୍ଣ ଲିଭି ନଥିବା ବେଳେ ପୁଣିଥରେ କେନ୍ଦ୍ରାପଡ଼ା ସହରରେ ସମାନ ଅବସ୍ଥା ସୃଷ୍ଟି ହୋଇଛି। ଫେସ୍‌ବୁକ୍‌କୁ ନେଇ ଏତେସବୁ କାଣ୍ଡ କାରଖାନା ଘଟୁଥିବା ବେଳେ ଏହାର ନିରାକରଣ ଦିଗରେ ସେଭଳି କିଛି ଆଖିଦୃଶିଆ ପଦକ୍ଷେପ ନେବା ସମ୍ଭବ ହୋଇପାରୁନି। ଏହାର କାରଣ ସ୍ୱରୂପ ଜଣାଯାଏ ଯେ ରାଜ୍ୟରେ ସ୍ୱଳ୍ପସଂଖ୍ୟକ ସାଇବର ଥାନା ଥିବାରୁ ଏତେଗୁଡିଏ ସାଇବର ଅପରାଧକୁ ପରିଚାଳନା କରିବା ସମ୍ଭବପର ହୋଇପାରୁନି। ଯଦିଓ ଆଗାମୀ ଦିନରେ ଓଡ଼ିଶାର ଆଉ ତିନୋଟି ସ୍ଥାନରେ ସାଇବର ଥାନା ପ୍ରତିଷ୍ଠାର ଯୋଜନା ରହିଛି ତଥାପି ଏଯାବତ ଏହା କାର୍ଯ୍ୟକାରୀ ହୋଇନାହିଁ। ଏଭଳି ସ୍ଥିତିରେ ସାଇବର ଅପରାଧୀଙ୍କ ବିଷୟରେ ପ୍ରମାଣଯୋଗ୍ୟ ତଥ୍ୟ ହାସଲ କରିବା ପୋଲିସ ପାଇଁ କାଠିକର ପାଠ ହୋଇପଡୁଛି। ସାଇବର କ୍ରାଇମ୍ ତଦନ୍ତ ପାଇଁ ରାଜ୍ୟର ଥାନା ଗୁଡ଼ିକରେ ନିଯୁକ୍ତି ପାଇଥିବା ଅଧିକାରୀମାନଙ୍କ ଦକ୍ଷତା ମଧ୍ୟ ଅଧିକ ଆବଶ୍ୟକତା ରହିଛି। ଏ ଦିଗରେ ସମ୍ପୃକ୍ତ ଅଫିସରମାନଙ୍କୁ ଯଥେଷ୍ଟ ପରିମାଣର ସାଇବର କ୍ରାଇମ୍ ସମ୍ପର୍କିତ ତାଲିମ ଦେବାର ବ୍ୟବସ୍ଥା ରହିବା ଦରକାର। କାରଣ ସମ୍ପ୍ରତି ଫେସ୍‌ବୁକ୍‌ରେ ବ୍ଲାକମେଲିଂ କରିବାଠାରୁ ଆରମ୍ଭ କରି ଅନ୍‌ଲାଇନ୍‌ରେ ଠକେଇ ଭଳି ବହୁ ଘଟଣା ସାମ୍ନାକୁ ଆସୁଛି। ବୈଷୟିକ ଉପାୟରେ ଏଟିଏମ୍ ହ୍ୟାକରମାନେ ସାଧାରଣ ଲୋକଙ୍କ ଟଙ୍କା ପଇସା ଲୁଟି ନେଉଛନ୍ତି। ଯେଉଁଥିପାଇଁ କିଛି ଗରିବ ଲୋକ ସାଇବର ଠକେଇର ଶିକାର ହେବା ସହ ସର୍ବସ୍ୱାନ୍ତ ପାଲଟି ଯାଉଛନ୍ତି। ଏମ୍‌ଏମ୍‌ଏସ୍ ଜରିଆରେ ବିଦେଶୀ ସାଇବର ଠକ୍‌ମାନେ ବିଭିନ୍ନ ପ୍ରକାର ବାର୍ତ୍ତା ପ୍ରଦାନ କରି ଲୋକଙ୍କୁ ଲୁଟି ଚାଲିଛନ୍ତି। ଏସବୁର ମୁକାବିଲା କରିବା ନିମନ୍ତେ ସାଧାରଣ ଭାବେ ପୋଲିସ ନିକଟରେ ଯଥେଷ୍ଟ ଲୋକବଳ ଏବଂ ବୈଷୟିକ ଦକ୍ଷତାର ଆବଶ୍ୟକତା ମଧ୍ୟ ରହିଛି। ସାଇବର ଅପରାଧୀମାନଙ୍କୁ ସହଜରେ ଧରିବା ସମ୍ଭବପର ହୋଇପାରୁ ନଥିଲା ବେଳେ ଏ ଦିଗରେ ପ୍ରଶାସନିକ ତତ୍ପରତାର ଆବଶ୍ୟକତା ଦେଖାଦେଇଛି। ତେଣୁ ରାଜ୍ୟରେ ଏକ ସ୍ୱତନ୍ତ୍ର ସାଇବର ଫରେନ୍‌ସିକ୍ ଡିଭିଜନ ପ୍ରତିଷ୍ଠା କରାଯାଇ ଏହି ଲ୍ୟାବ ମାଧ୍ୟମରେ ଅପରାଧର ବିଭିନ୍ନ ଦିଗ ଉପରେ ପରୀକ୍ଷା ହେବା ଉଚିତ୍। ଯେଉଁଥିରେ କମ୍ପ୍ୟୁଟର, ୱେବସାଇଟ୍ ପ୍ରକ୍ସି ସର୍ଭର, ଆଇପି ଆଡ୍ରେସ୍ ଓ ଇ-ମେଲ୍ ଆଦିରେ ହେଉଥିବା ସାଇବର ଅପରାଧର ଯାଞ୍ଚ ସହଜରେ ହୋଇପାରିବ। ଫଳରେ ସାଇବର ଅପରାଧରେ ବ୍ୟବହାର ହେଉଥିବା ସାମଗ୍ରୀର ପରୀକ୍ଷା ନିରୀକ୍ଷା ସହଜରେ କରାଯାଇପାରିବା ସହ ଅପରାଧୀଙ୍କୁ ଦଣ୍ଡଦେବା କ୍ଷେତ୍ରରେ ଉଚିତ୍ ପଦକ୍ଷେପ ନେଇହେବ। ଇଣ୍ଟରନେଟ୍‌ର ଚାହିଦା ଦିନକୁ ଦିନ ବଢ଼ିଚାଲିଥିବାବେଳେ ସାଇବର ଅପରାଧୀ ସେମାନଙ୍କ କାୟା ବିସ୍ତାର କରିଚାଲିଛନ୍ତି। ଅଭିନବ ଯୋଜନା ମାଧ୍ୟମରେ ନିରୀହ ଲୋକଙ୍କୁ ନିଜ ଜାଲରେ ଫସାଇ ଏହି ଅପରାଧୀମାନେ ମିଛ ଲଟେରୀ, ଶସ୍ତାରେ ସାମଗ୍ରୀ ଏବଂ ବିଭିନ୍ନ ପ୍ରକାର ଆଳ ଦେଖାଇ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କରେ ସବିଶେଷ ତଥ୍ୟ ହାସଲ କରି ନେଉଥିବା ଜଣାପଡିଛି। ପରବର୍ତ୍ତୀ ସମୟରେ ଲୋକେ ଏ ସମ୍ପର୍କରେ ଖବର ପାଇଲା ବେଳକୁ ନେଡିଗୁଡ଼ କହୁଣୀକୁ ବୋହିଯାଇଥାଏ। ହ୍ୟାକରମାନେ ଅଭିନବ ଢଙ୍ଗରେ ଏଟିଏମ୍‌ରୁ ଟଙ୍କା ଲୁଟ୍ କରୁଥିବା ବେଳେ ଅଳ୍ପକେତେକ ଆଞ୍ଚଳିକ ଲୁଟେରା ପୋଲିସ କବ୍‌ଜାରେ ପଡୁଛନ୍ତି। କିନ୍ତୁ ରାଜ୍ୟ ବାହାରେ ବା ଦେଶ ବାହାରେ ରହୁଥିବା ସାଇବର ଅପରାଧୀମାନେ ଏତେ ସହଜରେ ଧରାପଡିବା ସମ୍ଭବ ହେଉ ନଥିବାରୁ ସେମାନେ ନୂଆ ନୂଆ ଚାଲ ଚଳାଇ ସାଧାରଣ ଲୋକଙ୍କୁ ନାନାଦି ଅସୁବିଧାରେ ପକାଉଛନ୍ତି। ଆଉ କେତେକ ସାଇବର ଅପରାଧୀ ଫେସ୍‌ବୁକ୍‌ରେ ମିଛ ଆଇଡି ଖୋଲି ଅନ୍ୟମାନଙ୍କୁ ବ୍ଲାକମେଲିଂ କରୁଥିବା ନଜିର ମଧ୍ୟ ରହିଛି। କୋମଳମତି ବାଳକ, ବାଳିକାଙ୍କ ଠାରୁ ଆରମ୍ଭ କରି ବୃଦ୍ଧା/ବୃଦ୍ଧ ପର୍ଯ୍ୟନ୍ତ ଏହି ସାଇବର ଅପରାଧୀଙ୍କ ଶିକାର ହେଉଥିବା ଖବର ସମଗ୍ର ଦେଶରେ ପ୍ରକାଶ ପାଉଛି। ଏଭଳି କ୍ଷେତ୍ରରେ ଏହି ଅପରାଧୀମାନଙ୍କ ନିକଟରୁ ମୁକ୍ତି ପାଇବା ପାଇଁ କିଛି ଗୋଟେ ବଳିଷ୍ଠ ପଦକ୍ଷେପ ନିଆଯିବାର ଆବଶ୍ୟକତା ଅନୁଭବ ହୁଏ। ତେଣୁ ସାଇବର ଅପରାଧୀଙ୍କ ମାନସିକତା ଚିହ୍ନଟ କରି ସେମାନଙ୍କୁ ଧରିବା ପାଇଁ ନୂଆ ନୂଆ କୌଶଳ ଆପଣାଇବାକୁ ଦେଶ ସକ୍ଷମ ହେବା ଉଚିତ। ଯୁଗ ବଦଳିବା ସହିତ ଲୋକଙ୍କ ରୁଚି ପୁସ୍ତକ ପଢ଼ା ଅପେକ୍ଷା ଇଣ୍ଟରନେଟ୍‌ରେ ଜାଣିବାର ଆଗ୍ରହ ଆଜି ଏଭଳି ପରିସ୍ଥିତି ସୃଷ୍ଟି କରିଛି। ଏଣୁ ସାଇବର କ୍ରାଇମ୍ ଯେ ମଣିଷ ସମାଜର ବଡ଼ଶତ୍ରୁ ଭାବରେ ଉଭା ହେଲାଣି ଏକଥାକୁ ଆଉ ଅସ୍ୱୀକାର କରି ହେବନି।

## ଆମେ ଚାହିଁଲେ ବଞ୍ଚିବ

# ଆମ ଭାଷା, ସାହିତ୍ୟ ଓ ସଂସ୍କୃତି



ସମରେନ୍ଦ୍ର ବଳିଆରସିଂହ

ଆମ ଭାଷା ଓଡ଼ିଆ, ଆମ ସାହିତ୍ୟ ଓଡ଼ିଆ, ଆମ ସଂସ୍କୃତି ବି ଓଡ଼ିଆ ସଂସ୍କୃତି। କିନ୍ତୁ କେଜାଣି କୋଉଠି ଗୋଟେ କେଁ ରହିଯାଉନି କି, ଯାହା ଓଡ଼ିଆ ନୁହଁ; ସବୁ ପ୍ରକାର ଅଡୁଆ, ସବୁ ପ୍ରକାର ଅଭାଷା, ସବୁ ପ୍ରକାର ଅସାହିତ୍ୟ ଆଉ ସବୁ ପ୍ରକାର ଅପସଂସ୍କୃତିକୁ ଜନ୍ମ ଦଉଚି। ସାହିତ୍ୟ, ସଂସ୍କୃତି ତ ବର୍ଷତମାମ ଚାଲିଚି, ଭାଷା କଥାଟା ଆମର ଉତ୍କଳ ଦିବସରେ ଟିକେ ମନେ ପଡ଼ିଯାଉଚି।...ମନେପଡ଼ିବନି ବା କେମିତି, ସେଇଦିନ ତ ଆମେ ଆମର ସ୍ୱତନ୍ତ୍ର ପରିଚୟ ପାଇଥିଲେ...ନ ହେଲେ କେବେଠୁ ଆମେ ତେଲେଙ୍ଗା, ବଙ୍ଗାଳୀ କି ବିହାରୀ ହେଇସାରିଥାନ୍ତୁ...ଓଡ଼ିଆ ବୋଲି ଗୋଟେ ଭାଷା ଥିଲା, କଳିଙ୍ଗ, ଉତ୍କଳ, ଉଡ୍ର, ଓଡ଼ିଶା ବୋଲି ଗୋଟେ ଅଂଚଳ ଥିଲା, ସେକଥା ଏବକାର ପିଲେ ପଡିଥାନ୍ତେ ଇତିହାସ ବହିରୁ, ଯେମିତି ଡାଇନୋସରକୁ ପଢୁଛନ୍ତି। ବେଶ୍ ଚର୍ଚ୍ଚା ବି ହେଇଥାନ୍ତା ସତରେ ଏମିତିଆ ଅଂଚଳ ଥିଲା ଗଙ୍ଗା ଠାରୁ ଗୋଦାବରୀ ପର୍ଯ୍ୟନ୍ତ, ସେଠିକା ରାଜା ଏତେ ପରାକ୍ରମୀ ଥିଲେ??? ସତରେ! ଗବେଷଣା, ଫିଲ୍ମ, ଡକୁମେଣ୍ଟାରୀ, ମ୍ୟୁଜିୟମ ଭିତରେ ଆମେ ଥାନ୍ତୁ। ...ବୋଧେ ଭଲ ହେଇଥାଆନ୍ତା।...ଓଡ଼ିଆ ଯେ ଏତେ ହୀନମନ୍ୟ, ଏତେ ଭୀରୁ: ସେମିତି ତ ଧାରଣା ତ କେହି ନେଇନଥାନ୍ତେ।ଆମ ଦେଶ ଭଳି ଆମ ଓଡ଼ିଶା ବି ଭାରି ସହନଶୀଳ। ଏଠିକା ଶାସନମୁଖ୍ୟ ଓଡ଼ିଆ ନକହି ବି ଦଶ-ପନ୍ଦର ବର୍ଷ ଶାସନ ଗାଦିରେ ରହିପାରନ୍ତି। କିଛି ଅସୁବିଧା ହୁଏନି। ମାଉସୀକି ତ ଭଲ ରକମ ଜାଣିଛନ୍ତି, ମା'କୁ ନ ଜାଣିଲେ ଚଳିବ। ମା' ବି ତ କିଛି କହୁନି..ସହନଶୀଳା ମା', ଉଦାର ମା'। ଆମ ଲୋକେ ବି ଭାରି ସହନଶୀଳ। ସବୁ କଥାକୁ ଚଳେଇନବାର ମନୋବୃତ୍ତି ଆଉ ମାନସିକତାକୁ ସେମାନେ ଅସ୍ଥିମଜ୍ଜାଗତ କରିଦେଇଛନ୍ତି। ହଁ, ଉତ୍କଳ ଦିବସ କଥା ଆମେ କହୁଥିଲେ ନା। ଏଇ ଦିନଟା ବି ଏମିତି ଦିନ ଯେ, ସଂଯୋଗ ନୁହଁ ତ ଦୁର୍ଯୋଗକ୍ରମେ 'ବୋକା ଦିବସ' ଭାବେ ବିଦେଶୀମାନେ ପାଳନ କରନ୍ତି। ଅନେକ ସମୟରେ ଯାକୁ ନେଇକି ବି ଆମେ ସମାଲୋଚିତ ହେଉ। ବର୍ଷକରେ ଗୋଟାଏ ଦିନ ଆମେ ଆମର ଓଡ଼ିଆ ପ୍ରୀତି ଦେଖାଉ, ତଥାପି କେଁ ରହିଯାଏ। ବ୍ୟାନରଟାକୁ ବି ଆମେ ଓଡ଼ିଆରେ ଲେଖିନଥାଉ। ବର୍ଷଯାକ ତ ଆମିଷ, ଛାଡ଼ଖାଇ ପାଞ୍ଚଦିନ ବି ଆମିଷ ଛାଡ଼ିହଉନି। କ'ଣ କରିବା..ଇଏ ଓଡ଼ିଆର ଭାଗ୍ୟ, ଓଡ଼ିଶାର ଭାଗ୍ୟ।...କାଇଁ ପଡ଼ୋଶୀ ପଶ୍ଚିମବଙ୍ଗ କି ଆନ୍ଧ୍ରରେ ତ ସେକଥା ନାହିଁ।...ନିଜ ମାତୃଭାଷାକୁ ନେଇ ସେମାନଙ୍କର ଗର୍ବ। ନିଜ ଭାଷା ସାଙ୍ଗରେ ଇଂଲିଶ, ହିନ୍ଦୀ ବି କହିବେ। ସରକାରୀ, ବେସରକାରୀ ପ୍ରତିଷ୍ଠାନର ନାଁ ନିଜ ମାତୃଭାଷାରେ, ନାମଫଳକ ନିଜ ମାତୃଭାଷାରେ ଲେଖିବାକୁ ସେମାନେ ଗର୍ବ ଓ ଗୌରବ ମନେ କରନ୍ତି । ..ବିଭିନ୍ନ ଦୃଷ୍ଟିକୋଣରୁ ସେଠାରେ ବିକାଶର ପ୍ରକ୍ରିୟା ଆମ ଠାରୁ ଅଧିକ। ସେମାନଙ୍କର ତ ହୀନମନ୍ୟତା ନାହିଁ। ଅଣଓଡ଼ିଆ ପର୍ଯ୍ୟଟକ ପୁରୀ ଆସିବେ, ଆମେ ସେମାନଙ୍କୁ ସେମାନଙ୍କ ଭାଷାରେ କଥା ହେବୁ। ଅଣଓଡ଼ିଆ ଟ୍ରକ ଆମ ଢାବାକୁ ଆସିବେ, ତେଣୁ ତାଂକରି ଭାଷାରେ ଢାବା ବା ହୋଟେଲର ନାଁ ଲେଖିବୁ।.....କାହିଁ ସେମାନଙ୍କ ରାଜ୍ୟରେ ତ ଏସବୁ ନାହିଁ। ଉତ୍କଳ ଦିବସରେ ଆମେ କିଛି ପାଟି କରୁ, ଆହ୍ୱାନ କରୁ ସମସ୍ତେ ଓଡ଼ିଆରେ ନାମଫଳକ ଲେଖନ୍ତୁ, ବିବାହ ବ୍ରତ ନିମନ୍ତ୍ରଣ କାର୍ଡ ଓଡ଼ିଆରେ ଛାପନ୍ତୁ। ନ ହେଲେ ଆମେ ସେଗୁଡ଼ା ବର୍ଜନ କରିବୁ। କାହାକୁ ବର୍ଜନ କରିବେ, ନିଜ ବଂଧୁବାଂଧବ ନିକଟ ସଂପର୍କୀୟ ପରା ଇଂଲିଶରେ ଛାପିଥିବେ, ଆପଣ କାହାକୁ ବର୍ଜନ କରିବେ, କ'ଣ ବର୍ଜନ କରିବେ???...ସବୁ ସରକାରୀ ନଥିପତ୍ର ଓଡ଼ିଆରେ ହବ ବୋଲି ସରକାରୀ ନିର୍ଦ୍ଦେଶନାମା ଆସିଲା, ହେଲେ ସବୁଠୁ ବେଶୀ ଉଲ୍ଲଂଘନ ଖୋଦ ସଚିବାଳୟରେ ହଉଚି-ଜିଲ୍ଲାସ୍ତରୀୟ ଅଫିସଗୁଡ଼ାକ କଥା ଛାଡ଼ନ୍ତୁ।

ଗତ କିଛି ବର୍ଷ ହେବ, ଆମ ଏଠି ଶିକ୍ଷାନୁଷ୍ଠାନ ଆଉ ସହରୀ ବଜାରଘାଟରେ ଆମ ରାଷ୍ଟ୍ରଭାଷା ପ୍ରୀତିଟା ବଢ଼ିଯାଇଚି। ଭଲ କଥା, ବଢ଼ିବା ଦରକାର। ହେଲେ ବଢ଼ିବାଟା କୋଉ ରକମର କହିଲେ?...ମାନେ ଓଡ଼ିଆ ଛିଡୁ।..ଆମ ଆଧୁନିକ ତରୁଣ ତରୁଣୀ, ଯୁବକ ଯୁବତୀ ଯାହା ତ ହାଏ, ବାଏ ସଂସ୍କୃତି ଶିଖିଲେ, ନିଜ ଭାଷାଟାକୁ ବି ମଫ ବୋଲି ଭାବିଲେ। ଆଗରୁ ତ ଇଂଲିଶ ପଶିଥିଲା, ଏବେ ହିନ୍ଦୀ ପଶିକି ଏକଦମ ଘାଣ୍ଟଚକଟ ହେଇଗଲାଣି।...ନୂଆଭାଷା 'ଓହିଂଲିଶ୍'। ନାଇଁ ଆଗ ଇଂଲିଶ, ତା' ପରେ ହିନ୍ଦୀ...ଶେଷରେ ଓଡ଼ିଆ, ତେଣୁ 'ଇଂହିଓ' ଠିକ୍ ହବ।...ଆମ କ୍ୟାମ୍ପସଗୁଡ଼ାକ ସେଇଥିପେଇଁ ଅଣଓଡ଼ିଆମାନଙ୍କୁ ଭଲ ଲାଗୁଚି, ମାଉସୀ ଘରେ ଯଦି ମା'କୁ ପାଇବେ, କାହାକୁ ଭଲ ଲାଗିବନି କହିଲେ।...ଆମକୁ ସିନା ମା' ଭଲ ଲାଗୁନି।...ନିଜ ମାତୃଭାଷା ପ୍ରତି ଏତେ ହୀନମନ୍ୟତା, ଏତେ ହୀନମନ୍ୟତା ବୋଧେ ଆଉ କାହାର ନ ଥିବ, ଯାହାକି ଆମ ଓଡ଼ିଆମାନଙ୍କର ଅଛି। ନିଜକୁ ଓଡ଼ିଆ ବୋଲି କହିବାକୁ ବି ଆମକୁ ଲାଜ ଲାଗୁଚି। ଭାଷା ଭଳି ସାହିତ୍ୟ ବି ଆମର ଭାରି ସମୃଦ୍ଧ ଥିଲା ଯେ। ଓଡ଼ିଆ ଏକଟା ଭାଷା ନଏ ବୋଲି ଯେତେବେଳେ ଚକ୍ରାନ୍ତ ହେଲା, ଆମ ପୂର୍ବସୁରୀମାନେ ଜୋରଦାର ସ୍ୱର ଉତ୍ତୋଳନ କଲେ, ଖାଲି ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲାନି, ଆମ ସାହିତ୍ୟ ବି ନବଜାଗରଣ ଆଣିଲା, ବିପ୍ଳବ ଆଣିଲା। ଆଗରୁ ତ ଆମ ସାହିତ୍ୟ ବେଶ୍ ସମୃଦ୍ଧ ଥିଲା ...ବହୁ ପୂର୍ବରୁ। ଯେଉଁ ଉଦ୍ଦେଶ୍ୟକୁ ନେଇ ଆମ ସାହିତ୍ୟ ରଚିତ ହେଉଥିଲା, ଏବେ ସେଥିରେ ବ୍ୟତିକ୍ରମ ଘଟିଚି। ଅନେକାଂଶରେ ସାହିତ୍ୟର ସେଇ ବୈପ୍ଳବିକ ଶକ୍ତି କମିଯାଇଚି। କଲମ ଆଉ କି ବୋର୍ଡ ଏବେ ଖୋଜୁଚି ଖାଲି ଛପା ଅକ୍ଷର। ଅନେକ ସମୟରେ ଏଗୁଡ଼ାକ ଉଦ୍ଦେଶ୍ୟହୀନ ଭାବେ ଆମ ପତ୍ରପତ୍ରିକାର କୋଳମଣ୍ଡନ କରୁଛନ୍ତି। ଆଗେ ଯେତିକି ଲୋକ ସାହିତ୍ୟ ସାଧନା କରୁଥିଲେ, ଏବେ ସେ ସଂଖ୍ୟାରେ ବହୁ ପରିମାଣରେ ବୃଦ୍ଧି ଘଟିଚି। ହେଲେ ସାହିତ୍ୟ ଯେଉଁ ସ୍ତରକୁ ଯିବା କଥା, ଯାଇପାରିନାହିଁ। ପୋଖରୀରେ ମଇଳା ପାଣି ବେଶୀ ହେଇଯାଇଚି। ମଇଳା ପାଣି ସାଙ୍ଗରେ ଭଲପାଣି ମିଶିଗଲେ ସିଏ ବି ମଇଳା ହେଇଯାଉଚି। ଭଲ ଲେଖା ଯେଉଁଭଳି ଆଦର ପାଇବା କଥା, ପାଇପାରୁନାହିଁ। ଭଲ ଲେଖାର ଏଭଳି ଅଭାବ ଯେ, ପୃଷ୍ଠା ପୂରଣ ପାଇଁ ଆବୁରୁ ଜାବୁରୁ ଲେଖା ବି ଉର୍ତ୍ତି ହେଇଯାଉଚି ପତ୍ରପତ୍ରିକାରେ। ଆମର ଏଠି ସାହିତ୍ୟିକଙ୍କୁ ପ୍ରୋତ୍ସାହନଟା ବି ଯୋଉ ରକମର, ଭଲ ଲେଖା ମିଳିବା ବି କଷ୍ଟ।...ଅଧିକାଂଶ ପ୍ରକାଶକ ମାରିନେଲେ ମହାପାତ୍ରେ, ଚାହିଁ ରହିଥିବେ ଜଳକା ନ୍ୟାୟରେ ତାଂକ ଧନ୍ଦା ଚଳେଇଛନ୍ତି। ...ଛାପୁଛନ୍ତି ତ, ବାରଆଡେ ପ୍ରଚାର ତ ହଉଚି, ରୟାଲଟି ନ ମିଳୁ ପଛେ, ବହିଟା ଛପିଯାଉ, ଏଇ ମାନସିକତାରେ ଆମେ ଚାଲିଚେ। ନିଜେ ବା କେତେ ଛାପିପାରିବେ..ସେମିତି ସମ୍ବଳ ଥିବା ଦରକାର। ସବୁ ପ୍ରକାଶକ ନୁହନ୍ତି, ହେଲେ କିଛି ପ୍ରକାଶକ ତ ବେଶ୍ ଉପାର୍ଜନ କରୁଛନ୍ତି ଏଇ ଧନ୍ଦାରୁ।...ସେଥିରେ ଅବଶ୍ୟ ଟିକେ ଆଙ୍ଗୁଠି ବଂକା କାଇଦାଟା ଅଛି।..କରିଜାଣିଲେ ହେଲା, ନେଇ ଆଣି ଥୋଇ ଜାଣିଲେ......।

ସବୁଠୁ ତଳ ସ୍ତରରେ ରହିଲେ ସାହିତ୍ୟିକ, ଅଧିକାଂଶ ଟିଭି ଧାରାବାହିକ, ଆଲବମ୍, ଚଳଚ୍ଚିତ୍ର କଳାକାର ବେଶ୍ ରୋଜଗାର କରିପାରୁଛନ୍ତି ସେମାନଙ୍କ ପେଶାକୁ ନେଇ। ସଭାସମିତିକୁ ସାହିତ୍ୟିକ(ବଡ଼ ସାହିତ୍ୟିକ ଟିକେ ପୃଥକ) ହାତରୁ ଖାଇ ଘୋଡ଼ା ଆଗରେ ଡେଇଁବା ଭଳି ଯାଉଥିବା ବେଳେ ଏ ଧାରାବାହିକ, ଆଲବମ୍, ଚଳଚ୍ଚିତ୍ର ଅଭିନେତାମାନେ ସଭାସମିତିକୁ ଗଲେ ବେଶ୍ କିଛି ରୋକଡ଼ା ଅର୍ଜନ କରିପାରୁଛନ୍ତି। କଳାକାର, ଖେଳାଳିଙ୍କ ପାଇଁ ନାମୀ ଦାମୀ ପୁରସ୍କାର ଅଛି, ହେଲେ ସାହିତ୍ୟିକଙ୍କ ପାଇଁ ସେଭଳି ପ୍ରୋତ୍ସାହନର ସଂଖ୍ୟା ହାତଗଣତି, ଯାହାକି ସମୁଦ୍ରକୁ ଶଂଖେ ଭଳି। ଅନେକ ସମୟରେ ଏ ପୁରସ୍କାର ଫୁରସ୍କାରରେ ବି ପ୍ରିୟାପ୍ରୀତି ଜୋର କାମ କରେ। ଆମେ ତମକୁ ସମ୍ବର୍ଦ୍ଧିତ କରିବୁ, ତମେ ଆମକୁ ସମ୍ବର୍ଦ୍ଧିତ କର। ଆମେ ତମ ଲେଖା ଛାପିବୁ, ତମେ ଆମ ଲେଖା ଛାପ। ସାହିତ୍ୟର ସ ଅକ୍ଷର ଜାଣି ନଥିବା ଲୋକ ବି ଏଠି ବଡ଼ ସାହିତ୍ୟିକ ବୋଲଉଚି। ତା' ଲେଖା ବଡ଼ ବଡ଼ ଅକ୍ଷରରେ ଛପୁଚି, ବହି ବି ଛପି ସମାଜର ତଥାକଥିତ ବଡ଼ ବଡ଼ମାନଙ୍କ ଦ୍ୱାରା ଲୋକାର୍ପିତ ହଉଚି। ସରସ୍ୱତୀଙ୍କୁ ଲକ୍ଷ୍ମୀ ନିଜ ନିୟନ୍ତ୍ରଣକୁ ଆଣିସାରିଛନ୍ତି ଆମ ସାହିତ୍ୟରେ। ପତ୍ରପତ୍ରିକା ଛାପିଲେ ଆମେ ଆଗ ଖୋଜୁଚୁ ସେଇ ତଥାକଥିତ ବଡ଼ ଲେଖକଙ୍କୁ। ନୂଆ ପ୍ରତିଭା ବା ଲୋକଲୋଚନକୁ ଆସିନଥିବା ପ୍ରତିଭାମାନଙ୍କୁ ଆମର ସେଭଳି ପ୍ରୋତ୍ସାହନ ନାହିଁ। ପ୍ରତିଷ୍ଠିତ ଲେଖକମାନେ ବି ବାଟ ଛାଡୁନାହାନ୍ତି। ସବୁ ପତ୍ରିକା ଓ ସବୁ ପୁରସ୍କାରରେ ସେମାନଙ୍କର ସିଂହଭାଗ। ...ଶହେ ଦେଢ ଶହ ମାନପତ୍ର, ପୁରସ୍କାର ପାଇଥିବା ବଡ଼ ସାହିତ୍ୟିକ ଆଉ ଦଶଟା ପାଇଗଲେ କ'ଣ କିଛି ଫରକ ପଡୁଚି..ନାଁ ସେମାନଙ୍କ ଲେଖା ଆହୁରି ଉନ୍ନତମାନର ହେଇଯାଉଚି। ଯଦି ଲକ୍ଷ୍ୟ କରାଯାଏ, ଯୋଉ କୃତୀକୁ ନେଇ ଜଣେ ପ୍ରସିଦ୍ଧ ହେଇଚି, ତା'ର ଆଉ ଏକ କୃତୀ ପଢିଲେ ସେଥିରେ ଆଦୌ ଦମ୍ ନଥିବା ଭଳି ଲାଗୁଚି।...ଅନେକ ସମୟରେ କେବଳ ନାଁର ଖାତିରରେ ସେଗୁଡ଼ାକ ଛପା ଯାଉଚି। ଆଉ ଏକ ଦୃଷ୍ଟିକୋଣରୁ ବିଚାର କଲେ, ମାସକୁ ଗୋଟେ ଦି ଟା ଲେଖା ଲେଖୁଥିବା ଲୋକକୁ ଆମେ ଯଦି ଦଶଟା ଦବା ପାଇଁ ଅନୁରୋଧ କରିବା, ତେବେ ସେଇ ଗୁଣବତ୍ତା ଆସିବନି।...ଆମ କହିବା କଥା, ଏଇଭଳି ପ୍ରତିଭାର ଆଦର କରାଯାଉ, ଯୋଉମାନଙ୍କର ଦକ୍ଷତା, ମାନସିକତା, ଚିନ୍ତାଧାରା ସାହିତ୍ୟର ହିତ କରିବା ପାଇଁ ସତତ ତତ୍ପର। ଏଭଳି ପ୍ରତିଭା ଅଛନ୍ତି ଯୋଉମାନେ ଭଲ ସାହିତ୍ୟ ଲେଖିପାରିବେ, ଅଥଚ ଲେଖୁନାହାନ୍ତି...ସେମାନଙ୍କୁ ପ୍ରୋତ୍ସାହିତ, ଉତ୍ସାହିତ କରାଗଲେ ସାହିତ୍ୟର ଗୋଟେ ବଡ଼ ଉଦ୍ଦେଶ୍ୟ ସାଧିତ ହେଇପାରିବ। ଖୋର୍ଦ୍ଧାରେ ହେଉଥିବା ବିଷୁବ ମିଳନରେ ଆମେ ସେଇ ପ୍ରୟାସ କରିଛୁ। ଏଭଳି କିଛି ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବାକୁ ଚେଷ୍ଟା କରିଛୁ ସେମାନଙ୍କ ଲେଖା ଛାପି.. ସେମାନଙ୍କୁ ସମ୍ବର୍ଦ୍ଧିତ କରି।

ଶେଷ ଆଡ଼ିକି ସଂସ୍କୃତି ବା କଳାର କଥା। ଗୌରବମୟ ଆମ କଳା, ସଂସ୍କୃତି। ଏବେ ଆମେ ତାକୁ ବିକି ଭାଙ୍ଗିକି ଖାଉଚୁ। କହିବା କଥା, ଆମ ସଂସ୍କୃତି ଖାଲି ସମୃଦ୍ଧ ଐତିହ୍ୟର ପରିଚାୟକ ନୁହଁ, ଏହା ମଧ୍ୟ ବିତ୍ତଶାଳୀ। ବସି ଖାଇଲେ ନଈବାଲି ସରେ...ତେଣୁ ଉପାର୍ଜନ ଦରକାର। ଆମେ ଉପାର୍ଜନ କରୁଚେ, ହେଲେ ସେଗୁଡ଼ା ନିଜ ପକେଟକୁ ଯାଉଚି। ସମୂହ ସ୍ୱାର୍ଥ ଦୃଷ୍ଟିରୁ ତାହା ଯେଉଁଭଳି କାମରେ ଲାଗିବା କଥା, ଲାଗିପାରୁନାହିଁ। ବ୍ୟକ୍ତିଗତ ଭାବେ ଆମ କଳାକାର ପ୍ରତିଷ୍ଠା ଲାଭ କରିଛନ୍ତି ଦେଶ ବିଦେଶରେ, ହେଲେ ଆମ ରାଜ୍ୟର କଳା, ସଂସ୍କୃତି ସେଇ ପରିମାଣରେ ପ୍ରତିଷ୍ଠିତ ହେଇନି ଦେଶବିଦେଶରେ। କହିବାକୁ ଗଲେ ଦିନକୁ ଦିନ ବିଦେଶୀ ସଂସ୍କୃତି ଆମ ସଂସ୍କୃତି ଭିତରେ ଧସେଇ ପଶୁଚି। ଆମର ଭଲ ଜିନିଷ ସେମାନେ ଗ୍ରହଣ କରିନେଉଛନ୍ତି, ହେଲେ ସେଗୁଡ଼ାକୁ ଆମେ ଗ୍ରହଣ କରିପାରୁନେ ବା ଯେଭଳି ଗ୍ରହଣ କରିବା କଥା ସେଭଳି କରୁନାହେଁ। ପାରମ୍ପରିକ କଳା, ସଂସ୍କୃତିକୁ ଯେଭଳି ପ୍ରୋତ୍ସାହନ ମିଳିବା କଥା ମିଳିପାରିନାହିଁ।

ଛାଡ଼ନ୍ତୁ...ଖାଲି ସମାଲୋଚନା କରିଦେଲେ ବା ବିକ୍ଷୋଦଗାର କରିଦେଲେ ତ କିଛି ହେବନାହିଁ। ସେଥିପାଇଁ ଆମକୁ ପଦକ୍ଷେପ ନବାକୁ ପଡ଼ିବ। ସମଭାବାପନ୍ନ ଲୋକମାନେ ଯାହାଙ୍କୁ ଆମେ ପ୍ରକୃତ ଓଡ଼ିଆ କହିପାରିବା(ଏଥିରେ ଅଣଓଡ଼ିଆମାନେ ବି ଅଛନ୍ତି ଯେଉଁମାନେ ଆମ ରାଜ୍ୟକୁ ନିଜର କରିସାରିଲେଣି), ସମସ୍ତେ ଆସନ୍ତୁ ଏକାଠି ହବା, କେବଳ ଉତ୍କଳ ଦିବସ କି ବିଷୁବ ମିଳନ ନୁହଁ, ବର୍ଷତମାମ କିଛି କାର୍ଯ୍ୟ କରିବା, ଯାହାକି ଆମ ଭାଷା, ସାହିତ୍ୟ ଓ କଳା ସଂସ୍କୃତିର ସୁରକ୍ଷା ସାଙ୍ଗକୁ ସେସବୁର ସମୃଦ୍ଧିରେ ସହାୟକ ହେବ।

*କାର୍ଯ୍ୟକାରୀ ସଂପାଦକ*
*ଖୋର୍ଦ୍ଧା ବିଷୁବ ମିଳନ ସମିତି*
*ଏମ୍-୨୩, ବିଡିଏ କଲୋନୀ,*
*ଖୋର୍ଦ୍ଧା-୭୫୨୦୫୫*

# ସ୍ଥିତିରକ୍ଷା ପାଇଁ ମହାମେଣ୍ଟ

ଜେ.ଏସ୍. କୁମାର

ସଂପ୍ରତି ଉତ୍ତରପ୍ରଦେଶରେ ସବୁଦିନ କିଛିନା କିଛି ନୂଆ ନୂଆ ଘଟଣା ଘଟୁଛି। ଏବେକାର ଘଟଣା ହେଲା ଯେ ନିର୍ବାଚନ ପରବର୍ତ୍ତୀ ଫଳାଫଳ ଓ ଯୋଗୀଙ୍କ କାର୍ଯ୍ୟଶୈଳୀକୁ ନେଇ ଶଙ୍କିଗଲେଣି ବିରୋଧୀଦଳ। ତେଣୁ ପରସ୍ପର ପ୍ରଚଣ୍ଡ ବିରୋଧୀ ଥିବା ମାୟାବତୀ ଏବଂ ଅଖିଳେଶ ଯାଦବ କ୍ରମଶଃ ନିକଟତର ହେବାକୁ ଘୋଷଣା କରିସାରିଲେଣି। କାରଣ ବିଗତ ୧୫ ବର୍ଷର ଯୋଜନା ସମ୍ପର୍କରେ ସମୀକ୍ଷା କରାଯିବା ସହ ଆବଶ୍ୟକସ୍ଥଳେ ଅନୁସନ୍ଧାନ ହେବ ବୋଲି ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଘୋଷଣା କରିଥିବାରୁ ଉଭୟ ଏସ୍‌ପି ଓ ବିଏସ୍‌ପି ନେତାଙ୍କ ମନରେ ଛନ୍‌କା ପଶିଗଲାଣି। ଶିକ୍ଷୟିତ୍ରୀରୁ ମୁଖ୍ୟମନ୍ତ୍ରୀ ହୋଇଥିବା ମାୟାବତୀ ଏବେ ଶହ ଶହ କୋଟି ସମ୍ପତ୍ତିର ମାଲିକ। ଆଗାମୀ ଦିନରେ ତାଙ୍କ ଶାସନ କାଳରେ ହୋଇଥିବା କାର୍ଯ୍ୟର ସମୀକ୍ଷା କରାଗଲେ ତାଙ୍କ ବିରୁଦ୍ଧରେ ପଦକ୍ଷେପ ଗ୍ରହଣ କରିପାରନ୍ତି ରାଜ୍ୟ ସରକାର। ଏ ପ୍ରକାର ଆଶଙ୍କାରେ ସେ ନିଜ ଭାଇ ଆନନ୍ଦ ମୋହନଙ୍କୁ ଦଳର ସଂଗଠନ ଦାୟିତ୍ୱ ଦେଇଛନ୍ତି। ଯେମିତି ଗୋମତୀ କରିଡ଼ରଠାରୁ ଆରମ୍ଭ କରି ଅନେକ ପ୍ରକଳ୍ପ କ୍ଷେତ୍ରରେ ହୋଇଥିବା ଦୁର୍ନୀତି, ଏପରିକି ୱାକଫବୋର୍ଡ଼ର ଜମି ଜାଲିଆତି ଓ ସରକାରୀ ଜମି ଦଖଲ ଅଭିଯୋଗରେ ଥିବା ଯଥେଷ୍ଟ ପ୍ରମାଣ ଯୋଗୁ ସମାଜବାଦୀ ପାର୍ଟିର ପୂର୍ବତନ ମନ୍ତ୍ରୀ ଆଜମ ଖାଁ ଏବେ ଚିନ୍ତାରେ ପଡ଼ିଛନ୍ତି। କଂଗ୍ରେସ ଦଳ ଇତିହାସର ସବୁଠୁ ବଡ଼ ପରାଜୟ ଉତ୍ତର ପ୍ରଦେଶରେ ବରଣ କରିଛି। ନୂଆ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଯଦି ମୋଦିଙ୍କ ଷ୍ଟାଇଲ୍‌ରେ ଉତ୍ତର ପ୍ରଦେଶକୁ ଶାସନ କରନ୍ତି ତେବେ ଆଗାମୀ ଦିନରେ ବିରୋଧୀଦଳ ଏସ୍‌ପି, ବିଏସ୍‌ପି ଓ କଂଗ୍ରେସର ସ୍ଥିତି ଅଧିକ ଦୁର୍ବଳ ହେବ। ତେଣୁ ସେମାନେ ୨୦୧୯ ନିର୍ବାଚନ ପାଇଁ ଏବେଠାରୁ ସ୍ଥିତିରକ୍ଷା ପାଇଁ ମହାମେଣ୍ଟ ଗଠନର ସୂଚନା ଦେଇଛନ୍ତି।

ଯୋଗୀ ସରକାର ଜନତାଙ୍କ ଅଭୂତପୂର୍ବ ସମର୍ଥନ ଲାଭ କରି ଆସିଛନ୍ତି। ଦୀର୍ଘ ୧୯ ବର୍ଷରୁ ଅଧିକ ସମୟ ଯୋଗୀ ଗୋରଖପୁର ରାଜନୀତି ସହ ସଂପୃକ୍ତ ରହିଛନ୍ତି। ସେ ମୋଦିଙ୍କ ପରି ସ୍ପଷ୍ଟ ଓ କଠୋର କଥା କହୁଥିବାରୁ ଅନେକ ତାଙ୍କୁ ପ୍ରଖର ହିନ୍ଦୁତ୍ୱର ପ୍ରଚାରକ ଭାବେ ଗ୍ରହଣ କରିଥାନ୍ତି। କିନ୍ତୁ ଗୋରଖନାଥ ମଠର ମହନ୍ତ ଭାବେ ସେ ଉତ୍ତର ପ୍ରଦେଶର ଜନଜୀବନ ଓ ସମସ୍ୟାକୁ ଅତି ନିକଟରୁ ଦେଖିଛନ୍ତି। ଅବଶ୍ୟ ଗୋରଖନାଥ ପୀଠର ମହନ୍ତଙ୍କର ରାଜନୀତି ସହ ସମ୍ପର୍କ ୮୦ ବର୍ଷରୁ ଅଧିକ। ଯୋଗୀ ସେହି ପରମ୍ପରାରେ କାର୍ଯ୍ୟ କରି ଆଜି ମୁଖ୍ୟମନ୍ତ୍ରୀ ଆସନରେ ବସିଛନ୍ତି। ମୁଖ୍ୟମନ୍ତ୍ରୀ ହେବା ପାଇଁ ସେ ସେବୁଠୁ ଦୁର୍ବଳ ବ୍ୟକ୍ତିବୋଲି ନିର୍ବାଚନ ପୂର୍ବରୁ ଗଣମାଧ୍ୟମରେ ପ୍ରକାଶ ପାଇଥିଲା, ସବୁଠୁ ଅଧିକ ଜନସମର୍ଥନ ଅଖିଳେଶ ଯାଦବଙ୍କ ସହ ଅଛି, ମାୟାବତୀ ମଧ୍ୟ କିଛି ଦୁର୍ବଳ ନୁହନ୍ତି ବୋଲି କୁହାଯାଉଥିଲା। ଏପରିକି ନିର୍ବାଚନପରେ ମାୟାବତୀ ମୁଖ୍ୟମନ୍ତ୍ରୀ ହେବେ ଓ ନରେନ୍ଦ୍ର ମୋଦି ସବୁଦିନ ପାଇଁ ଗୁଜରାଟ ଚାଲିଯିବେ ବୋଲି ଅତ୍ୟନ୍ତ ରୋଚକ ବକ୍ତବ୍ୟ ପ୍ରକାଶ ପାଇଥିଲା। କିନ୍ତୁ ନିର୍ବାଚନ ପରେ ମାୟାବତୀ ଏତେ କମ୍ ସମର୍ଥନ ପାଇବା ପରେ ମଧ୍ୟ ଭୋଟିଂମେସିନ୍‌କୁ ଦୋଷ ଦେଇଛନ୍ତି। ନିଜ ସଂଗଠନର ଦୁର୍ବଳତା ଏବଂ ଅତୀତ ଦିନର ଦୁର୍ନୀତି ବିଷୟରେ ଆଦୌ କିଛି କହୁନାହାନ୍ତି। ଭୋଟିଂ ମେସିନ୍ ମାଧ୍ୟମରେ ତାଙ୍କୁ ହରାଇ ଦିଆଯିବା ପରି ମିଛ ଅଭିଯୋଗ କରିବାରେ ସେ ଲାଗିପଡ଼ିଛନ୍ତି। ସେମିତି ଅଖିଳେଶ ଯାଦବ ମଧ୍ୟ ମାୟାବତୀଙ୍କ ସହ ସ୍ୱର ମିଳାଇଛନ୍ତି। କଂଗ୍ରେସ ଦଳର ନେତାମାନେ ଅଭିଯୋଗ କରିବାକୁ ସବୁ ବିରୋଧୀମାନଙ୍କୁ ନେଇ ରାଷ୍ଟ୍ରପତିଙ୍କ ନିକଟରେ ଫେରାଦ ଦେଇଛନ୍ତି। ଆଦୌ କେଉଁଠି ଦୃଶ୍ୟମାନ ହେଉନଥିବା ବାମପନ୍ଥୀମାନେ ମଧ୍ୟ ଏହି ଅଭିଯାନରେ ସାମିଲ୍ ଅଛନ୍ତି ।

ଉତ୍ତର ପ୍ରଦେଶ ବିଧାନସଭାରେ ମିଳିତ ବିରୋଧୀମାନଙ୍କ ଶକ୍ତି ମୋଟ ସଂଖ୍ୟାର ୨୦ ପ୍ରତିଶତ। କିନ୍ତୁ ବିରୋଧୀଦଳର ନେତୃବୃନ୍ଦ କହିବାରେ ଲାଗିଛନ୍ତି ଯେ ୫୮ ପ୍ରତିଶତ ବିଭାଜିତ ଭୋଟର ସେମାନଙ୍କ ସହ ଅଛନ୍ତି। ଏଠାରେ କହିବା ଠିକ୍ ହେବ ଯେ ଚାରିଟି ଦଳ ଭାବେ ନିର୍ବାଚନ ଲଢ଼ିବାବେଳେ ଯେଉଁ ଭୋଟର ସେମାନଙ୍କ ସହ ବାଣ୍ଟିହୋଇ ରହିଥିଲେ ମହାମେଣ୍ଟ ଗଠନ ପରେ ସେମାନଙ୍କ ସମର୍ଥନ ଅପରିବର୍ତ୍ତିତ ରହିବ ବୋଲି କୁହାଯାଇପାରିବ ନାହିଁ। ସେପରିସ୍ଥଳେ ଦୁଇଶକ୍ତି ମଧ୍ୟରେ ନିର୍ବାଚନ ବେଳେ ପାରମ୍ପରିକ ଭୋଟରମାନଙ୍କ ମଧ୍ୟରୁ ଯେପରି ସମାଜବାଦୀ ପାର୍ଟି, ବହୁଜନ ସମାଜ ପାର୍ଟିକୁ ଖୋଲାଖୋଲି ସମର୍ଥନ କରିବା ପାଇଁ ମନରେ ସଙ୍କୋଚ ପ୍ରକାଶ କରିବ ସେମିତି କଂଗ୍ରେସ ଦଳର ସମର୍ଥନ ମଧ୍ୟ ବହୁଜନ ସମାଜପାର୍ଟିକୁ ସେମିତି ସମର୍ଥନ କରିପାରିବ ନାହିଁ। ବୈଚାରିକ ସିଦ୍ଧାନ୍ତ ନେଇ ଚାଲୁଥିବା ଲୋକେ ତତ୍‌କାଳୀନ ସୁବିଧାବାଦୀ ମେଣ୍ଟରେ ବିଶ୍ୱାସ ରଖିନଥାନ୍ତି । ପରସ୍ପର ବିରୋଧୀଥିବା ଲୋକେ ଏକ ସଂଗେ ରାସ୍ତାକୁ ଓହ୍ଲାଇଲେ ମତଦାତାମାନେ ମଧ୍ୟ ଅକୁଣ୍ଠିତ ଚିତ୍ତରେ ସମର୍ଥନ କରିବେ ବୋଲି ଧରିନେବା ଆଦୌ ଠିକ୍ ନୁହେଁ। ଏପରିସ୍ଥଳେ ପରସ୍ପର ବିରୋଧୀ ଥିବା ଲୋକେ କେବଳ ଆପଣାର ସ୍ଥିତିରକ୍ଷା ପାଇଁ ମେଣ୍ଟ କଲେ ମତଦାତାମାନେ ସେମାନଙ୍କୁ ସୁବିଧାବାଦୀ, ସ୍ୱାର୍ଥପର ମେଣ୍ଟ ବୋଲି ମନେ କରିବେ। ତେଣୁ ପରସ୍ପରର ମନ୍ଦ କାର୍ଯ୍ୟକୁ ଲୁଚାଇବା ପାଇଁ ମେଣ୍ଟ ଗଠନ କଲେ ବହୁତ କିଛି ଲାଭ ହେବ ବୋଲି ଭାବିବା ଭୁଲ୍ କଥା। କାରଣ ରାଜନୀତିରେ ସମବିଚାର ଥିବା ଲୋକେ ଅନ୍ତଃସ୍ତରରେ ପରସ୍ପରକୁ ଗ୍ରହଣ କରିନେବା ସହଜ ହୋଇନଥାଏ ବରଂ ଅନେକ ଲୋକଙ୍କ ଅହଂକାର ଯୋଗୁ ପରିଣତି କ୍ଷତିକାରକ ହୋଇଥାଏ।

ଯୋଗୀ ଆଦିତ୍ୟନାଥ ସରକାରକୁ ଆସିବା ପରଠାରୁ କଠିନ ପରିଶ୍ରମ କରିବା, ଲୋକଙ୍କ ନିକଟତର ହେବା, ବ୍ୟକ୍ତିଗତ ଜୀବନରେ ସରଳତାକୁ ଅବଲମ୍ବନ କରିବା, ସମୟବଦ୍ଧ ହୋଇ କାର୍ଯ୍ୟ କରିବା, ଲୋକାଭିମୁଖୀ ଯୋଜନା ପ୍ରସ୍ତୁତ କରିବା, ଉତ୍ତର ପ୍ରଦେଶରେ ଚବିଶ ଘଣ୍ଟିଆ ବିଦ୍ୟୁତ୍ ଯୋଗାଣ, ଜୁନ୍ ୧୫ ସୁଦ୍ଧା ସଡ଼କର ମରାମତି, ବୟସ୍କ ଲୋକଙ୍କ ଭତ୍ତା ଅର୍ଥରେ ବୃଦ୍ଧି, ଦୁର୍ନୀତି ବିରୋଧୀ ଅଭିମୁଖ୍ୟ, କୃଷକମାନଙ୍କୁ ଏକ ଲକ୍ଷ ଟଙ୍କା ଯାଏଁ ଋଣଛାଡ଼, ରୋଡ଼ ରୋମିଓ ବିରୋଧୀ ପଦକ୍ଷେପ, ବଜାର ଅଞ୍ଚଳରେ ପୋଲିସ୍ ବାହିନୀର ନିୟମିତ ଗସ୍ତ, ବେଆଇନ କଂସେଇଖାନା ବନ୍ଦ କରିବା, ମଦ୍ରାସାଗୁଡ଼ିକର ଆଧୁନିକୀକରଣ, ପୁରୁଣା ଚିନି ମିଲ୍‌ର ପୁନରୁଦ୍ଧାର ସହ ୬ଟି ନୂତନ ମିଲ୍ ଖୋଲିବା ଲାଗି ଘୋଷଣା, ସ୍ୱାସ୍ଥ୍ୟସେବାର ବିକାଶ ପାଇଁ ୧୫୦ ଜୀବନ ରକ୍ଷାକାରୀ ବ୍ୟବସ୍ଥା ଥିବା ଆମ୍ବୁଲାନ୍ସ ଚଳାଚଳ, ସରକାରୀ ଡ଼ାକ୍ତରଙ୍କ ବାହାରେ ସେବା ବନ୍ଦ କରିବା, ମାନସରୋବର ଯାତ୍ରା ପାଇଁ ଆର୍ଥିକ ସହାୟତା, ଶସ୍ତା ଦରରେ ଶ୍ରମିକ ଓ ଗରିବ ପାଇଁ ଲୋକଙ୍କ ପାଇଁ ଜଳଖିଆ ତଥା ଭୋଜନ ବ୍ୟବସ୍ଥା, ଗରିବ ମୁସ୍‌ଲିମ୍ ଝିଅଙ୍କ ବିବାହ ପାଇଁ ସରକାରୀ ଅର୍ଥର ସହାୟତା ପରି ଅନେକ ଜନକଲ୍ୟାଣକାରୀ ଘୋଷଣା ଯୋଗୀଙ୍କ ବିରୋଧୀମାନଙ୍କ ଆଖିରୁ ନିଦ ହଜାଇଦେଇଛି। ମୋଦିଙ୍କ ପାଇଁ ନିର୍ବାଚନ ପୂର୍ବରୁ ଅଖିଳେଶ କଂଗ୍ରେସ ସହ ମେଣ୍ଟ କରିଥିଲେ। ଏବେ ନିଜର ସ୍ଥିତି ପାଇଁ ସେ ମାୟାବତୀଙ୍କ ସହ ମେଣ୍ଟ ଗଢ଼ିବା ଲାଗି ଆଗ୍ରହୀ। ଅଥଚ ମୁଲାୟମ୍ ଓ ଶିବପାଲ୍ ମୂଳରୁ କଂଗ୍ରେସ କିମ୍ବା ବିଏସ୍‌ପି ସହ ମହାମେଣ୍ଟ ଗଠନର ବିରୋଧୀ ରହିଆସିଛନ୍ତି ।

ମହାମେଣ୍ଟଗଠନର ଆଉ ଏକ କାରଣ ହେଲା ସମାନ ପ୍ରଶାସନ, ସମାନ ବ୍ୟବସ୍ଥାକୁ ସୁଧାରିବାରେ ଯୋଗୀଙ୍କ ବଳିଷ୍ଠ ଯୋଜନା। ପୋଲିସ୍ ଥାନା ସଫେଇ ହେଉ କିମ୍ବା କାର୍ଯ୍ୟାଳୟର ସଫେଇ ସବୁଠି ଶାସନର ବଳିଷ୍ଠ ଛାପ ଦେଖାଇବାକୁ ଯୋଗୀ ଉଦ୍ୟମ ଆରମ୍ଭ କରିଛନ୍ତି। ଫଳସ୍ୱରୂପ ବର୍ଷ ବର୍ଷ ଧରି ଅଳିଆ ଗଦା ପରି ପଡ଼ିରହିଥିବା ଫାଇଲସବୁ ଟେବୁଲ୍ ଉପରୁ ହଟୁଛି, ଥାନା ପରିଷ୍କାର ହେଉଛି, ସଡ଼କ ଚଉଡ଼ା କରିବା ପାଇଁ ପ୍ରୟାସ ଚାଲିଛି। ସରକାରୀ ଅଫିସ୍‌ରେ ବାୟୋମେଟ୍ରିକ୍ ପ୍ରଣାଳୀରେ ଉପସ୍ଥାନ ପ୍ରୟୋଗ, ପରୀକ୍ଷା ଗୃହରେ ସିସିଟିଭିର ସଂଯୋଗ, ସ୍ୱାସ୍ଥ୍ୟ ସେବାରେ ଉନ୍ନତି ପାଇଁ ଆଗାମୀ ୫ ବର୍ଷରେ ୬ଟି ମେଡ଼ିକାଲ୍ କଲେଜ ଖୋଲିବା ପରି ଯୋଜନା ଘୋଷଣା କରି ଯୋଗୀ ବିରୋଧୀମାନଙ୍କୁ ଚକିତ କରିଦେଇଛନ୍ତି। ଏସବୁ ଦେଖି ଅଖିଳେଶ କହିଛନ୍ତି ଯେ ଅଫିସର୍‌ମାନେ ଏତେ ଭଲ ଝାଡୁମାରିବା କଥା ଜଣାଥିଲେ ସେ ପୂର୍ବରୁ ଝାଡୁମରାଇଥାନ୍ତେ। ଏହା ଅପାରଗ ଶାସନର ହତାଶାବୋଧ କହିଲେ ଠିକ୍ ହେବ। ପ୍ରଶାସନକୁ ଶାସନ କିପରି ନିୟନ୍ତ୍ରଣ କରିପାରେ ଯୋଗୀ ତା'ର ପ୍ରମାଣ ଦେଇଛନ୍ତି। ଠିକା ଦେବା ଲାଗି ଇ-ଟେଣ୍ଡର୍ ପ୍ରକ୍ରିୟା ପାଇଁ ସେ ଘୋଷଣା କରିଛନ୍ତି। ସାଧାରଣ ବଣ୍ଟନ ବ୍ୟବସ୍ଥାର ଉନ୍ନତି ପାଇଁ ସେ ମଡ଼େଲ୍ ଭାବେ ଛତିଶଗଡ଼କୁ ଆଖିଆଗରେ ରଖି ଢ଼ାଞ୍ଚା ପ୍ରସ୍ତୁତିର ନିର୍ଦ୍ଦେଶ ଦେଇଛନ୍ତି। ଅଳ୍ପ ଦିନରେ ଶାସନର ଛାପ ଦେଖାଇବା, ବ୍ୟବସ୍ଥାକୁ ସୁଧାରିବା, ଲୋକଙ୍କ ନିକଟତର ହେବା, ଅଧିକାରୀମାନଙ୍କ ବିଶ୍ୱାସର ପାତ୍ର ହେବା, ନିଷ୍ପାପର ଲୋକଙ୍କ ପାଇଁ ପ୍ରେରଣାର ଉତ୍ସ ହେବା, ନିଜେ ମୁଖ୍ୟମନ୍ତ୍ରୀ ରାତି ଅଧଯାଏ ସମୀକ୍ଷା ବୈଠକ କରିବା ଆଦି କାର୍ଯ୍ୟଶୈଳୀକୁ ଗଣମାଧ୍ୟମ ଭୁରି ଭୁରି ପ୍ରଶଂସା କରିବା ଦ୍ୱାରା ମୋଦିଙ୍କ ପରି ଯୋଗୀ ଏବେ ଖୁବ୍ ଲୋକପ୍ରିୟ ହୋଇଉଠିଛନ୍ତି।

ଅଣ ବିଜେପି ଦଳଗୁଡ଼ିକ ମହାମେଣ୍ଟ କଲେ ଆଗାମୀ ଦିନରେ ଦୁଇମେଣ୍ଟ ମଧ୍ୟରେ ଦେଶର ରାଜନୀତି ବାଣ୍ଟି ହେଲେ କ୍ଷୁଦ୍ର କ୍ଷୁଦ୍ର ବହୁଦଳ ବିଶିଷ୍ଟ ଛୋଟ ଛୋଟ ଗୋଷ୍ଠିଭିତ୍ତିକ ପାଖାପାଖି ୨୦୦୦ ହଜାର ଦଳ ଭିତରୁ ଅନେକ ବିଲୀନ ହେବେ। କାରଣ ଏସବୁ ଛୋଟ ଦଳ ରାଜନୀତି କମ୍, ଚାନ୍ଦାନୀତି ଅଧିକ କରିଥାନ୍ତି। ଏପରିକି ଆଦୌ ନିର୍ବାଚନ ଲଢ଼ିନଥିବା ଦଳ ମଧ୍ୟ ଏ ଯାଏଁ ପଞ୍ଜିକରଣ କାଗଜକୁ ନେଇ ବଂଚି ରହିଛନ୍ତି। ମହାମେଣ୍ଟ ହେଲେ ଏମାନେ ବାଣ୍ଟିହେବେ ନଚେତ୍ ସ୍ଥିତି ହରାଇବେ। ଦେଶରେ ଯେତେ ଅଳ୍ପ ଦଳ ରହିବ ଲୋକଙ୍କ ପାଇଁ ସେତେ ଭଲ। ସଂଖ୍ୟାଧିକ ଦଳ ଭାରତୀୟ ଗଣତନ୍ତ୍ର ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛନ୍ତି। ତଳସ୍ତରରେ ଲୋକଙ୍କୁ ବିଭ୍ରାନ୍ତ କରିବାରେ ଏସବୁ ଦଳର ଅଧିକ ଭୂମିକା ରହିଥାଏ। ବିହାରର ନେତା ଲାଲୁ ଓ ନିତିଶ୍, ଓଡ଼ିଶାର ନବୀନ, ପଶ୍ଚିମବଙ୍ଗର ମମତା ନିଜ ନିଜର ସର୍ବଭାରତୀୟ ଭୂମିକା ନେଇ ସନ୍ଦିହାନ ସ୍ଥିତିରେ ରହିଛନ୍ତି। ଗତ କିଛିଦିନ ତଳେ ନୂଆଦିଲ୍ଲୀରେ ମମତା ବହୁ ଗର୍ଜନ କଲେ ମଧ୍ୟ ସଂଗଠନ ଅଭାବରୁ ଅଧିକ ଗୁରୁତ୍ୱ ମିଳିଲା ନାହିଁ। ଦିଲ୍ଲୀରେ ନବୀନଙ୍କ ସହ ସେ ଅନେକ ସମୟ ଧରି ଆଲୋଚନା କଲେ। କାରଣ ନବୀନଙ୍କ ଲୋକେ ମଧ୍ୟ ତାଙ୍କ ଦଳ ପରି ଓଡ଼ିଶାରେ ଚିଟ୍‌ଫଣ୍ଡ ଠକେଇ ମାମଲାରେ ଜଡ଼ିତ ରହିଛନ୍ତି। ଏଥିରୁ ଜଣାପଡ଼େ ଯେ ସମାନବିଚାରର ଓ ଏକାପରି କାର୍ଯ୍ୟକରୁଥିବା ଅଭିଯୁକ୍ତ ଲୋକେ ଯୋଡ଼ି ହେବା ସମ୍ଭବ। ୨୦୧୯ ନିର୍ବାଚନ ପାଇଁ ଜୟଲଳିତାଙ୍କ ଦଳ ଏଥିରେ ସାମିଲ୍ ହେଲେ ମେଣ୍ଟ ସର୍ବଭାରତୀୟସ୍ତରର ରୂପ ନେଇପାରେ। ତେବେ ଏ ପ୍ରକାର ସୁବିଧାବାଦୀ, ନିର୍ବାଚନ ପାଇଁ ହେଉଥିବା ମହାମେଣ୍ଟ ଲୋକଙ୍କ ପାଇଁ କଲ୍ୟାଣକାରୀ ନୁହେଁକି।

*ଭାରତୀୟ ସମ୍ବାଦ ସେବା (ଭାସ୍),*
*ଭୁବନେଶ୍ୱର-୩*

ଆମ ଠିକଣା
**ଏକମାତ୍ର**
ସମ୍ପାଦନା କାର୍ଯ୍ୟାଳୟ
ଏଚଆଇଜି-୧୩୭, ଧର୍ମବିହାର
ଖଣ୍ଡଗିରି, ଭୁବନେଶ୍ୱର-୩୦
ଦୂରଭାଷ : ୦୮୭୬୩୩୬୮୦୨୯
୦୭୦୦୮୩୪୦୩୮୯



**କ୍ଷୀରୋଦ ଦାସ**
ମୋ : ୯୪୩୭୧୬୩୦୦୨
ମେଲ୍: khirod65@gmail.com

# ବେଦନାର ବେଦ (୧୩)




**ଷ୍ଟେ**ସନ୍ ବାହାରକୁ ଆସି ସେମାନେ ପଶିଲେ ଗୋଟିଏ ଜଳଖିଆ ଦୋକାନରେ। ଦୋକାନୀ ଆଣି ଥୋଇଦେଲା ବରା, ଇଡ଼ଲି, ଗୁଗୁନି। ଖାଇ ସାରିବାପରେ ସଞ୍ଜୟ ଆଗତୁରା ପଇସା ପଇଠ କରିଦେଲା। ଦୋକାନୀକୁ ଚକ୍ରଧରକୁ ଏକଥା ଭଲ ଲାଗିଲାନି। ସେ ସଙ୍କୁଚିତ ହୋଇଗଲା। ଯେତେହେଲେ ସଞ୍ଜୟକୁ ସେ ଡାକିଆଣିଛି ନିଜ କାମରେ। ଜଳଖିଆ ବାବଦକୁ ଟଙ୍କା ସେ ଦେଇଦେବାଟା ଠିକ୍ ହେଲା ନାଇଁ। ଚକ୍ରଧର ଖୁବ୍ ମନସ୍ତାପ କଲା।

ଅଳ୍ପ କିଛିବାଟ ଗଲାପରେ ସେମାନେ ଗୋଟେ ରିକ୍ସା ଧରିଲେ।

କଟକ ସହରର ଗଳିକନ୍ଦି ଭିତର ଦେଇ ରିକ୍ସା ଗଡ଼ିଯାଉଥିବା ବେଳେ ଗୋଟେ ନିରୀହ ଛେଳିଛୁଆ ପରି ରିକ୍ସା ଉପରେ ବସି ଚକ୍ରଧର ଏପାଖ ସେପାଖକୁ ଚାହୁଁଥିଲା। ଏ ଦୁନିଆରେ ପୁଣି ଏତେ ଲୋକ ଥାଆନ୍ତି!! ଏତେ ଗାଡ଼ି ମୋଟର ଥାଏ! ଏତେ ଦୋକାନ ବାଜର! ହେ ଭଗବାନ! ଏ ଭିଡ଼ ଭିତରେ ସେ ପେଶି ହୋଇଯିବନି ତ! ସେ ଅଣନିଶ୍ୱାସୀ ହୋଇପଡୁଥିଲା। ସେ ଆବାକାବା ହୋଇ ଯାଉଥିଲା। ସେ ନିଜ ଉପରୁ ଆସ୍ଥା ହରାଇ ବସୁଥିଲା। ରିକ୍ସା କିନ୍ତୁ ଭିଡ଼କାଟି, ବୁଲେଇ ବାଙ୍କେଇ ଚାଲିଥିଲା ଗନ୍ତବ୍ୟ ପଥରେ। ତା' ପାଖରେ ସେ ସମୟରେ ସଞ୍ଜୟ ବସିଥିଲା ବୋଲି ସେ ଯାହା ସ୍ଥିର ଓ ନିର୍ବାକ୍ ହୋଇ ବସି ରହିଥିଲା।

"ବାପ ସଞ୍ଜୁ, ଏଇଟା କ'ଣ କଟକ ବଡ଼ ମେଡ଼ିକାଲ?" ଗୋଟିଏ ବିରାଟ ଧଳା ଚିକ୍‌ଚିକ୍ କୋଠା ସାମ୍ନାରେ ପ୍ରାୟ ଅଧଘଣ୍ଟା ପରେ ରିକ୍ସା ରହିବାରୁ ଚକ୍ରଧର ପଚାରିଲା ସଞ୍ଜୟକୁ।

"ବଡ଼ ଡାକ୍ତରଖାନାଠାରୁ ବି ବଡ଼। ବହୁତ ନାମକରା ଡାକ୍ତର ଅଛନ୍ତି ଏଠି। ଲେପ୍ରସି ଟି.ବି କ୍ୟାନ୍‌ସର ଏଡସ୍ ପରି ବଡ଼ ଭୟାନକ ରୋଗମାନଙ୍କର ଚିକିତ୍ସା କରାଯାଏ ଏଠି। ସଞ୍ଜୟ କହିଲା ଏବଂ ଭଡ଼ା ବାବଦକୁ ରିକ୍ସାବାଲାକୁ ଟଙ୍କା ଦେଇସାରି ଯୋଗକଲା- 'ୟା' ନାଁ ହେଉଛି ପତିତପାବନ ନର୍ସିଂହୋମ୍। ୟା' ଭିତରେ ଡାକ୍ତର ନବକୁମାର ତ୍ରିପାଠୀ ବୋଲି ଯେଉଁ ଡାକ୍ତର ଜଣକ ଅଛନ୍ତି, ସେ ହିଁ ଦେଖିବେ ତୁମ ପୁଅକୁ। ଭାରି ନାମକରା ଡାକ୍ତର। ତାଙ୍କ ହାତ ହେଉଚି ସୁନା। ଯେଉଁଥିରେ ହାତ ମାରିବେ, ଠିକ୍ ହୋଇଯିବ!

ଲିଫ୍ଟ ଚଢ଼ି ସେମାନେ ଯାଇ ପହଂଚିଲେ ତିନିମହଲାରେ। ଚକ୍ରଧରକୁ ଲାଗୁଥିଲା ସତେଅବା ସେ ପୁଷ୍ପକ ବିମାନରେ ଉଡ଼ି ଉଡ଼ି ଯାଉଚି ଆକାଶ ଆଡକୁ। ଆରେ ବାପ୍‌ରେ, ଏଇଟା ଡାକ୍ତରଖାନା ନା ରାଜପୁରୀ! ଥରେ ଦି'ଥର ସେ ଯାଇଚି ପରଜଙ୍ଗ ସରକାରୀ ଡାକ୍ତରଖାନାକୁ। ଇସ୍ ତା' ଭିତରେ ଯେଉଁ ଅପରିଷ୍କାର, ଯେଉଁ ଅଳିଆ ଆବର୍ଜନାର ନାକଫଟା ଦୁର୍ଗନ୍ଧ, ପେଟରୁ ଭାତ ବାହାରି ଆସିବ। ବାରଣ୍ଡା ସାରା, ଏପରିକି ରୋଗୀ ରହୁଥିବା ଘର ଭିତରେ ମଧ୍ୟ ଗାଈଗୋରୁ ଷଣ୍ଢମାନେ ପଶି ମଳମୂତ୍ର ତ୍ୟାଗକରି ନଷ୍ଟଭ୍ରଷ୍ଟ କରି ପକାଇଥିବେ। ସେଠିକୁ ଭଲ ମଣିଷ ଗଲେ ବି ରୋଗୀ ହୋଇଯିବ। ରୋଗୀମାନଙ୍କର ଅବସ୍ଥା ତ ଆହୁରି ସାଙ୍ଘାତିକ, ଆହୁରି ଦୟନୀୟ!

ହେଲେ ଏଠି ତ ଚାରିଆଡ଼ ଝକ ଝକ ପରିଷ୍କାର। ଚଟାଣରେ ଭାତ କୁଢେଇ ଖାଇବାପରି ସଫା ସୁତୁରା। ମନମତାଣିଆ ଗୋଟେ ସୁଗନ୍ଧ କୁଆଡୁ ଭାସି ଆସି ଚକ୍ରଧରର ନାକରେ ବାଜୁଥିଲା ବାରମ୍ବାର। ସେ ସଗୁନ୍ଧ ଚକ୍ରଧର ଭିତରୁ ଦୂର କରି ପକାଉଥିଲା ପଥଶ୍ରମଜନିତ କ୍ଳାନ୍ତି ଓ ମନ ଭିତରର ଦୁଃଖ ଓ ଅସହାୟତାବୋଧ।

ବାହାରେ ଖୁବ୍ ଖରା ଓ ଗୁଳୁଗୁଳି ସତ୍ତ୍ୱେ ଘର ଭିତରଟା ଲାଗୁଥାଏ ଥଣ୍ଡା ଥଣ୍ଡା। ଚକ୍ରଧରକୁ କେମିତି ଅନ୍ୟ ଏକ ଜଗତ ଭିତରକୁ ପଶିଯିବାପରି ଲାଗୁଥାଏ। ତା' ପାଟିରୁ କିଛି କଥା ବାହାରୁ ନଥାଏ। ଏକ ଅଭିନବ ଦୁନିଆ ଭିତରେ ବିଚରଣ କରିବା ପରି ସେ କେବଳ ଚାହୁଁଥାଏ ଏପାଖ ସେପାଖ, ତଳ ଉପର, ବାମ ଡାହାଣ।

ଆସିଗଲେ କି ଡାକ୍ତର! କେହି ଜଣେ ସେଇ ବାଟଦେଇ ଚାଲି ଯାଉଥିବାବେଳେ ଚମକିପଡ଼ି ଚାହୁଁଥିଲା ଚକ୍ରଧର। ସେ ଅତି ବେଶୀ ଆତଙ୍କିତ ହେଉନଥିଲା, କାରଣ ତା' ସାଙ୍ଗରେ, ତା' ପାଖରେ ଥିଲା ସଞ୍ଜୟ। ଯିଏ ଏଠିକାର ସବୁଠାରୁ ବଡ଼ ଡାକ୍ତରଙ୍କ ଚିହ୍ନା ପରିଚିତ। ନିଜ ଲୋକ।

'ସାର୍ ନମସ୍କାର!' -ଜଣେ ଲୋକକୁ ଦେଖି ସଞ୍ଜୟ ଠିଆ ହୋଇପଡ଼ି ନମସ୍କାର କଲା।

ଗୋରା ତକତକ ରଙ୍ଗ। ଲମ୍ବା ନାକ, ଚଉଡା କପାଳ, ଗାଢ ନୀଳ ରଙ୍ଗର ଆଖି। ଛ' ଫୁଟିଆ ମଣିଷ। ଏଇ ତାହାହେଲେ ବଡ଼ ଡାକ୍ତର। ସଞ୍ଜୟ ଠିଆହୋଇପଡ଼ି ତାଙ୍କୁ ନମସ୍କାର କରିବାରୁ ଅନୁମାନ କଲା ଚକ୍ରଧର। ୟା'ଙ୍କରି ହାତଛୁଆଁରେ ଉଭାନ ହୋଇଯିବ ରୋଗ ଶୋକ ଯନ୍ତ୍ରଣା! ତାଙ୍କର ଆଖି ଝଲସା ରୂପ, ଦୀର୍ଘକାୟ ଚେହେରା ଓ ଠାଣୀମାଣୀ ଦେଖି ସତକୁସତ ସଙ୍କୁଚିତ ହୋଇପଡ଼ିଲା ଚକ୍ରଧର। ସେ ଚିକ୍‌ଚିକ୍ ଘର, ଦେବଦୂତ ପରି ଡାକ୍ତର ତଥା ସମୁଦାୟ ପରିବେଶ ନିକଟରେ ଚକ୍ରଧର ନିଜକୁ ମନେ କରୁଥିଲା ପୁଳାଏ ଅନାବଶ୍ୟକ ଆବର୍ଜନା ପରି। ନିଜକୁ ଭାରି ଅବାଞ୍ଛିତ, ଅପାଂକ୍ତେୟ ଲାଗିଲା। ସଞ୍ଜୟ ସେଠି ଉପସ୍ଥିତ ଥିଲେ ବି, ଡାକ୍ତରଙ୍କର ସେ ଚିହ୍ନା ପରିଚିତ ହୋଇଥିଲେ ବି ଚକ୍ରଧରର ଛାତି ଧଡ଼୍‌ଧଡ଼୍ ହେଉଥିଲା। ସତେକି ସେ ରାତି ଅଧରେ, ଜଣେ ଅପରିଚିତ ଲୋକଘରେ, ମନ୍ଦ ଉଦ୍ଦେଶ୍ୟ ନେଇ ଲୁଚିଛପି ପଶିଆସିଛି!!

ବସ୍ ସଞ୍ଜୟ!'-ନିଜ ଚେୟାର ଅକ୍ତିଆର କରିସାରି, ମୁହଁରେ ମେଂଚା ମେଂଚା ଆତ୍ମସନ୍ତୋଷ ପ୍ରକାଶ କରି ଅଳ୍ପ କୋମଳ କଣ୍ଠରେ କହିଲେ ଡାକ୍ତର ନବ କୁମାର ତ୍ରିପାଠୀ। ସେହି ସମୟରେ ତାଙ୍କ ଫୋନ୍ ବାଜିବାରୁ, କାହା ସାଙ୍ଗରେ କଥା ହେବା ପୂର୍ବରୁ ସେ ପଚାରିଲେ- "ଆଉ କ'ଣ ସବୁ ଖବର କୁହ! ଭଲ ଅଛଟି!!"

ଗାଁ ଠାରୁ ଅଶୀ କିଲୋମିଟର ଦୂର କଟକ ସହରର ଏତେ ବଡ଼ ନର୍ସିଂହୋମ୍‌ର ଏତେ ବଡ଼ ଡାକ୍ତର ଜଣେ ସଞ୍ଜୟକୁ ଭଲ-ମନ୍ଦ ପଚାରି, ବସିବା ପାଇଁ କହୁଛନ୍ତି, ଏଇଟା କ'ଣ କମ୍ ବଡ଼ କଥା ତା' ପାଇଁ! ସଞ୍ଜୟ ତା'ଗାଁ ପାଖ ପିଲା। ହିସାବରେ ଚକ୍ରଧରର ପୁତୁରା ହେବ। ବର୍ତ୍ତମାନ ସେ ତା' ସାଙ୍ଗରେ ଆସିଛି ଏବଂ ଡାକ୍ତରଙ୍କ ଆଗରେ ଠିଆ ହୋଇଛି। ଅତଏବ ଏପରି ମହାର୍ଘ ସମ୍ମାନରୁ କାଣିଚାଏ ତାର ବି ପ୍ରାପ୍ୟ ନୁହେଁ କି?

ସଗର୍ବେ ସଞ୍ଜୟ ବସିଲା ଡାକ୍ତରଙ୍କ ସାମ୍ନାରେ ପଡ଼ିଥିବା ଆରାମ ଚେୟାରରେ ଏବଂ ଚକ୍ରଧର ଆଡକୁ ଇଙ୍ଗିତ କରି ନମ୍ର କଣ୍ଠରେ କହିଲା- "ସାର୍, ୟେ ମୋର ଦାଦା ହେବେ। ନିଜ କୁଟୁମ୍ବର ଦାଦା। ଗାଁରୁ ଆସିଛନ୍ତି। ତାଙ୍କ ପୁଅର ଦେହ ଖରାପ। ଆପଣଙ୍କ ସହିତ ପରାମର୍ଶ କରିସାରିବା ପରେ ପୁଅକୁ ଆଣି ଦେଖାଇବେ।"

ସଞ୍ଜୟର ପରିଚୟପର୍ବ ଖୁବ୍ ସନ୍ତୁଷ୍ଟ କଲା ଚକ୍ରଧରକୁ। ତାକୁ ଲାଗିଲା ସତେଯେପରି ଏଇମାତ୍ର ତାର ଏକ ନୂଆ ପରିଚୟ ସୃଷ୍ଟି ହୋଇଯାଇଛି! ଅନେକ ସମୟ ପୂର୍ବରୁ ତା' ସମଗ୍ର ସତାରେ ଜମି ରହିଥିବା ଡରୁଆଭାବଟି କିଛି ମାତ୍ରାରେ ଧୋଇ ହୋଇଗଲା। କୃତାର୍ଥ ମୁଦ୍ରାରେ ସେ ଦୁଇ ହାତ ଯୋଡ଼ିଲା ଏବଂ ସାମ୍ନାରେ ବସିଥିବା ମହାନ୍ ମଣିଷଙ୍କ ଉଦ୍ଦେଶ୍ୟରେ ନବେ ଡିଗ୍ରୀଆ ଜୁହାରଟେ ପକାଇ ସେହିପରି ଯୋଡହସ୍ତରେ ଠିଆ ହୋଇ ରହିଥିବାବେଳେ ଡାକ୍ତର ତ୍ରିପାଠୀ ଉପରକୁ ମୁହଁଟେକି ଖୁବ୍ ଆଦର ଓ ଆଗ୍ରହର ସହିତ ତା' ସମ୍ମାନକୁ ଗ୍ରହଣ କଲେ ଏବଂ ଚେୟାର ଆଡକୁ ହାତବଢାଇ ହସ ହସ ମୁହଁରେ କହିଲେ- "ବସନ୍ତୁ, ପ୍ଲିଜ୍।"

ଏପରି ରାଜକୀୟ ସମ୍ମାନ, ଏପରି ମଧୁର ଅନ୍ତରଙ୍ଗ ସମ୍ବୋଧନ କେବେ ମିଳିଥିଲା କି ତାକୁ, ତା' ଜୀବଦ୍ଦଶା ଭିତରେ? ଗଛତଳେ ମୁଣ୍ଡ ଗୁଞ୍ଜିଥିବା ସର୍ବହରାଟିକୁ ହଠାତ୍ ରାଜସିଂହାସନରେ ବସାଇ ଦେବାପରି ଏକ ଅନନୁଭୂତ ଆନନ୍ଦରେ ସହସା ପୁଲକିତ ହୋଇ ଉଠିଲା ଚକ୍ରଧର। ତୀବ୍ର ଏକ ରୋମାଂଚ ତା ସମଗ୍ର ଶରୀରକୁ ଆଲୋଡ଼ିତ କରିପକାଇଲା। ପୁତୁରା ସଞ୍ଜୟର ଉପସ୍ଥିତି ସତ୍ତ୍ୱେ ସେ ପୁଣି ଥରେ ନର୍ଭସ୍ ହୋଇଯାଉଥିଲା। ସେ ଅବାକାବା ହୋଇ ଥରେ ଚାହୁଁଥିଲା ସଞ୍ଜୟ ଆଡେ, ଥରେ ଚାହୁଁଥିଲା ତାକୁ ଏପରି ମହାର୍ଘ ସିଂହାସନ ଯାଚୁଥିବା ବିଶାଳ ମଣିଷଟି ଆଡ଼େ। ଏପରି ରାଜକୀୟ ସିଂହାସନରେ ତା' ପରି ଜଣେ ମଳିମୁଣ୍ଡିଆ ମଣିଷ ବସିପଡ଼ିଲେ ଆସନର ନିଶ୍ଚୟ ଅସମ୍ମାନ ହେବ ଏବଂ ସେଥିରେ ବସିବା ପାଇଁ ସେ ଯେ ସମ୍ପୂର୍ଣ୍ଣ ଅଯୋଗ୍ୟ, ଏକଥା ତା'ର ହୃଦ୍‌ବୋଧ ହେବାରୁ ଚକ୍ରଧର ବସିପଡ଼ିବାକୁ ଯାଉଥିଲା ଚଟାଣରେ। *କ୍ରମଶଃ...*

> ମାଟିମନସ୍କ, କଥକତା, ସ୍ମୃତିସଜଳ କାହାଣୀ ଅବତାରଣା, ବଳିଷ୍ଠ କାହାଣୀଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷାବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରି ପକାଇବାର ସାମର୍ଥ୍ୟ ରଖେ। ପ୍ରାୟ ୧୪ଖଣ୍ଡ ଗଳ୍ପ ସଂକଳନ ଏବଂ ୩ଟି ଅନନ୍ୟ ଉପନ୍ୟାସର ରଚୟିତା ସଦା ସୃଜନମଗ୍ନ ଏଇ ସ୍ରଷ୍ଟାଙ୍କ ପ୍ରତିଟି ସୃଷ୍ଟିରେ ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା, ଭୁଶୁଡ଼ି ପଡୁଥିବା ସମ୍ପର୍କ ଓ ମୂଲ୍ୟବୋଧ ପାଇଁ ଅସରନ୍ତି ଦରଦ ଏବଂ ଆଞ୍ଜୁଳା ଆଞ୍ଜୁଳା ଆହାପଣ।

# ଜୀବନ ଏମିତି

## ସ୍ମିତା ଶୁଭଦର୍ଶିନୀ ପଣ୍ଡା



**ସ**ହରରେ ବୈଶାଖ ମାସର ଟାଇଁ ଟାଇଁ ଖରା। ଦି'ପହରଟା ଶୂନ୍‌ଶାନ ରାସ୍ତାରେ ଗୋଟେ ପଟେ ଭିକାରୀଟିଏ ଆତୁର ଭାବେ ଏପଟ ସେପଟ ହେଉଥିଲା। ରାସ୍ତା ଏପଟ ବସ୍ ରେଷ୍ଟସେଡ୍‌ରେ ହସଖୁସି ଓ ଗପରେ ମାତିଥିଲେ ଦୁଇଜଣ କଲେଜ ପିଲା। ସେମାନଙ୍କର ନଜର ନ ଥିଲା ବୃଦ୍ଧ ଭିକାରୀଟି ଉପରେ। ଭିକାରୀଟି କିନ୍ତୁ ରାସ୍ତା ଏପଟକୁ ଆସିବା ପାଇଁ ବାରମ୍ବାର ପାଦ ଉଠାଉଥାଏ ଓ ଗଛମୂଳକୁ ଫେରିଯାଉଥାଏ। ଏକଥାକୁ ଦୂରରୁ ଲକ୍ଷ୍ୟ କରୁଥିଲା ପୂଜା। ପଞ୍ଚମ ଶ୍ରେଣୀରେ ପାଠ ପଢୁଥିବା ପୂଜା ବୟସରେ ସାନ ହେଲେ ବି ଅତ୍ୟନ୍ତ ଉତ୍କଣ୍ଠାର ସହ ଭିକାରୀଟିର ଗତିବିଧିକୁ ଚାହିଁ ରହିଥିଲା। ପାଖାପାଖି ଅଧଘଣ୍ଟା ପରେ ପୂଜା ନିକଟରେ କାର ଧରି ପହଞ୍ଚିଲେ ତା' ବାପା। କାରଣ ସ୍କୁଲବସ୍‌ରୁ ଓହ୍ଲାଇବା ପରେ ପ୍ରତ୍ୟେକ ଦିନ ପୂଜା ଏଇ ବସ୍‌ଷ୍ଟପରେ ଘରକୁ ଯିବାକୁ ହିଁ ବାପାଙ୍କୁ ଅପେକ୍ଷା କରିଥାଏ। ଆଗରୁ ଯଦିଓ ଏଇ ରାସ୍ତାରେ ସେ ଅନେକ ଭିକାରୀଙ୍କୁ ଦେଖିଥିଲା, ତଥାପି ଆଜି ଦେଖିଥିବା ଦୃଶ୍ୟଟି ତା' ମନକୁ ବିଶେଷ ଆନ୍ଦୋଳିତ କରୁଥିଲା। ବାପା ପହଞ୍ଚିବା ପରେ ପୂଜା ଗାଡ଼ିକୁ ନଯାଇ କହିଲା, ବାପା ଟିକେ ଗାଡ଼ିରୁ ଓହ୍ଲାଅ। ବାପା କିନ୍ତୁ ବୁଝିପାରୁ ନ ଥିଲେ ପୂଜା କ'ଣ ପାଇଁ ଡାକୁଛି। ସେ ବ୍ୟସ୍ତ ଭାବରେ କହିପକାଇଲେ ଜଲ୍‌ଦି ଗାଡ଼ିରେ ବସ। ଭୋକ ହେବଣି ତତେ। ପୂଜା କିନ୍ତୁ ନଛୋଡବନ୍ଧା ଭାବେ ବାପାଙ୍କୁ କହୁଥାଏ, ନା, ତୁମେ ଗାଡ଼ିରୁ ଓହ୍ଲାଅ। ଝିଅର ଏତାଦୃଶ ଜିଦ୍ ଦେଖି କିଛିସମୟ ଚିନ୍ତାକରି ଗାଡ଼ିରୁ ଓହ୍ଲାଇଲେ ନରୋତ୍ତମ ବାବୁ। ବାପ-ଝିଅ କିଛିକ୍ଷଣ କଥା ହୋଇ ରାସ୍ତା ପାର କରି ଆରପାଖରେ ଥିବା ଭିକାରୀ ନିକଟକରେ ପହଞ୍ଚିଲେ। ଗଛମୂଳେ ଚାରିକାତ ମେଲି ଚାତକ ଭଳି ଉପରକୁ ଚାହିଁ ରହିଥିବା ଭିକାରୀଟି ଅତି ଆକୁଳ ପ୍ରାର୍ଥନା ଭଳି ପୂଜାକୁ ଚାହିଁ କହିଲା, ମା' ମୁନ୍ଦେ ପାଣି ଦେ'। ମୁନ୍ଦେ ପାଣି। ତତ୍‌କ୍ଷଣାତ ପୂଜା ନିଜ ସ୍କୁଲବ୍ୟାଗରେ ଥିବା ପାଣିବୋତଲକୁ ଭିକାରୀ ହାତକୁ ବଢ଼ାଇଦେବା ପରେ ସେ ଢକଢକ କରି ସବୁତକ ପାଣି ପିଇଦେଲା। ତା' ଭିତରେ ଗୋଟେପ୍ରକାର ଆଶ୍ୱସ୍ତି ଆସିଲା ବୋଧେ। ଖାଲି ବୋତଲକୁ ପୂଜା ହାତକୁ ବଢ଼ାଇ ଦେଉ ଦେଉ ଭିକାରୀଟି କହିଲା ତୋର ମଙ୍ଗଳ ହେଉ ଝିଅ। ଭଗବାନ ତୋତେ କୋଟି ପରମାୟୁ ଦିଅନ୍ତୁ। ବାପାଙ୍କ ମୁହଁକୁ ଚାହିଁ ଭିକାରୀ ଉଦ୍ଦେଶ୍ୟରେ ପ୍ରଶ୍ନକଲା ପୂଜା। ତୁମେ ବାରମ୍ବାର ରାସ୍ତା ଉପରକୁ ଆସି ଏମିତି ପଛକୁ ଫେରୁଥିଲ କାହିଁକି? ଗୁମ୍ ମାରି ବସିଗଲା ଭିକାରୀଟା। ଛିଣ୍ଡା କନାଗୁଡା ଦୁଇପାଦକୁ ଦେଖାଇ କହିଲା ମୁନ୍ଦେ ପାଣି ପାଇଁ ରାସ୍ତା ପାରହେବାକୁ ଚାହୁଁଥିଲି। ହେଲେ ଦେଖୁନୁ, ଏ ପାଦ ସାରା କେମିତି ଫୋଟକା ହୋଇଯାଇଛି। ତତଲା ପିଚୁ ଉପରେ ପାଦ ପକାଇଲେ ନିଆଁରେ ଜଳିଗଲା ଭଳି ଲାଗୁଛି। ସେପଟେ ବସିଥିବା କଲେଜ ପିଲାଙ୍କ ହାତରେ ପାଣିବୋତଲ ଦେଖି ତୃଷା ମେଣ୍ଟାଇବି ଭାବି ଭାବି ପାଦ ଉଠାଉଥିଲି। ହେଲେ ପାଦ ଦୁଇଟି ଚଳିଲାନି। ତେଣୁ ଫେରିଆସିଲି ଗଛମୂଳକୁ। ହାତଠାରି ଡାକିଲି ମଧ୍ୟ ସେ ପିଲାଙ୍କୁ, ହେଲେ ସେ ପୁଅ, ଝିଅ ଦି'ଟା ଏମିତି ଗପରେ ମାତିଛନ୍ତି ଯେ ମୋ ତୃଷାର ଆକୁଳ ନିବେଦନ ସେମାନଙ୍କୁ ଛୁଇଁପାରିଲାନି। ଯାହାହେଉ ମା' ତୁ ଠିକ୍ ସମୟରେ ମୋତେ ପାଣିମୁନ୍ଦେ ଦେଇ ମୋର ଜୀବନ ବଞ୍ଚାଇଦେଲୁ। ଏତିକି ଶୁଣି ପୂଜା ନିଜ ସ୍କୁଲବ୍ୟାଗ ଖୋଲି କିଛି ଗୋଟେ ଦରାଣ୍ଡିଲା ଭଳିଆ ଲାଗିଲା। କିଛିସମୟ ପରେ ବ୍ୟାଗ ଭିତରୁ ପାଞ୍ଚଟଙ୍କିଆ, ଦଶଟଙ୍କିଆ ମିଶି ପାଖାପାଖି ୧୦୦ ଟଙ୍କା ବାହାର କରି ସେ ଭିକାରୀଟି ହାତକୁ ବଢ଼ାଇ ଦେଇ କହିଲା - ଏହି ପଇସାରେ ଆଜି ଯେମିତି ହେଲେ ହଳେ ଚପଲ କିଣିବ। ଆସନ୍ତା କାଲି ମୁଁ ଏହି ବାଟେ ଗଲା ବେଳେ ତୁମ ପାଦରେ ଯେମିତି ନୂଆଚପଲ ଦେଖିବି। ଏହି ସମୟ ଭିତରେ ନରୋତ୍ତମ ବାବୁଙ୍କ ଆଖିରୁ ଝରିପଡ଼ିଲା ଦୁଇବୁନ୍ଦା ଅଶ୍ରୁ। ନିଜ ଝିଅର ଏ କରୁଣାଭାବ ଓ ବିଚାରଧାରା ତାଙ୍କୁ ବିସ୍ମିତ କରିଥିଲା ଏବଂ ସେ ଯେମିତି ପୂଜା ନିକଟରେ ନିଜକୁ ଛୋଟ ମଣୁଥିଲେ। ଭାବୁଥିଲେ ନିଜର ସୁଖ ଅପେକ୍ଷା ଅପରର ଦୁଃଖ ବୁଝିପାରିବା ହେଉଛି ପ୍ରକୃତ ଜୀବନ।

*ବଡ଼ଗଡ଼, ଭୁବନେଶ୍ୱର*

# ଫ୍ରେଣ୍ଡସିପ୍ ଅଲୱେଜ୍

## କ୍ଷୀରୋଦିନୀ ବେହେରା

*(ପୂର୍ବପ୍ରକାଶ ଉତ୍ତାରୁ...)*

ତମେ ଚାଲିଗଲା ପରେ ମୋ' ବସାଘରେ ଅନେକ ନୂଆ ଅତିଥିଙ୍କ ଭିଡ଼ ଜମିଥିଲା। ହେଲେ ମୁଁ ଜାଣି ନଥିଲି ସେମାନଙ୍କ ସହ ମୋର ଅଭିନୟ ସାମାନ୍ୟ କେତୋଟି ରାତି ପାଇଁ। ଜାଣି ନ ଥିଲି ମୋ ବଗିଚାରେ ମଧୁଚନ୍ଦ୍ରିକା ସାଜିଥିବା ପ୍ରଜାପତିମାନେ ଦିନେ ମତେ ଛାଡ଼ି ଆଉ କେଉଁ ବଗିଚାକୁ ଉଡ଼ିଯିବେ ବୋଲି। ଜାଣି ନଥିଲି ଜୀବନରେ ଏମିତି ବି ଦିନ ଆସିବ, ମୋ ବଗିଚାର ଫୁଲମାନେ ମଉଳିଯିବେ ଓ ପ୍ରଜାପତି ନିଜର ରଙ୍ଗ ହରାଇବସିବ ବୋଲି। ଖୁବ୍ କଷ୍ଟ ହେଉଥିବ, ହେଲେ ଖାଇବାକୁ ମୋଟେ ମନ ନ ଥିବ। ଖୁବ୍ ଶୋଷ ହେଉଥିବ, ହେଲେ ବୁନ୍ଦାଏ ପାଣିରେ ତୃପ୍ତ ହେବ ସାରା ମନ ଓ ଶରୀର। ଏମିତି ମୋ ଜୀବନରେ ଅନେକ ଘଟଣା ଓ ଅଘଟଣା ଘଟିଯାଇଛି। ଅନେକ ପାପ ଅନେକ ଭୁଲ୍ ମୁଁ କରିଛି। ଏଇ ଭୁଲ୍‌ଭ୍ରାନ୍ତିରୁ ଉପରକୁ ଯାଇପାରିଲିନି ବୋଲି ତ ମୁଁ ଜଣେ ସାଧାରଣ ମଣିଷ ହୋଇରହିଗଲି। ଦୁନିଆର ଭିଡ଼ ଭିତରେ ମୁଁ ସମ୍ପୂର୍ଣ୍ଣ ଏକା ହୋଇଗଲି।

ସେଦିନ ଥିଲା ଏପ୍ରିଲ ଅଠର ତାରିଖ। ମୁଁ ଯେତେବେଳେ ମୋ ବସାକୁ ଫେରିଆସୁଥିଲି, ରାସ୍ତାରେ ତୁମ ସହ ମୋର ଦେଖାହେଲା। ସୌଭାଗ୍ୟର ସୂର୍ଯ୍ୟୋଦୟ ଏତେଶୀଘ୍ର ଏମିତି ଅନାହୂତ ଭାବେ ହେବ ବୋଲି ମୁଁ ଜାଣି ନ ଥିଲି। ବିଗତ ଚାରିବର୍ଷରେ ମୁଁ ତୁମକୁ ସମ୍ପୂର୍ଣ୍ଣରୂପେ ଭୁଲିଯାଇଥିଲେ ମଧ୍ୟ ମୋ ମନର କେଉଁ ଏକ ନିଭୃତ କୋଣରେ ତୁମର ପ୍ରତିଛବି ଅଲିଭା ଦାଗ ହୋଇ ରହିଯାଇଥିଲା। ସେଥିପାଇଁ ବୋଧହୁଏ ମୁଁ ତୁମକୁ ଠିକ୍ ଚିହ୍ନିପାରିଥିଲି। କିନ୍ତୁ ପାପରେ ଭାରାକ୍ରାନ୍ତ ମନ ମୋର ସେଦିନ ବି ତୁମକୁ ଭୁଲ୍ ବୁଝିଥିଲା। ତୁମ ସହ ଦେଖାକରି ଫେରିଆସିଲା ବେଳେ ମୁଁ ତୁମକୁ ଗୋଟେ କଥା କହିଥିଲି, ଯାହା ମୋର କହିବା ଉଚିତ ନଥିଲା। ଯେଉଁ କଥାକୁ ତମେ ମୋ ମୁହଁରୁ ଶୁଣିବାକୁ ଆଦୌ ପସନ୍ଦ କରିବନି ସେମିତି ଏକ କଥା କହି ତମ ମନରେ କଷ୍ଟ ଦେଇଥିବାରୁ ମୁଁ ଦୁଃଖିତ। ସେଇ ଗୋଟିଏ ଭୁଲ୍ ମତେ ଅନେକ କଷ୍ଟ ଦେଇଛି। ଅନୁତାପର ଅଶ୍ରୁରେ ଏହାକୁ ଧୋଇବାକୁ ମୁଁ ଯେତେ ଚେଷ୍ଟା କଲେ ବି ଧୋଇପାରିନି।

ତମ ସହ ଫୋନ୍‌ରେ କଥା ହେଲା ପରେ ମୋର ସବୁ ଭୁଲ୍‌ଧାରଣା ଦୂର ହୋଇଗଲା। ଫୋନ୍‌ରେ ମତେ 'ଆପଣ' କହି ମୋର ସବୁ ଚିନ୍ତାଧାରାକୁ ତମେ ଭୁଲ୍ ବୋଲି ପ୍ରମାଣିତ କରିଦେଲ। ଖସି ଯାଉ ଯାଉ ମୁଁ ବଞ୍ଚିଗଲି। ତମେ ଯେତେବେଳେ ତମ ପ୍ରେମିକ ଜୀବନର କଥା କହିଲ, ମୁଁ ସେଦିନ ଖୁବ୍ ଲଜ୍ଜା ଅନୁଭବ କରିଥିଲି। ଧିକ୍‌କାର କରିଥିଲି ମୋ' ମନୁଷ୍ୟତ୍ୱକୁ। ଆଇନାରେ ମୁହଁ ଦେଖିବାକୁ ବି ମୋର ସାହସ ହୋଇ ନ ଥିଲା। ରାତିରେ ବିଛଣାରେ ଶୋଇ ମୁଁ ଯେତେବେଳେ ନିଜର ଭୁଲ୍‌କୁ ବିଶ୍ଳେଷଣ କରୁଥିଲି, ସେତେବେଳେ ମତେ ଲାଗିଲା ଏମିତି ଚୋଯବଡ଼ ଭୁଲ୍ କରି ମୁଁ ଜୀବନରେ ଅନେକ ଆତ୍ମୀୟଙ୍କୁ ନିଜଠୁ ଦୂରେଇ ଦେଇଛି। ଏଥିପାଇଁ ବୋଧହୁଏ ମୁଁ ଏ ଦୁନିଆରେ ଏକା ହୋଇଯାଇଛି। ସେଇଦିନଠୁ ମୁଁ ମନେ ମନେ ସଂକଳ୍ପ କରିଛି, ଜୀବନରେ ଆଉ ଏମିତି କିଛି କରିବିନି, ଯାହା ଅନ୍ୟର ଭାବନାକୁ ଆଘାତ ପହଞ୍ଚାଇବ।

ତହିଁ ଆରଦିନ ତମେ ଫୋନ୍ କରି କହିଲ ଯେ ଆମେ ଦି'ଜଣ ବନ୍ଧୁ ହୋଇପାରିବା। ମତେ ଲାଗିଲା, ମୁଁ ଯେମିତି ଗୋଟେ ସ୍ୱପ୍ନ ଦେଖୁଛି। ମୋ' ପରି ଜଣେ ପାପୀକୁ କେହି ଜଣେ ବିଶ୍ୱାସ କରେ। ନିଜ ବନ୍ଧୁ କରିବାକୁ ଚାହେଁ, ଏହା ଭାବି ମୁଁ ଖୁସିରେ ଆତ୍ମହରା ହୋଇଉଠୁଥିଲି। ମତେ ଲାଗୁଥିଲା, ଜୀବନ ମୋର ଶେଷ ହୋଇନି ଏଯାଏ। ବଞ୍ଚିବାକୁ ଆହୁରି ସମୟ ବାକିଅଛି। ଚାଲିବାକୁ ଆହୁରି ପଥ ବାକି ଅଛି। ସେଇଦିନଠୁ ନିଷ୍ପତ୍ତି ନେଇଛି ସବୁ ପାପ, ସବୁ ଭୁଲ୍‌କୁ ଭୁଲିଯାଇ ଏକ ନୂତନ ଜୀବନ ଆରମ୍ଭ କରିବି। ଏଥିପାଇଁ ତମେ ମତେ ସାହାଯ୍ୟ କରିବ। କାରଣ ଏଇ ପୁନର୍ଜନ୍ମରେ ତୁମେ ହିଁ ମୋର ଏକମାତ୍ର ବନ୍ଧୁ ଓ ପଥପ୍ରଦର୍ଶକ ହେବ। ତୁମେ ପାଖେ ଥିଲେ ଜୀବନ ସଂଗ୍ରାମରେ ମୁଁ ନିଜକୁ କେବେ ଏକା ମନେକରିବିନି।

ଅନନ୍ୟା, ଏଇ କେତେ ଦିନ ମଧ୍ୟରେ ତୁମ ସହ ମୋର ଫୋନ୍‌ରେ ଅନେକଥର କଥାବାର୍ତ୍ତା ହୋଇଛି। ତୁମର ରାଗ, ରୁଷା, ମାନ ଓ ଅଭିମାନରେ ଆମ ସମ୍ପର୍କ ଦିନକୁ ଦିନ ନିବିଡ଼ରୁ ନିବିଡ଼ତର ହେବାରେ ଲାଗିଛି। ସେଥିପାଇଁ ମତେ ବେଳେବେଳେ ଡର ଲାଗେ, ଆମ ବନ୍ଧୁତାକୁ ଆଉ କାହାର ନଜର ଲାଗିଯିବ ବୋଲି। ତୁମ ବିନା ମୋ ଜୀବନର କୌଣସି ମୂଲ୍ୟ ନାହିଁ। ତମେ ମତେ ଏକା କରିଦେଲେ, ଜୀବନ ମୋ ପକ୍ଷେ ଦୁର୍ବିସହ ହୋଇଉଠିବ। ଆଉ ବଞ୍ଚିବାର କୌଣସି ରାସ୍ତା, କୌଣସି ଆଶ୍ରୟ ନ ଥିବ। ସେଥିପାଇଁ ତୁମକୁ ଗୋଟିଏ ଅନୁରୋଧ, ତମେ ଚେଷ୍ଟା କରିବ କୌଣସି ଭୁଲ୍ ବୁଝାମଣା ଆମ ସମ୍ପର୍କକୁ ଯେମିତି ତିମିରତ ନ କରେ। ମୁଁ କଥା ଦେଉଛି, ତୁମକୁ କେବେ ହାରିବାକୁ ଦେବିନି। ତୁମ ପାଇଁ ଜୀବନରେ କେବେ ଯଦି ମତେ ହାରିବାକୁ ପଡ଼େ, ତେବେ ତାହା ହେବ ମୋର ପରମ ସୌଭାଗ୍ୟ।

ତୁମ ହସ ଖୁବ୍ ଭଲ ଲାଗେ। ତୁମ ହସ ଦେଖି ନ ପାରିଲେ ମଧ୍ୟ ମୁଁ ତୁମ ସେଇ ହସର ମଧୁରତାକୁ ଅତି ନିକଟରୁ ଅନୁଭବ କରିଛି। ତୁମ ସେଇ ହସଟିକ ତୁମ ମୁହଁରେ ସବୁବେଳେ ଲାଖି ରହିଥାଉ, ଏହା ହିଁ ମୋର ଏକମାତ୍ର ସ୍ୱପ୍ନ ଏବଂ ଏହାକୁ ମୁଁ ଯେକୌଣସି ମୂଲ୍ୟ ଦେଇ ପୁରା କରିବି। ତମେ ଜୀବନରେ ଅନେକ କଷ୍ଟ ପାଇଛ। ତୁମ ଅନେକ ମଧୁରାତି ଯନ୍ତ୍ରଣା ଦାବ ଦହନ କରିଛି। କେଜାଣି କେତେ ରାତି ତମେ ଶୋଇପାରି ନ ଥିବ। ମୁକ୍ତ ଆଖିପତାରେ କାଟିଥିବ କେତେଦିନ, ରାତି, ମଧ୍ୟାହ୍ନ, ଅପରାହ୍ନ। କିନ୍ତୁ ଅନନ୍ୟା, ମୁଁ ଦିନେ ନା ଦିନେ ଫେରାଇ ଆଣିବି ତୁମର ସେ ହଜିଯାଇଥିବା ସୁଦିନଗୁଡ଼ିକୁ, ଫେରାଇଆଣିବି ତୁମ ହଜିଯାଥିବା ପ୍ରେମକୁ। ତୁମ ଆଖିରୁ ଲୁହ ପୋଛି, ତୁମ ଓଠରେ ହସ ଭରି, ତୁମ ହାତରେ ଅଜାଡ଼ିଦେବି ସକଳ ଐଶ୍ୱର୍ଯ୍ୟ। ଏହା ହିଁ ମୋ ଏକମାତ୍ର ପ୍ରୟାସ। ଏତକ କରିପାରିଲେ ମୁଁ ନିଜକୁ ଧନ୍ୟ ମନେକରିବି ଏବଂ ଏହା ହିଁ ତୁମ ପ୍ରତି ଥିବା ମୋ ଭୁଲ୍ ଧାରଣାର ପ୍ରାୟଶ୍ଚିତ୍ତ।

ଅନନ୍ୟା ତୁମ ବିଶ୍ୱାସର ମୂଲ୍ୟ ମୁଁ ଦେଇପାରିନି। ତୁମେ ମତେ ବନ୍ଧୁ ଭାବି ନିଜର କରିନେଇଛ, ମୋର ସବୁ ଦୋଷ କ୍ଷମା କରିଦେଇଛ, ଏହା ହିଁ ମୋର ପରମ ସୌଭାଗ୍ୟ।

ଶେଷରେ ବିଶ୍ୱନିୟନ୍ତା ଭଗବାନଙ୍କ ପାଖରେ ଏତିକି ପ୍ରାର୍ଥନା କରିବି, ଦୁନିଆର ସକଳ ଐଶ୍ୱର୍ଯ୍ୟ ତୁମ ଆଞ୍ଜୁଳାରେ ଅଜାଡ଼ି ହୋଇପଡୁ। ତୁମେ ଖୁସିରେ ରୁହ। ଲେଖାରେ ଯଦି କିଛି ଭୁଲ୍ ଥାଏ, ତେବେ ପୁଣିଥରେ ମତେ କ୍ଷମା କରିବାକୁ ଅନୁରୋଧ। ନିଜ ଶରୀର ଓ ମନର ଯତ୍ନ ନେବ; କାରଣ ତୁମକୁ ଆଘାତ ହେଲେ କଷ୍ଟଟା ମତେ ଲାଗେ। That's why you must take care of yourself. God bless you with lots of love.

ଇତି
ସାଗର

ସାଗର ମୋ' ଜୀବନରୁ ଅନେକ ଦୂରକୁ ଚାଲିଗଲେ। ଅନେକ ଦିନ, ବର୍ଷ ତାଙ୍କ ଠିକଣା ଖୋଜିଛି। ହେଲେ ଆଜି ବି ପାଇନି। ଭାବିଲେ କେବଳ ଆକାଶର ଜହ୍ନ ପରି କେବେ ପୂରା କେବେ ଅଧା ଆଉ ପୁଣି କେବେ ଜମାରୁ ଦେଖାଯାଆନ୍ତିନି। କିଛିଟା ମୁହୂର୍ତ୍ତର କିଛିଟା ଦୃଶ୍ୟ କେବଳ ଜହ୍ନ ଭିତରେ ଉଙ୍କିମାରେ...।



# ଅପାସୋରା ସ୍ମୃତି

## ନିବେଦିତା ମହାନ୍ତି

ସ୍ମୃତି କିଛି ଅପାସୋରା
ତାରା ହୋଇ ଝୁଲିରହେ
ହୃଦୟାକାଶରେ ...
କଥା କିଛି ସ୍ଫୁରେ ନାହିଁ
ଶବ୍ଦ ସବୁ ହଜିଯାଏ
ନୀରବ ଅଧରେ ...
ସ୍ୱପ୍ନର ଅସରା ଯେତେ
ଅଶ୍ରୁ ହୋଇ ଝରିପଡ଼େ
ଅମା ଅନ୍ଧକାରେ ...

ହାରିକି ବି ହାରେନାହିଁ
ଆବେଗର ଭଟ୍ଟାପଡ଼େ
ଉଚ୍ଛୁଳା ଜୁଆରେ...
ତୁମେକି ପାରିବ ବୁଝି
କାହିଁ ଏଇ ମନ ଖୋଜେ?
ନିତି ନିରୋଳାରେ...
ନନ୍ଦନ ବନର ପୁଷ୍ପ
ଲୋଡ଼େନାହିଁ, ତୃପ୍ତ ମୁଁ ଯେ
ଶ୍ରଦ୍ଧା ସୁରଭିରେ...

*ଇଟିଭି*
*ହାଇଦ୍ରାବାଦ*



# ଯାହାକୁ ମୁଁ ଭଲପାଏ

## ସୁଶାନ୍ତ କୁମାର ନନ୍ଦ

ଯାହାକୁ ମୁଁ ଭଲପାଏ
ତାକୁ କହିପାରେନା
କେମିତି ମୁଁ କହିବି ଯେ
କିଛି ବୁଝିହୁଏନା।
ସପନରେ ଦେଖାହୁଏ
ନିତି ତା'ର ସାଥିରେ
ମିଠା ମିଠା କଥା କୁହେ
ବସି ମୋର ପାଖରେ।
ସପନଟା ସରିଗଲେ
ଆଉ ଦେଖାଦିଏନା...
ଯାହାକୁ ମୁଁ ଭଲପାଏ
ତାକୁ କହିପାରେନା ॥

ମୁଧୁଝରା ହସ ସାଥେ
ଥିରି ଥିରି ଚାଲି ତା'ର
ଦେଖିଦେଲେ ଥରେ ତାକୁ
ମୋହିନିଏ ମନ ମୋର।
ଚୋରା ଚୋରା ତା' ଆଖିର
ଚୋରା ସେହି ଚାହାଣୀ
ଚୋରାଇଲା ମନ ମୋର
ଭୁଲି ଜମା ହେଉନି।

ବୟସର ସବୁ ଦୋଷ
ମନ ଜମା ମାନେନା
ଯାହାକୁ ମୁଁ ଭଲପାଏ
ତାକୁ କହିପାରେନା ॥

ସବୁବେଳେ ତାକୁ ଖାଲି
ମୁହିଁ ଝୁରିହେଉଛି
ଜାଣେନା ବି ସିଏ ମୋତେ
କେତେ ଭଲ ପାଉଛି।
କେତେଥର ତା' ପାଖକୁ
ଚିଠି ଲେଖି ବସିଛି
କେମିତି ମୁଁ ଲେଖିବି ତ
ବସି ବସି ଭାବିଛି।
ହେଲେ ଶେଷେ ରହିଯାଏ
ଚିଠି ଲେଖିହୁଏନା
ଯାହାକୁ ମୁଁ ଭଲପାଏ
ତାକୁ କହିପାରେନା ॥

*ନିୟୁ ଏଜି କଲୋନୀ, ଜୟଦେବ ବିହାର*
*ଭୁବନେଶ୍ୱର-୧୨, ୯୪୩୯୮୭୯୩୮୫*

# ଅପେକ୍ଷା

## ସସ୍ମିତା ବଡ଼ଜେନା



**ଅ**ପେକ୍ଷାର ଅନ୍ତ ଯଦି ହୁଏ ସ୍ୱପ୍ନରସହର
ନିତି ମୁଁ ଦେଖିବି ସ୍ୱପ୍ନ ତୁମକୁ
ମୋ କବିତା ଦେହରେ
ଧଳା କାଗଜର ମସୃଣ ଚଟାଣରେ
କଳା ସ୍ୟାହିର
ଏଣୁ ତେଣୁ ଶବ୍ଦର ଫୁଲଗାଲିଚାରେ,
ନିତି ବଧୂ ନିରୁପମା ସାଜି
ସକାଳର ଆଳତି ଥାଳିରେ,
ପୂଜା ସାରି ଫେରିବି ମୁଁ
ତୁମ ଦୁଷ୍ଟାମି ଇଙ୍ଗିତରେ।
ସଂଧ୍ୟା ଆଳତିର
ରକ୍ତାକ୍ତ ଅସ୍ତଗାମୀ
ବରୁଣି କିରଣେ,
ମୋ ସ୍ୱପ୍ନର ଥାଳି ଧରି
ତୁମପାଖେ ତୁମ ସ୍ୱପ୍ନିଳ ଥାଳିରେ,
ଅପେକ୍ଷାର ଅନ୍ତ ଯଦି ହୁଏ ମୃତ୍ୟୁର କାମନା
ହସି ହସି ସ୍ୱୀକାର କରିବି ମୋ ମୃତ୍ୟୁକୁ
ତୁମରି ଅପେକ୍ଷାର ଅନ୍ତ ଯଦି ହୁଏ ପ୍ରତାରଣା
କରିବି ପ୍ରତିକ୍ଷା ବର୍ଷ ବର୍ଷ ଜନ୍ମ ଜନ୍ମାନ୍ତର
ପ୍ରତାରଣାର ଆଉ ଏକ ନୂତନ ସୃଷ୍ଟିରେ,
ଜିଇଁବାର ନୂତନ ଜିଜ୍ଞାସା
ତୁମ ଆସିବାକୁ ହସି ହସି ଚାହିଁଥିବି
ତୁମ ଫେରିବା ରାସ୍ତାକୁ
ରୁଗ୍ଣ ଶରୀର ସହ ଜରାଜୀର୍ଣ୍ଣ
ପଥକ୍ଲିଷ୍ଟ ପାରିବାପଣରେ।

*ଉଦୟପୁର, ଡେଲାଙ୍ଗ*
*ଜିଲ୍ଲା - ପୁରୀ*






# ରଥଯାତ୍ରା ପୂର୍ବରୁ କାର୍ଯ୍ୟକ୍ଷମ ହେବ ନୂଆ ରେଳ ଷ୍ଟେସନ

**ଭୁବନେଶ୍ୱର :** ଆଗକୁ ଆସୁଛି ରଥଯାତ୍ରା। ଏଥିପୂର୍ବରୁ ଭୁବନେଶ୍ୱର ନୂଆ ଷ୍ଟେସନ କାର୍ଯ୍ୟକ୍ଷମ ହେବ। ଏଠାରେ ମୋଟ ୮ଟି ପ୍ଲାଟଫର୍ମ ହେବାକୁ ଥିବା ବେଳେ ଏବେ ୩ଟି ପ୍ଲାଟଫର୍ମକୁ ନେଇ କାମ ଆରମ୍ଭ ହେବ। ଆବଶ୍ୟକ ହେଲେ ଏହି ପ୍ଲାଟଫର୍ମରୁ ନୂଆ ଟ୍ରେନ୍ ଚଳାଚଳ ଆରମ୍ଭ ହେବ। ପରେ ପରେ ଅନ୍ୟ ସମସ୍ତ ପ୍ଲାଟଫର୍ମ କାମ ସରିବ। ସେହିପରି ପୂର୍ବରୁ କଟକ, ଭୁବନେଶ୍ୱର,ପୁରୀ ଓ ବିଶାଖପାଟଣାରେ ମାଗଣା ୱାଇ-ଫାଇ ସେବା ଆରମ୍ଭ ହୋଇଥିବା ବେଳେ ଚଳିତ ବର୍ଷ ୮ଟି ନୂଆ ଷ୍ଟେସନରେ ୱାଇ-ଫାଇ ସେବା ଆରମ୍ଭ ହେବ। ଯାହା ଫଳରେ ଯାତ୍ରୀମାନେ ମାଗଣାରେ ଇଣ୍ଟରନେଟ୍ ବ୍ୟବହାର କରିପାରିବେ। ଏଥିସହିତ ସମ୍ବଲପୁର, ରାୟଗଡ଼ା, ଜଗଦଳପୁର, ବ୍ରହ୍ମପୁର, ଭଦ୍ରକ, ଯାଜପୁର, ବିଜୟନଗରମ ଓ ଶ୍ରୀକାକୁଲମ୍ ଷ୍ଟେସନରେ ମାଗଣା ୱାଇ-ଫାଇ ବ୍ୟବସ୍ଥା ଆରମ୍ଭ ହେବ ବୋଲି ପୂର୍ବତଟ ରେଳପଥ ମହାପ୍ରବନ୍ଧକ ଉମେଶ ସିଂ କହିଛନ୍ତି। ରେଳ ସଦନରେ ଆୟୋଜିତ ବାର୍ଷିକ ସମୀକ୍ଷା ବୈଠକରେ ସୂଚନା ଦେଇ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ଶ୍ରୀ ସିଂ କହିଛନ୍ତି, ମେ' ସୁଦ୍ଧା ନୟାଗଡ଼ ରୋଡ୍‌କୁ ଟ୍ରେନ୍ ଚାଲିବ। ଖୋର୍ଦ୍ଧା-ବଲାଙ୍ଗୀର ରେଳ ଲାଇନ୍ କାମ ମେ' ପୂର୍ବରୁ ସରିବ। ବଲାଙ୍ଗୀର ପଟୁ କାମ ଆରମ୍ଭ ହୋଇଯାଇଛି। ସେହିପରି ବୋଲଗଡ଼ ପାସେଞ୍ଜର ହଲ୍ଟ (ଯାତ୍ରୀ ରହଣୀ ସ୍ଥଳ) ଚଳିତ ବର୍ଷ କାର୍ଯ୍ୟକ୍ଷମ



ହେବ। କଟକରୁ ମାଲ୍ ଗୋଦାମ ସ୍ଥାନାନ୍ତରଣ ହେବ। ସେଠାରେ ବ୍ୟବସାୟ କରୁଥିବା ବ୍ୟବସାୟୀମାନଙ୍କୁ ରାଜ୍ୟ ସରକାରଙ୍କ ସହ ଆଲୋଚନା କରି ଅନ୍ୟତ୍ର ଥଇଥାନ କରାଯିବ। ଭୁବନେଶ୍ୱର ଓ ପୁରୀ ଷ୍ଟେସନରେ ରେଳରେ ବ୍ୟବହୃତ ହେଉଥିବା କପଡ଼ା ଗୁଡିକୁ ସଫା କରିବା ପାଇଁ ଲଣ୍ଡ୍ରି ପ୍ରତିଷ୍ଠା ହେବ। ପୂର୍ବରୁ ବିଶାଖପାଟଣାରେ ପ୍ରତିଷ୍ଠା ହୋଇଥିବା ଲଣ୍ଡ୍ରି ମଡେଲରେ ଭୁବନେଶ୍ୱରରେ ଲଣ୍ଡ୍ରି ହେବ। ଯାହାର ୧୨ ଟନ୍ କ୍ଷମତା ରହିବ। ବାହାରକୁ ଦିଆଯାଉଥିବା କପଡ଼ା ରେଳ ଲଣ୍ଡ୍ରି ପରିସରରେ ସଫା ହେବ। ସେହିପରି ଖୋର୍ଦ୍ଧା ରୋଡରେ ମେମୁ ସେଡ୍ ନିର୍ମାଣ ହେବ। ଫଳରେ ଭବିଷ୍ୟତରେ ମେମୁ ଟ୍ରେନ୍ ଚାଲିବାରେ ସହାୟକ ହୋଇପାରିବ। ବଲାଙ୍ଗୀର-ଭଇସାପାଣୀ ରେଳ ଲାଇନ୍ ୨୦୧୮ ମାର୍ଚ୍ଚ ସୁଦ୍ଧା କାର୍ଯ୍ୟକ୍ଷମ ହେବ। ତାଳଚେର-ବିମଳାଗଡ଼ ନୂଆ ରେଳ ଲାଇନ୍ ୨୦୨୧ ମାର୍ଚ୍ଚ ସୁଦ୍ଧା ଶେଷ ହେବାକୁ ଥିବା ବେଳେ ୨୦୧୮ ମାର୍ଚ୍ଚ ସୁଦ୍ଧା ସୁନାଖଣି ଯାଏଁ କାମ ସରିବ। ସମ୍ବଲପୁର-ତାଳଚେର ରେଳ ଲାଇନ୍ ଦୋହରୀକରଣ ୨୦୨୦ ସୁଦ୍ଧା ବଇଣ୍ଡା-ଜରପଡ଼ା ଓ ସେପ୍ଟେମ୍ବର ସୁଦ୍ଧା ବାମୁର-ସରଗିପାଲି ଦୋହରୀକରଣ ସରିବ। ୨୦୧୯ ଜୁନ୍ ସୁଦ୍ଧା ଅନୁଗୁଳ-ସୁକିନ୍ଦା ରୋଡ୍ ନୂଆ ବ୍ରଡଗେଜ୍ ଲାଇନ କାମ ସରିବ। ୨୦୧୯ ମାର୍ଚ୍ଚ ସୁଦ୍ଧା ହରିଦାସପୁର-ପାରାଦୀପ ନୂଆ ବ୍ରଡଗେଜ୍ ଲାଇନ୍ ଓ ସମ୍ବଲପୁର-ଟିଟିଲାଗଡ଼ ଦୋହରୀକରଣ କାମ ସରିବ। ୨୦୧୯ ଫେବୃଆରୀ ସୁଦ୍ଧା ରାୟପୁର-ଟିଟିଲାଗଡ଼ ରେଳ ଲିନ୍ କାମ ମଧ୍ୟ ସରିବ ବୋଲି ରେଳ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ। ପାରଳାଖେମୁଣ୍ଡି ଷ୍ଟେସନର ନବୀକରଣ କରାଯିବ। ତାଳଚେର ଷ୍ଟେସନର ଉନ୍ନତିକରଣ କରାଯିବ। ଏହାବ୍ୟତୀତ ଖୁବଶୀଘ୍ର ନର୍ଲା ରୋଡ୍‌ରେ ଇଲେକ୍ଟ୍ରିକ୍ ରେଳ ଇଞ୍ଜିନ୍ ମରାମତି କାରଖାନା ଓ ସମ୍ବଲପୁର ମାନେଶ୍ୱରରେ ମାଲଗାଡି ମରାମତି କାରଖାନାର ଶିଳାନ୍ୟାସ କରାଯିବ। ଅପରପକ୍ଷେ ୨୦୧୬-୧୭ରେ ମାଲ ପରିବହନରେ ୨.୨୭% ବୃଦ୍ଧି ପାଇଛି। ସେହିପରି ଯାତ୍ରୀ ପରିବହନରେ ୨.୯୫% ଓ ଆୟ ମଧ୍ୟ ୦.୭୨% ବଢ଼ିଥିବା ଶ୍ରୀ ସିଂ ସୂଚନା ଦେଇଥିଲେ। ପୂର୍ବତଟ ରେଳପଥ ଅଞ୍ଚଳରେ ଚାଲିଥିବା ଟ୍ରେନ୍ ଗୁଡିକ ମଧ୍ୟରୁ ୮୯୫ଟି କୋଚ୍‌ରେ ୩୨୯୪ ବାୟୋ ଟଏଲେଟ୍ ସଂଯୁକ୍ତ କରାଯାଇଛି। ଏବେ ୧୦ଟି ଟ୍ରେନ୍‌ରେ ସମ୍ପୂର୍ଣ୍ଣ ଭାବେ ବାୟୋଟଏଲେଟ୍ ଲାଗିଥିବା ବେଳେ ଆସନ୍ତା ସେପ୍ଟେମ୍ବର ସୁଦ୍ଧା ଭୁବନେଶ୍ୱର ଓ ପୁରୀ ମଧ୍ୟରେ ସମସ୍ତ ଟ୍ରେନ୍ ବାୟୋଟଏଲେଟ୍ ସଂଯୁକ୍ତ ହେବ।

# 'ଆଧୁନିକ ଓଡ଼ିଶାର ନିର୍ମାତା ଥିଲେ ବିଜୁବାବୁ'



**ମହାକାଳପଡ଼ା :** ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ୨୦ତମ ଶ୍ରା
ବାର୍ଷିକ ଓ ଶ୍ରଦ୍ଧାଞ୍ଜଳି ସଭା ସୋମବାର ସ୍ଥାନୀୟ ଗିରଙ୍ଗ ମୋହନମୂର୍
ପୀଠରେ ଦୁଇଟି ବ୍ଲକର ମାର୍ଶାଘାଇ ଓ ମହାକାଳପଡା ବ୍ଲକର ବିଜେ
କର୍ମିମାନଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ବଜେଡି ସଭାପ
ସଂଜୟ କୁମାର ଲେଙ୍କାଙ୍କ ସଭାପତିତ୍ୱରେ ଆୟୋଜିତ ଏ
ଶ୍ରଦ୍ଧାଞ୍ଜଳିସଭାରେ ସ୍ଥାନୀୟ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଅତ
ସବ୍ୟସାଚୀ ନାୟକ ଯୋଗଦେଇ ବିଜୁବାବୁ ଥିଲେ ଆଧୁନିକ ଓଡ଼ିଶା
ନିର୍ମାତା। ତାଙ୍କର ସ୍ୱପ୍ନ ଥିଲା ସମୃଦ୍ଧ ଓଡିଶା ଗଠନ କରିବା ଓ ତାକୁ ସେ
କାର୍ଯ୍ୟରେ କରିଦେଖାଇଥିଲେ ମଧ୍ୟ। ଓଡ଼ିଶା ନୁହେଁ ସାରା ଭାରତ ବ
କାହିଁକି ସାରା ବିଶ୍ୱରେ ମଧ୍ୟ ବିଜୁ ବାବୁ ସମସ୍ତଙ୍କ ପାଖରେ ଚି
ସ୍ମରଣୀୟ ହୋଇ ରହିପାରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ । ଏ
ସଭାରେ ବ୍ଲକ ଅଧ୍ୟକ୍ଷା ସୀତାଲତା ପରିଡା, ମହାକାଳପଡ଼ା ବ୍ଲକ୍ ଅଧ୍ୟ
ସସ୍ମିତା ବରାଳ,ଜିଲ୍ଲା ପରିଷଦ ସଭ୍ୟା ନଳିନୀପ୍ରଭା ଚୋଧୁରି, କବି
ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ଗାହଣ । ମାର୍ଶାଘାଇ ବ୍ଲ
ଉପାଧ୍ୟକ୍ଷା ମମତା ପ୍ରଧାନ, ମହାକାଳପଡା ବ୍ଲକ ଉପାଧ୍ୟକ୍ଷ ରଶ୍ମି ରଂଜ
ମହାପାତ୍ର, ମହାକାଳପଡ଼ା ଆମ୍ବା ଅଧ୍ୟକ୍ଷ ଅଶୋକ କୁମାର ମହପାତ୍ର
ଜିଲ୍ଲାବିଜେଡି ଉପ ସଭାପତି ଗଙ୍ଗାଧର ପରିଡା, କୃଷକନେତା ପ୍ରଫୁ
କୁମାର ଦାସ, ନାରୀ ନେତ୍ରୀ ସୁରଭି ଜେନା , ଭାରତୀ ଦଳାଇ, ମା
ନାୟକ, ସରପଂଚ ଓ ସମିତି ସଭ୍ୟମାନଙ୍କ ମଧ୍ୟରେ ପଂଚାନନ ସ୍ୱାଇ
କବିନ୍ଦ୍ରନାଥ ଜେନା, ଅନିରୁଦ୍ଧ ଚଇନି, ପ୍ରଭୁପ୍ରସାଦ ମଲ୍ଲ, ଶିକ୍ଷାବି
ଚନ୍ଦ୍ରମଣି ସାହୁ, ବିପିନ ବିହାରୀ ସ୍ୱାଇଁ, ହିମାଂଶୁ ଭୂଷଣ ଦାସ, ଯୁବନେ
ହିରକ ପରିଡ଼ା, ମନୋଜ କୁମାର ସ୍ୱାଇଁ, ପ୍ରମୋଦ କୁମାର ଦାସ, ପୂର୍ବତ
ସମିତି ସଭ୍ୟ ଜ୍ୟୋତିରଞ୍ଜନ ଖଟୁଆ, ପୂର୍ବତନ ସରପଂଚ ରଶ୍ମିରଞ୍ଜ
ଦାସ, ସୌମ୍ୟରଞ୍ଜନ ସାହୁଙ୍କ ସମେତ ବହୁ ବ୍ଲକ ସ୍ତରୀୟ ନେତାମା
ବିଜୁବାବୁଙ୍କ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁ
ସମାଜସେବୀ ପ୍ରଶାନ୍ତ ରାଉତ, ରବିନ୍ଦ୍ର ମଲିକ, ଅକ୍ଷୟ ମଲିକ, ପ୍ରଭା
ବେଉରା ପ୍ରମୁଖ ପରିଚାଳନା କରିଥିଲେ ।

# ଓଡ଼ିଶା ମେଡିକାଲ ସର୍ଭିସ୍ କ୍ୟାଡର ପୁନର୍ଗଠିତ : ୧୩୩୦ ନୂଆ ପଦବୀ

**ଭୁବନେଶ୍ୱର :** ରାଜ୍ୟ ସରକାର ଓଡ଼ିଶା ମେଡିକାଲ ସର୍ଭିସ୍‌ର ପୁନର୍ଗଠନ କରିଛନ୍ତି। ଏହି କ୍ୟାଡରରେ ପଦବୀ ସଂଖ୍ୟା ଏବେ ୬୭୧୯କୁ ବୃଦ୍ଧି ପାଇ ୧୩୩୦ଟି ନୂଆ ପଦବୀ ସୃଷ୍ଟି କରାଯାଇଛି। ପୂର୍ବରୁ ଜଣେ ସ୍ୱତନ୍ତ୍ର ସଚିବ ରହୁଥିବା ବେଳେ କ୍ୟାଡର ପୁନର୍ଗଠନ ପରେ ଦୁଇଜଣ ରହିବେ। ନିର୍ଦ୍ଦେଶକ ପଦବୀ ୫ରୁ ୧୨କୁ ଓ ପେ ବ୍ୟାଣ୍ଡ-୪ ଶ୍ରେଣୀର ଡାକ୍ତର ପଦବୀ ୩୫ରୁ ୪୩୪କୁ ବୃଦ୍ଧି କରାଯାଇଛି। ପ୍ରତି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍‌ସି)ରେ ୪ ଜଣ ସ୍ପେଶାଲିଷ୍ଟ ରହିବେ। ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ, ମେଡିସିନ୍, ପେଡିଆଟ୍ରିକ୍ ଏବଂ ସର୍ଜରୀ ବିଭାଗର ବିଶେଷଜ୍ଞ ରହିବେ। ସ୍ପେଶାଲ, ନିୟୁବର୍ନ କେୟାର ୟୁନିଟ୍ (ଏସ୍‌ଏନ୍‌ସିୟୁ), ହାଇ ଡିପେଣ୍ଡାନ୍ସିଂ ୟୁନିଟ୍ (ଏଚ୍‌ଡିୟୁ), ପେଡିଆଟ୍ରିକ୍ ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍ (ପିଆଇସିୟୁ), ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍ (ଆଇସିୟୁ), ଆଣ୍ଟି-ରିଟ୍ରୋଭାଇରାଲ ଥେରାପି (ଏଆର୍‌ଟି) କେନ୍ଦ୍ର, ଅର୍ବାନ କମ୍ୟୁନିଟ୍ ହେଲଥ୍ ସେଣ୍ଟର, ଅର୍ବାନ ପ୍ରାଇମେରି ହେଲଥ୍ ସେଣ୍ଟରରେ କାର୍ଯ୍ୟରତ ସ୍ପେଶାଲିଷ୍ଟ ଏବଂ ଜେନେରାଲ୍ ଡ୍ୟୁଟିରେ ରହିଥିବା ମେଡିକାଲ ଅଫିସରଙ୍କୁ କ୍ୟାଡରଭୁକ୍ତ କରାଯାଇଛି। ୫୬୮ଟି ପବ୍ଲିକ ହେଲଥ୍ ଅଫିସର ଦାୟିତ୍ୱରେ ରହିବେ। ପ୍ରତି ବ୍ଲକରେ ଜଣେ ଲେଖାଏ ପବ୍ଲିକ ହେଲଥ୍ ଅଫିସର ରହିବେ। ବ୍ଲକର ଜନସ୍ୱାସ୍ଥ୍ୟ ସେବା ସହିତ ଜଡିତ ସମସ୍ତ ସମସ୍ୟାଗୁଡିକ ପାଇଁ ସେ ଦାୟୀ ରହିବେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ଜଣେ ଲେଖାଏଁ ସୁପରିଣ୍ଟେଣ୍ଡେଣ୍ଟ ରହିବେ।

## ବାହାରୁ ଔଷଧ କିଣିବାକୁ କହିଲେ ଦାୟୀ ରହିବେ ଡାକ୍ତର

**ଭୁବନେଶ୍ୱର :** ନିରାମୟ ଯୋଜନାର ସୁବିନିଯୋଗ ପାଇଁ ସରକାର ଆଉ ଦୁଇପାଦ ଆଗକୁ ଯାଇଛନ୍ତି। ଯୋଜନାର ଦୁରୂପଯୋଗ କ୍ଷେତ୍ରରେ ବିଶେଷକରି ଡାକ୍ତରମାନେ ଦାୟୀ ବୋଲି ଅଭିଯୋଗ ଆସିବା ପରେ ଏବେ ସରକାରଙ୍କ ଟାର୍ଗେଟ୍‌କୁ ଆସିଛନ୍ତି ଡାକ୍ତର। ପଦକ୍ଷେପସ୍ୱରୂପ ଏଣିକି ବାହାରୁ ଔଷଧ କିଣିବା ପାଇଁ ଯଦି କେହି ରୋଗୀଙ୍କୁ କହେ, ତେବେ ସେଥିପାଇଁ ଡାକ୍ତର ଦାୟୀ ରହିବେ ବୋଲି ସରକାର ଘୋଷଣା କରିଛନ୍ତି। ଏଥିରେ କୁହାଯାଇଛି ଯେ ଡାକ୍ତରଖାନାରେ ଉପଲବ୍ଧ ଔଷଧ ବ୍ୟତୀତ ଲୋକଙ୍କୁ ବାହାର ଔଷଧ କିଣିବା ପାଇଁ ପରାମର୍ଶ ବା ନିଦାନ ଚିଠି ଦିଆଯିବା ଉଚିତ ନୁହେଁ। ଯଦି କୌଣସି ଡାକ୍ତର ରୋଗୀଙ୍କୁ ବାହାରୁ ଔଷଧ କିଣିବାକୁ ପରାମର୍ଶ ଦେଉଥାନ୍ତି ତେବେ ସେଥିପାଇଁ ଡାକ୍ତର ଦାୟୀ ରହିବେ। ଏଥିସହ ଔଷଧ ପ୍ରଦାନ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବାକୁ ଯୋଜନାରେ ଥିବା ସମସ୍ତ ପ୍ରକାର ଔଷଧ ଉପଲବ୍ଧ କରାଯିବ। ଏହାସହ ଯୋଜନାରେ ଦେଖାଯାଉଥିବା ବ୍ୟବସ୍ଥାଗତ ତ୍ରୁଟିକୁ ସୁଧାରିବାକୁ ସ୍ୱାସ୍ଥ୍ୟସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ସ୍ୱାସ୍ଥ୍ୟସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଡା. ମେହେର୍ଦ୍ଦା କହିଥିଲେ ଯେ ନିରାୟମ ଯୋଜନାରେ ସବୁ ଔଷଧ ମିଳୁ ନଥିବା ଅନେକ ସମୟରେ ଅଭିଯୋଗ ହେଉଛି। ରାଜ୍ୟ ଔଷଧ ନିଗମ ଜରିଆରେ ଔଷଧ ଓ ଡାକ୍ତରୀ ଯନ୍ତ୍ରପାତି କିଣାଯିବା ସହ ଯୋଗାଇ ଦିଆଯାଉଛି। ତେବେ ଔଷଧ ପାଇଁ ଡାକ୍ତରଖାନାଗୁଡ଼ିକରୁ ଠିକ୍ ସମୟରେ ଇନଡେଣ୍ଟ ଆସିବା ଦରକାର। ଡାକ୍ତରଖାନାର ବିଭିନ୍ନ ବିଭାଗ ପାଇଁ ଆବଶ୍ୟକ ଔଷଧ ସମ୍ପୃକ୍ତ ବିଭାଗର ସମସ୍ତ ଡାକ୍ତର ଇନ୍‌ଡେଣ୍ଟରେ ଦସ୍ତଖତ କରି ପଠାଇବା ଜରୁରୀ। ସେହିପରି ରୋଗୀଙ୍କୁ ଦିଆଯାଉଥିବା ନିଦାନ ଚିଠା ଅନୁଯାୟୀ ନିରାମୟ କେନ୍ଦ୍ରରେ ଔଷଧ ନ ମିଳିବା ସମ୍ପର୍କରେ ଅଭିଯୋଗ ବୁଝିବାକୁ ବ୍ୟବସ୍ଥା କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।



ପୁରୀ : ଶ୍ରୀଜିଉଙ୍କୁ ଦର୍ଶନ ପରେ ପୁଣିଥରରେ ଶ୍ରୀମନ୍ଦିରକୁ କସ୍ତୁରି ଯୋଗାଇବା ପାଇଁ ପ୍ରତିଶ୍ରୁତି ଦେଲେ ନେପାଳ ରାଷ୍ଟ୍ରପତି ବିଦ୍ୟାଦେବୀ

# 'ଲକ୍ଷ୍ୟ' ହେଲା ଲକ୍ଷ୍ୟଭ୍ରଷ୍ଟ

**ବାଲେଶ୍ୱର :** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଜଗତିପୁର ପଞ୍ଚାୟତ ଚନ୍ଦାମଣି ଗ୍ରାମ ନିକଟ ଏକ ଚାଷ ଜମିରେ ଭାରତୀୟ ବାୟୁସେନାର 'ଲକ୍ଷ୍ୟ' ଆକାଶରୁ ଖସିପଡିଛି। ଏହା ଖସିବା ବେଳେ ଖୁବ୍ ଜୋରରେ ଶବ୍ଦ କରିଥିବା ସ୍ଥାନୀୟ ଲୋକ କହିଛନ୍ତି। ତେବେ ଏଥିରେ କାହାରି କିଛି କ୍ଷୟକ୍ଷତି ହୋଇନଥିବା ଜଣାପଡିଛି। ଚାନ୍ଦିପୁର ସମନ୍ୱିତ ପରୀକ୍ଷଣ କେନ୍ଦ୍ରରୁ ବ୍ୟାବହାରିକ ଉଡ଼ାଣ ପରୀକ୍ଷଣ ନିମନ୍ତେ 'ଲକ୍ଷ୍ୟ'କୁ ଆକାଶମାର୍ଗକୁ ଛଡ଼ା ଯାଇଥିଲା। ମାତ୍ର ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏହା ତଳକୁ ଖସି ପଡିଥିବା ଜଣାଯାଇଛି। ଏହାର ଲମ୍ବ ୬.୫ ମିଟର, ୩ ଫୁଟ୍ ଗୋଲେଇ, ୬ କ୍ୱିଣ୍ଟାଲ ଓଜନ। ବିମାନ ଖସିବା ଖବର ପାଇ ପଶ୍ଚିମବଙ୍ଗ କଲେଇକୁଣ୍ଡା ଏଆର୍‌ଫୋର୍ସ ଷ୍ଟେସନରୁ ଏକ ହେଲିକପ୍ଟର ତତ୍‌କ୍ଷଣାତ ଆସି ଡିଆରଡିଓରୁ ୪ଜଣ ବୈଜ୍ଞାନିକଙ୍କୁ ନେଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହାକୁ ଦେଖିବା ପାଇଁ ସେଠାରେ ବହୁତ ଭିଡ ଜମିଥିଲା।




ବାଲେଶ୍ୱର ଏସ୍‌ପି ନୀତିଶେଖରଙ୍କ ନିର୍ଦ୍ଦେଶରେ ବାଲିଆପାଳ ଥାନା ଆଇଆଇସି ସୁରେନ୍ଦ୍ର କୁମାର ବେଉରିଆ ପୋଲିସ ଫୋର୍ସ ସହ ଘଟଣା ସ୍ଥଳରେ ପହଞ୍ଚି ଜଳଗହଳିକୁ ନିୟନ୍ତ୍ରଣ କରିଥିବା ବେଳେ ଖସିପଡିଥିବା ବିମନାକୁ ହେଲିକପ୍ଟର ଯୋଗେ ଚାନ୍ଦିପୁରକୁ ନିଆଯାଇଥିଲା। ସୂଚନାଯୋଗ୍ୟ ଯେ ଚାଳକ ବିହୀନ ବିମାନକୁ ଏରିଏଲ ଟାର୍ଗେଟ ବିମାନ ବେସରୁ ରିମୋର୍ଟ ଦ୍ୱାରା ପରିଚାଳିତ କରାଯାଇଥାଏ। ଏହା ୨୦୦୨ ମସିହାରୁ ଭାରତୀୟ ବାୟୁସେନା ଓ ନୌସେନାରେ ସାମିଲ ହୋଇ ସଫଳତାର ସହ କାର୍ଯ୍ୟ କରୁଛି। 'ଲକ୍ଷ୍ୟ' ଘଣ୍ଟା ପ୍ରତି ୮୫୭ କିମି ଦୂରତା ଅତିକ୍ରମ କରିପାରୁଥିବା ବେଳେ ଏହି ବିମାନର ୧୫୦ କିମି ପର୍ଯ୍ୟନ୍ତ ଦୂରରା ଲକ୍ଷ୍ୟଭେଦ କରିବାର କ୍ଷମତ ରହିଛି। ଏଥିରେ ସ୍ୱୟଂଚାଳିତ ଇଲେକ୍ଟ୍ରୋଅପ୍‌ଟିକ୍ କ୍ୟାମେରା, ଡିଜିଟାଲ କମ୍ପ୍ୟୁଟର, ଏୟାରଟାର୍ଗେଟ ଇମିଟେଟର,ଇନଫ୍ରାରେଡ ସେନ୍‌ସର୍ ଓ ଉନ୍ନତ ରାଡାର ରହିଛି। ଗ୍ରାଉଣ୍ଡ କଣ୍ଟ୍ରୋଲ ଷ୍ଟେସନ (ଜିସିଏସ୍) ଦ୍ୱାରା ଏହା ନିୟନ୍ତ୍ରିତ କରାଯାଇଥାଏ। ଗୋଟିଏ ଜିସିଏସ୍ ଏକକାଳୀନ ୫ଟି ଡ୍ରୋନ୍‌କୁ ନିୟନ୍ତ୍ରଣ କରିପାରିବ। ଏହାସହ ଲକ୍ଷ୍ୟର ସୁରକ୍ଷା ପାଇଁ ଦ୍ୱୈତ ସ୍ତର ପାରାଚ୍ୟୁଟ୍ ବି ରହିଛି। ଏହାର ନିର୍ମାଣ କୌରସି ଏମିତି ଯେ ଏହାକୁ ୧୫ଟି ମିଶନରେ ବ୍ୟବହାର କରାଯାଇପାରିବ। ଭୂପୃଷ୍ଠରୁ ମାତ୍ର ୧୫ ରୁ ୨୦ ମିଟର ଉଚ୍ଚତାରେ ଏହି ଯାନ ଉଡିପାରିବ ବୋଲି ଜଣାପଡିଛି।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ତଦନ୍ତ ନିର୍ଦ୍ଦେଶ

# ଚିନ୍ତା ବଢ଼ାଉଛି ପ୍ଲାଷ୍ଟିକ୍‌ଅଣ୍ଡା

**ଭୁବନେଶ୍ୱର :** ଏବେ ଭୁବନେଶ୍ୱର ବଜାରେ ପ୍ଲାଷ୍ଟିକ ଅଣ୍ଡା ମିଳୁଥିବାର ଅଭିଯୋଗ ଆସିବା ପରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରଦୀପ କୁମାର ଅମାତ ଏହାର ତଦନ୍ତ ପାଇଁ ରାଜ୍ୟ ଖାଦ୍ୟ ନିରାପତ୍ତା କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ଲାଷ୍ଟିକ୍ ଅଣ୍ଡା ପ୍ରକୃତରେ ବଜାରରେ ଉପଲବ୍ଧ ଅଛି ନା ନାହିଁ ଓ ଯଦି ଅଭିଯୋଗ ସତ, ଏହାର ଗୁଣାତ୍ମକ ମାନ ଯାଞ୍ଚ କରିବା ସହ ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ଖାଦ୍ୟ ନିରାପତ୍ତା କମିଶନର ଆର୍‌ପି ସିଂହ ସମସ୍ତ ଖାଦ୍ୟ ନିରାପତ୍ତା ଅଧିକାରୀ, ୩୦ ଜିଲ୍ଲାର ଅଧିକୃତ ଅଧିକାରୀ (ଏଡିଏମ୍‌ଓ) ଓ ୬ଟି ସହରର ସିଟି ହେଲଥ୍ ଅଫିସରଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ଆଦେଶ ଦେଇଛନ୍ତି। ତୁରନ୍ତ ଏହା ଉପରେ ସତର୍କ



ନଜର ରଖି ଏହାର ଗୁଣାତ୍ମକ ମାନ ଯାଞ୍ଚ ଓ ନମୁନା ସଂଗ୍ରହ କରି ଭୁବନେଶ୍ୱରସ୍ଥିତ ରାଜ୍ୟ ଜନସ୍ୱାସ୍ଥ୍ୟ ଲ୍ୟାବକୁ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଭୁବନେଶ୍ୱର, କଟକ, ରାଉରକେଲା, ବ୍ରହ୍ମପୁର, ସମ୍ବଲପୁର ଓ ପୁରୀ ସହରର ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଏଭଳି ଅଣ୍ଡାର ବିକ୍ରି ଉପରେ ଅଧିକ କଡ଼ା ନଜର ରଖିବାକୁ ସେ କହିଛନ୍ତି। ସୂଚନାଯୋଗ୍ୟ ଯେ ସୋସିଆଲ ମିଡିଆରେ ଏହି ନକଲି ଅଣ୍ଡାକୁ ନେଇ ଚର୍ଚ୍ଚା ଜୋର ଲାଗି ରହିଛି।

# ବସ୍ତିବାସିନ୍ଦାଙ୍କୁ ମିଳିବ ମୌଳିକ ସୁବିଧା

**ଭୁବନେଶ୍ୱର :** ଓଡ଼ିଶା ବସ୍ତି ସଂଘର୍ଷ ସମିତି ପକ୍ଷରୁ ବସ୍ତିବାସିନ୍ଦା ଓ ଉଠାଦୋକାନୀଙ୍କୁ ଘରଡିହ ଯୋଗାଣ ଦାବିରେ ଏକ ସମ୍ମିଳନୀ ଜୟଦେବ ଭବନରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ପ୍ରତାପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା ନିର୍ମାଣ ଶ୍ରମିକ ବୋର୍ଡର ଅଧ୍ୟକ୍ଷ ସୁବାସ ସିଂହ କହିଥିଲେ ଯେ ଭୁବନେଶ୍ୱରକୁ ବହୁସଂଖ୍ୟକ ଲୋକ କାମଧନ୍ଦା ଅନ୍ୱେଷଣରେ ଆସୁଥିବା ବେଳେ ସହରର ମଧ୍ୟ ସେମାନଙ୍କର ଆବଶ୍ୟକତା ରହିଛି। ସେମାନେ ଆର୍ଥିକସ୍ତରରେ ଦୁର୍ବଳ ହୋଇଥିବାରୁ ବିଭିନ୍ନ ସ୍ଥାନରେ ଘର କରି ରହୁଛନ୍ତି ଏବଂ ପରବର୍ତ୍ତୀ ଅବସ୍ଥାରେ ତାହା ବସ୍ତିର ରୂପ ନେଉଛି। ଏପରିସ୍ଥଳେ ସରକାର ସେମାନଙ୍କ ପାଇଁ ଯତ୍ନବାନ ଅଛନ୍ତି ଏବଂ ଯେଉଁଠାରେ ବସ୍ତି ଉଚ୍ଛେଦ ହେଉଛି ସେଠାକାର ବାସିନ୍ଦାଙ୍କୁ ଥଇଥାନ ବ୍ୟବସ୍ଥା ସହ ମୌଳିକ ସୁବିଧା ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। ମୁଖବକ୍ତାଭାବେ ଯୋଗଦେଇ ମେୟର ଅନନ୍ତ ନାରାୟଣ ଜେନା କହିଥିଲେ ଯେ ବସ୍ତିବାସିନ୍ଦାଙ୍କୁ ଘର ଯୋଗାଇବା ସହ ସମସ୍ତ ମୌଳିକ ଅଧିକାର ଯୋଗାଇ ଦିଆଯିବ। ବିଧାୟକ ପ୍ରିୟଦର୍ଶୀ ମିଶ୍ର ରାଜ୍ୟ ସରକାର ବସ୍ତି ବାସିନ୍ଦାଙ୍କ ପାଇଁ ନେଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ପୂର୍ବତନ ସାଂସଦ ବୈଷ୍ଣବ ପରିଡା, ପିସିସି ପ୍ରବକ୍ତା ସୁଲୋଚନା ଦାସ, ସିପିଆଇ(ଏମ୍) ନେତା ସୁରେଶ ପାଣିଗ୍ରାହୀ, କର୍ପୋରେଟର ଅମରେଶ ଜେନା ଏବଂ ସମୀର ପ୍ରଧାନ, ଚିଟ୍‌ଫଣ୍ଡ ସୁରକ୍ଷା ଅଭିଯାନର ଆବାହକ ଜୟନ୍ତ ଦାସ, ସିପିଆଇ ନେତା ନାରାୟର ରେଡ୍ଡୀ, ସୂଚନା ଅଧିକାର ଅଭିଯାନର ଆବାହକ ପ୍ରଦୀପ ପ୍ରଧାନ, ରିପବ୍ଲିକାନ ପାର୍ଟି ଅଫ୍ ଇଣ୍ଡିଆର ରାଜ୍ୟ ସଭାପତି ଅବଦୁଲ ୱାଲି, ମରିନା ଯୋଶେଫ, ଶଗୁନା କନୱାର ପ୍ରମୁଖ ଏହି ସମାବେଶରେ ଯୋଗଦାନ କରି ବସ୍ତିବାସିନ୍ଦା ଓ ଉଠାଦୋକାନୀଙ୍କୁ ସ୍ଥାୟୀ ବାସଗୃହ ଓ ଦୋକାନ ପାଇଁ ସ୍ଥାନ ଯୋଗାଇ ଦେବାକୁ ଦାବି ଜଣାଇଥିଲେ। ସନ୍ନ୍ୟାସୀ ବେହେରା ଓ ସଚିକାନ୍ତ ପ୍ରଧାନଙ୍କ ଦ୍ୱାରା ୧୭ଦଫା ଦାବି ଉପରେ ଭିତ୍ତିପତ୍ର ଉପସ୍ଥାପନା ପରେ ମୁମ୍ବାଇରୁ ଆସିଥିବା ସର୍ବଭାରତୀୟ ବସ୍ତି ଉନ୍ନୟନ ସଂଘର ନେତା ରାଜେନ୍ଦ୍ର ରବି, ବିଶିଷ୍ଟ ସମାଜସେବୀ ତଥା 'ସଦର ଆମ ଅଧିକାର' ଅଭିଯାନର ସଂଯୋଜକ ରାଜୁ ବିଶି ବକ୍ତବ୍ୟରେ ବସ୍ତିବାସିନ୍ଦା ଓ ଉଠାଦୋକାନୀଙ୍କୁ ଘରଡିହ ଯୋଗାଣ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଆୟୋଜିତ ଜନଶୁଣାଣି କାର୍ଯ୍ୟକ୍ରମରେ ବସ୍ତି ବାସିନ୍ଦାମାନେ ସେମାନଙ୍କୁ ୬୦୦ ବର୍ଗଫୁଟ୍ ଘରଡିହ ଯୋଗାଇ ଦେବାକୁ ଦାବି କରିଥିଲେ।



# ଅଷ୍ଟଶମ୍ଭୁଙ୍କ ବକ୍ରମନ୍ଦିର



ଉପସ୍ଥାପନା : ଜାହ୍ନବୀସୁତ

ଏବର ସମ୍ବଲପୁର ପୁରାତନ କୋଶଳ ରାଜ୍ୟ। ଏହି ଅଞ୍ଚଳରେ ଥିଲା ପ୍ରସିଦ୍ଧ ଅଷ୍ଟଶମ୍ଭୁଙ୍କ ମନ୍ଦିର। ଏହି ଶୈବପୀଠ ଗୁଡ଼ିକ ଚୌହାନ ବଂଶର ରାଜାମାନଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା। ଏହି ଅଞ୍ଚଳରେ ଶୈବ ଉପାସନା ଖୁବ୍ ପ୍ରାଚୀନ। ସେହି ଧାରାରେ ଏକ ରହସ୍ୟମୟ ମନ୍ଦିର ହୁମାର ଏହି ବକ୍ରମନ୍ଦିର। ଆଦ୍ୟଶମ୍ଭୁ ବିମଳେଶ୍ୱର କାହିଁ କେଉଁ କାଳରୁ ପୂଜା ପାଇ ଆସୁଛନ୍ତି ଏହି ମନ୍ଦିରରେ। କୁହାଯାଏ ଯେ ଚୌହାନ୍ ବଂଶର ପ୍ରଥମ ରାଜା ବଳାରାମ ଏହି ମନ୍ଦିର ପ୍ରତିଷ୍ଠା କରିଥିଲେ। ଆଉ ସମ୍ବଲପୁର ଶୈବଉପାସନାର ଧାରାରେ ବିମଳେଶ୍ୱର ହେଉଛନ୍ତି ଆଦ୍ୟଶମ୍ଭୁ। ତେବେ ଅନ୍ୟକେତେକ ମତ ଦିଅନ୍ତି ଗଙ୍ଗବଂଶୀୟ ରାଜା ତୃତୀୟ ଅନଙ୍ଗଭୀମଦେବ ଏହିଠାରେ ଶିବମନ୍ଦିର ପ୍ରତିଷ୍ଠା କରିଥିଲେ। ଆଉ ରାଜା ବଳିୟାର ସିଂ ଏହି ମନ୍ଦିର ପୁନର୍ନିର୍ମାଣ କରିଥିଲେ। ତେବେ ହୁମାର ଏହି ମନ୍ଦିର ରହସ୍ୟମୟ କାହିଁକି ? ଏ ପ୍ରଶ୍ନ ଆପଣମାନଙ୍କ ମନ ଭିତରେ ଆସିବ ନିଶ୍ଚୟ। ଆପଣ ଭଲ ଭାବେ ଦେଖନ୍ତୁ ଏ ମନ୍ଦିରକୁ ଏହା ଆପଣଙ୍କୁ ବକ୍ର ବା ବଙ୍କା ଦେଖାଯିବ। ଏହାର ନିର୍ମାଣ ଶୈଳୀ ହିଁ ଏହାର ମୁଖ୍ୟ ରହସ୍ୟ। ଏହି ମନ୍ଦିରଟି ମହାନଦୀ କୂଳରେ ପ୍ରତିଷ୍ଠିତ ହୋଇଛି। ତେବେ ଏହି ମନ୍ଦିର ବକ୍ର ଭାବରେ ୧୫ ଡିଗ୍ରୀରୁ ୨୦ଡିଗ୍ରୀ ପର୍ଯ୍ୟନ୍ତ ଢଳି ରହିଛି। ଯାହାର କାରଣ ଏବେ ବି ରହସ୍ୟାବୃତ ହୋଇରହିଛି। ଏକ ବିଶାଳ ମନ୍ଦିର ଏଭଳି ଢଳି ରହିବା ଆଉ ସେହି ଅବସ୍ଥାରେ ବର୍ଷବର୍ଷ ଧରି ରହିବା ନିହାତି ରହସ୍ୟ ମୟ । ଆପଣ ଭାବନ୍ତୁ ଏମିତି କଣ ଏକ ନିର୍ମାଣ ରହିପାରେ। ଏ ପ୍ରଶ୍ନ କେବଳ ଆମ ମନରେ ନୁହେଁ ବର୍ଷବର୍ଷ ଧରି ଅନେକଙ୍କ ମନରେ ଆସିଛି। ତେବେ ସବୁ ରହସ୍ୟ ଭଳି ଏହି ରହସ୍ୟକୁ ନେଇ ମଧ୍ୟ ରହିଛି ଅନେକ ମତ। ପ୍ରଥମ କଥା ହେଉଛି ମନ୍ଦିର ଏଭଳି ଢଳିଲା କିଭଳି। ଆଉ ଯଦି ଢଳିଲା ତେବେ ଏତେ ବର୍ଷଧରି ଏହି ଅବସ୍ଥାରେ ରହିଛି କିପରି। ଏହା କଣ ଦୈବୀ ପ୍ରଭାବ। ନା ଏହା ପଛରେ ଆଉ କିଛି କାରଣ ରହିଛି। ଆମ ଭଳି ଅନେକ ଏହା ପଛର ରହସ୍ୟକୁ ଖୋଜିଛନ୍ତି କିନ୍ତୁ ଶେଷ ସିଦ୍ଧାନ୍ତରେ କେହି ପହଁଚି ପାରିନାହାନ୍ତି। ତେଣୁ ହୁମାର ଏହି ବକ୍ର ମନ୍ଦିର ସେମିତି ଅନେକ ପ୍ରଶ୍ନ ଭିତରେ ଛନ୍ଦି ହୋଇରହିଛି। ଦେଶବିଦେଶର ଅନେକ ଗବେଷକ ଓ ସ୍ଥପତି ଏହି ମନ୍ଦିରକୁ ଦେଖି ଆଶ୍ଚର୍ଯ୍ୟ ହୋଇଛନ୍ତି ଆଉ କଣ ପାଇଁ ମନ୍ଦିର ଏଭଳି ବକ୍ର ହୋଇଛି ତାହାର ପରୀକ୍ଷାନୀରିକ୍ଷା ଏବେବି ଚାଲିଛି। ପ୍ରକୃତ କଥା ହେଲା ହୁମାର ଏହି ବକ୍ର ମନ୍ଦିରର କାରଣକୁ ନେଇ ଅନେକ ମତ ଦେଖା ଦେଇଛି। ତେଣୁ ତାହା ମଧ୍ୟରୁ କେଉଁଟା ଠିକ୍ ତାହା କହିବା ମୁସ୍କିଲ୍। ତେଣୁ ହୁମା ମନ୍ଦିର ସେମିତି ରହସ୍ୟ ହୋଇରହିଛି। ଇତିହାସ ଅନୁସାରେ ହୁମାର ଏହି ମନ୍ଦିର ଷୋଡଶ ଶତାବ୍ଦୀରେ ନିର୍ମାଣ କରାଯାଇଥିଲା। ଆଉ ଏହି ମନ୍ଦିର ମହାନଦୀର କୂଳରେ ନିର୍ମିତ ହୋଇଛି। ମନ୍ଦିରର ବକ୍ର ଘଟଣାକୁ ନେଇ ସ୍ଥାନୀୟ ଲୋକମାନେ କୁହନ୍ତି ଯେ ସେମାନେ ଦେଖିବାରେ ୪୦ରୁ ୫୦ ବର୍ଷ ହେଲା ମନ୍ଦିର ଏଭଳି ଅବସ୍ଥାରେ ହିଁ ଅଛି। ଆଉ କୌଣସି ପରିବର୍ତ୍ତନ ହେଉନାହିଁ। ତେବେ ଏ ମନ୍ଦିର ବକ୍ର ହେଲା କିପରି ତାହା ଏବେବି ରହସ୍ୟମୟ। କେହିକେହି ଏହି ମନ୍ଦିରର ବକ୍ରତା ପଛରେ ମହାନଦୀ ଏକ କାରଣ ବୋଲି କହିଥାନ୍ତି। ଏକଥା ଶୁଣିଲେ ମନରେ ପ୍ରଶ୍ନ ଆସେ କେବଳ ବିମଳେଶ୍ୱର ମହାଦେବ ମନ୍ଦିରଟି କାହିଁକି ବକ୍ର ହେଲା ? କାରଣ ଏହି ସ୍ଥାନରେ ଆହୁରି ଅନେକ ମନ୍ଦିର ଅଛି। ସେଗୁଡ଼ିକ କାହିଁକି ହେଲା ନାହିଁ। ତେବେ ରହସ୍ୟର ଅନ୍ୟତମ କାରଣ ହେଲା ଲୋକବିଶ୍ୱାସ ରହିଛି ଯେ ଦେବଦେବ ମହାଦେବଙ୍କ ଉପସ୍ଥିତି ଯୋଗୁଁ ଏହି ମନ୍ଦିର ବକ୍ର ହେଲେ ମଧ୍ୟ ମନ୍ଦିରର କୌଣସି କ୍ଷତି ହେଉନାହିଁ। ଏହା କ'ଣ ସମ୍ଭବ ହୋଇପାରେ ? ସତରେ କଣ ଦେବଦେବ ମହାଦେବ ଯୋଗୁଁ ଏହା ସମ୍ଭବ ହୋଇପାରିଛି। ଅନେକ ଏହାକୁ ନେଇ ଆଉ କିଛି ଗବେଷକ କହିଛନ୍ତି ଯେ କୌଣସି ପ୍ରକୃତିକ ଦୁର୍ବିପାକ ବା ଭୌଗଳିକ ପରିବର୍ତ୍ତନ ପାଇଁ ଏଭଳି ଅବସ୍ଥା ହୋଇଛି। ତେବେ ଏ କଥା କୁ ମଧ୍ୟ କିଛି ଗବେଷକ ଗ୍ରହଣ କରିନାହାଁନ୍ତି। ସେଇଥି ପାଇଁ ଆଜି ଯାଏଁ ହୁମା ବକ୍ରତାକୁ ନେଇ ରହସ୍ୟ ରହିଛି। ତେବେ ଏ ମନ୍ଦିରକୁ ଆପଣ ଦେଖିଲେ ଲାଗିବ ଯେ ଏହି ମନ୍ଦିର ବାମ ପାର୍ଶ୍ୱକୁ ୧୫ରୁ ୨୦ ଡିଗ୍ରୀ ଢଳି ରହିଛି। ଏହା ନିର୍ମାଣ ସମୟରେ କିଭଳି ଥିଲା ତାହାକୁ ନେଇ ମଧ୍ୟ ତର୍ଜମା ଚାଲିଛି। ତେବେ ଯେତେ ତର୍ଜମା କଲେ ମଧ୍ୟ ରହସ୍ୟକୁ ପର୍ଦା ଉଠି ପାରିନାହିଁ। ରହସ୍ୟର କାରଣ ହେଲା ସାଧାରଣ ଭାବେ ଯେ କୌଣସି ନିର୍ମାଣ ଯଦି ଏଭଳି ଢଳି ରହିବ ତେବେ ଏହା ଶୀଘ୍ର ନଷ୍ଟ ହେବ କିନ୍ତୁ ହୁମାର ଏହି ମନ୍ଦିର ଏତେ ବର୍ଷ ଧରି ଢଳି ରହିଥିଲେ ମଧ୍ୟ କିଭଳି ସୁରକ୍ଷିତ ରହିଛି। ଏହି ରହସ୍ୟରେ ବର୍ଷବର୍ଷ ଧରି ଭକ୍ତ, ଶ୍ରଦ୍ଧାଳୁ, ଗବେଷକ, ସ୍ଥପତି ସମସ୍ତେ ବୁଡି ରହିଛନ୍ତି। ସବୁଠାରୁ ବଡ଼ କଥା ହେଲା ମନ୍ଦିର ପରିସରରେ ଅନ୍ୟ ମନ୍ଦିର ଥିଲେ ମଧ୍ୟ ମୁଖ୍ୟ ମନ୍ଦିର ଭଳି ଏହା ବକ୍ର ନୁହେଁ। ତେବେ କଣ ପାଇଁ ଏ ମୁଖ୍ୟ ମନ୍ଦିର ବକ୍ର। ଷୋଡଶ ଶତାବ୍ଦୀରେ ନିର୍ମାଣ ହୋଇଥିବା ଏହି ମନ୍ଦିର ଏତେ ବର୍ଷ ମଧ୍ୟରେ ଏହି ରହସ୍ୟକୁ ଉନ୍ମୋଚିତ କରି ପାରିନାହିଁ। ପ୍ରତିଦିନ ଅନେକ ଶ୍ରଦ୍ଧାଳୁ ଓ ଭକ୍ତ ଏହି ମନ୍ଦିରକୁ ଆସିଥାନ୍ତି। ଦର୍ଶନ କରିଥାନ୍ତି ଶ୍ରୀ ବିମଳେଶ୍ୱରଙ୍କୁ। ପୀଠର ପଛରେ ଥିବା ମହାନଦୀକୁ ମଧ୍ୟ ଯାଇଥାନ୍ତି ନୌକାବିହାର ମଧ୍ୟ କରିଥାନ୍ତି କିନ୍ତୁ ଏ ସବୁ ପରେ ମଧ୍ୟ ମନ୍ଦିରକୁ ଦେଖିବା ମାତ୍ରେ ବୁଡି ଯାନ୍ତି ରହସ୍ୟ ମଧ୍ୟରେ। ମନ୍ଦିରର ଅଲୌକିକତା କୁ ମନଭିତରେ ନେଇ ଘରକୁ ଫେରିଯାନ୍ତି। ଏମିତି ବର୍ଷବର୍ଷ ଧରି ଚାଲିଛି। ତେବେ ହୁମା ମନ୍ଦିରର ଏ ରହସ୍ୟ ଅନେକ ଅଡୁଆ ଖିଅ ସୃଷ୍ଟି କରିଛି। କଣ ସତରେ ଦେବଦେବ ମହାଦେବଙ୍କ ଏ ଅଲୌକିକତା ? ନା ଏହା ପଛରେ ଆଉ କିଛି କାରଣ ରହିଛି। ମଣିଷର ସନ୍ଧାନୀ ମନ ଏମିତି ଅନେକ ପ୍ରଶ୍ନକୁ ସାଥିରେ ଯୁଗଯୁଗ ଧରି ରହସ୍ୟ ପଛରେ ପଡ଼ିଥାଏ। କିନ୍ତୁ ତାର ଉତ୍ତର ପାଏ ନାହିଁ। ସେମିତି ରହସ୍ୟ ଭିତରେ ସମ୍ବଲପୁରର ହୁମା ମନ୍ଦିର ରହିଛି।

# ଶିଳ୍ପାଞ୍ଚଳକୁ ରେଳ ସଂଯୋଗ ପ୍ରସଙ୍ଗ : ସୁରେଶଙ୍କୁ ଚିଠି ଲେଖିଲେ ରମେଶ

**ଭୁବନେଶ୍ୱର :** ଶିଳ୍ପାଞ୍ଚଳକୁ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ୀକର ଉପରେ ଗୁରୁତ୍ୱ ଦେଇଛନ୍ତି ରାଜ୍ୟ ସରକାର। ସହଜ ଗମନାଗମନ ବ୍ୟବସ୍ଥା ନହେଲେ ସାମଗ୍ରୀ ପରିବହନ କ୍ଷେତ୍ରରେ ବାଧା ସୃଷ୍ଟି ହେବ ଏବଂ ଏହାଦ୍ୱାରା ଉତ୍ପାଦନ ମୂଲ୍ୟ ବୃଦ୍ଧିର ଆଶଙ୍କା ରହିଛି। ତେଣୁରାଜ୍ୟର ଶିଳ୍ପାଞ୍ଚଳଗୁଡ଼ିକୁ ରେଳ ସଂଯୋଗ ନିମନ୍ତେ ପଦକ୍ଷକ୍ଷପ ଗ୍ରହଣ କରିବାକୁ ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି କେନ୍ଦ୍ର ରେଳମନ୍ତ୍ରୀ ସୁରେଶ ପ୍ରଭୁଙ୍କୁ ଅନୁରୋଧ କରିଛନ୍ତି। ଦେଶ ତଥା ରାଜ୍ୟର ବିକାଶ ନିମନ୍ତେ ଏ କ୍ଷେତ୍ରରେ ସକରାତ୍ମକ ପଦକ୍ଷେପ ଗ୍ରହର ନିମନ୍ତେ ଶ୍ରୀ ମାଝି ଚିଠି ଲେଖିଛନ୍ତି। ଶ୍ରୀ ମାଝି କହିଛନ୍ତି ଯେ ଓଡ଼ିଶା ଖଣିଜ ସମ୍ପଦ ପରିପୂର୍ଣ୍ଣ ରାଜ୍ୟ। କୋଇଲା, ଲୁହାପଥ, ବକ୍ସାଇଟ୍, କ୍ରୋମାଇଟ୍, ମାଙ୍ଗାନିଜ ଆଦି ଗଚ୍ଛିତ ରହିଛି। ରାଜ୍ୟ ସରକାର ଏକ ସଫଳ ଓ ଶିଳ୍ପ ଅନୁକୂଳ ନୀତି ପ୍ରଣୟନ କରିଛନ୍ତି। ଶିଳ୍ପ ସଂସ୍ଥାଗୁଡିକୁ ସହଯୋଗ କରିବା ଓ କଞ୍ଚାମାଲ ଯୋଗାଇବା ଲାଗି ପଦକ୍ଷେପ ନେଇଛନ୍ତି। ଏଥିଲାଗି ଦେଶ ବିଦେଶର ବହୁ ସଂସ୍ଥା ଓଡ଼ିଶାରେ ନିବେଶ ନିମନ୍ତେ ଆଗ୍ରହ ପ୍ରକାଶ କରିଛନ୍ତି। ଏହି କ୍ଷେତ୍ରରେ ଶିଳ୍ପର ବିକାକୁ ଅଧିକ ତ୍ୱରାନ୍ୱିତ କରିବା ଲାଗି ରେଳବାଇ ମନ୍ତ୍ରଣାଳର ସହଯୋଗ ଏକାନ୍ତ ଆବଶ୍ୟକ। ଖଣିଜ ସମ୍ପଦର ସୁଚାରୁ ପରିବହନ ନ ହେଲେ ଶିଳ୍ପ ସଂସ୍ଥାଗୁଡିକ ଆର୍ଥିକ ଦୃଷ୍ଟିରୁ କ୍ଷତିଗ୍ରସ୍ତ ହେବାର ଆଶଙ୍କା ଥିବାରୁ ଏଥିପାଇଁ ରେଳ



ଯୋଗାଯୋଗ ବ୍ୟବସ୍ଥାକୁ ଅଧିକ ସମ୍ପ୍ରସାରିତ କରିବା ଆବଶ୍ୟକ। ସେହିପରି ବଡବଡ ଶିଳ୍ପ ସଂଦ୍ଥାଗୁଡ଼ିକ ସହଯୋଗ ନ ପାଇଲେ ଆନୁସଙ୍ଗିକ ଶିଳ୍ପଗୁଡିକ ତିଷ୍ଠି ରହିବା ଅସମ୍ଭବ ମଧ୍ୟ ହୋଇପଡିବ। ଏହାଦ୍ୱାରା ଜିଡିପି ସହ ନିଯୁକ୍ତି ସୁଯୋଗ ମଧ୍ୟ ହ୍ରାସ ପାଇବା ଆଶଙ୍କା ରହିଛି। ତେଣୁ , କ୍ଷେତ୍ରରେ କେନ୍ଦ୍ର ରେଳ ମନ୍ତ୍ରଣାଳୟ ଉପଯୁକ୍ତ ସହଯୋଗ କରିବା ଲାଗି ଶ୍ରୀ ମାଝି କେନ୍ଦ୍ର ରେଳମନ୍ତ୍ରୀ ସୁରେଶ ପ୍ରଭୁଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ଓଡ଼ିଶାବାସୀଙ୍କୁ ହତାସ କରିଛନ୍ତି ମୋଦି : ପ୍ରସାଦ

ପ୍ରଧାନମନ୍ତ୍ରୀ ପ୍ରତିଥର ଭଳି ଏଥର ମଧ୍ୟ ଓଡ଼ିଶାବାସୀଙ୍କୁ ହତାସ କରିଛନ୍ତି। ନିଜର ଦଳୀୟ ସ୍ୱାର୍ଥ ପାଇଁ ଓଡ଼ିଶାର ସ୍ୱାର୍ଥକୁ ଉପେକ୍ଷା କରି ମହାନଦୀ ଜଳ ଉପରେ ଓଡ଼ିଶାର ହକ ବିଷୟରେ ଚୁପ ରହିଛନ୍ତି। ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ଓ ଖଣି ଦୁର୍ନୀତିର ସିବିଆଇ ତଦନ୍ତ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ପ୍ରଧାନମନ୍ତ୍ରୀ ଅଣଦେଖା କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଓଡ଼ିଶାର ଗରୀବି ଓ କୁଶାସନ ପାଇଁ ବିଜୁଜନତା ଦଳ ଯେତିକି ଦାୟୀ ଭାରତୀୟ ଜନତା ପାର୍ଟି ମଧ୍ୟ ସମପରିମାଣରେ ଦାୟୀ। ଓଡ଼ିଶା ପାଇଁ ବିଜେଡ଼ି ଦୁର୍ଯ୍ୟୋଧନ ହୋଇଥିବାବେଳେ ବିଜେପି ଦୁଃଶାସନ। ତଥାକଥିତ ସୋସିଆଲ ଇଂଜିନିୟର ମାଧ୍ୟମରେ ନିଜର ଭୋଟ ବଢ଼ାଇବାକୁ ଚାହୁଁଛି ବିଜେପି। ପୂର୍ବରୁ ଧର୍ମ ନାଁରେ ଏବେ ଜାତି ନାଁରେ ରାଜନୀତି କରିବାକୁ ଚେଷ୍ଟା କରୁଛି ବିଜେପି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଏକାଠି ହେବାକୁ...

ନିର୍ବାଚନ ପୂର୍ବରୁ ଦୁଇ ପଡୋଶୀ ମୁଖ୍ୟମନ୍ତ୍ରୀଙ୍କ ଏଭଳି ସାକ୍ଷାତକାର ତୃତୀୟ ସାମ୍ମୁଖ୍ୟର ଆଶାକୁ ଉଜ୍ଜୀବିତ କରିଥିଲା ବେଳେ ବିଜେଡି ପକ୍ଷରୁ ମମତାଙ୍କ ସହ ନବୀନଙ୍କ ସାକ୍ଷାତକୁ ସୌଜନ୍ୟମୂଳକ ବୋଲି ଦର୍ଶାଯାଇଛି। ହେଲେ ବିରୋଧୀ ନେତାମାନେ ଏକଥାରେ ଏକମତ ନୁହଁନ୍ତି। ରାଜ୍ୟ ବିଜେପିର ମତ ଅନୁସାରେ ଚିଟ୍‌ଫଣ୍ଡ ଦୁର୍ନୀତିରେ ଛନ୍ଦି ହୋଇଥିବା ନିଜର ଦଳର ସାଂସଦଙ୍କୁ ଦେଖା କରିବା ପାଇଁ ମମତା ଆସିଥିଲେ ବି ରାଷ୍ଟ୍ରପତି ନିର୍ବାଚନରେ ବିଜେପିକୁ ଅଡୁଆରେ ପକାଇବା ପାଇଁ କିଛି ଯୋଜନା କରିଛନ୍ତି। ସୂଚନାଯୋଗ୍ୟ, ଗତ କିଛିଦିନ ତଳେ ପୂର୍ବତନ ବାଚସ୍ପତି ରବି ରାୟଙ୍କ ଅନ୍ତ୍ୟେଷ୍ଟିରେ ଯୋଗଦେବାକୁ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଏବଂ ଜେଡିୟୁ ନେତା ଶରଦ ଯାଦବ ଭୁବନେଶ୍ୱର ଆସିଥିବା ଅବସରରେ ନବୀନ ନିବାସ ଯାଇ ବିଜେଡି ମୁଖିଆଙ୍କୁ ସାକ୍ଷାତ କରିଥିଲେ। ଏହି ସମୟରେ ସେମାନଙ୍କ ମଧ୍ୟରେ ବେଶ୍ କିଛି ସମୟ ଆଲୋଚନା ହୋଇଥିଲା। ସେଥିରେ ୨୦୧୯ ସାଧାରଣ ନିର୍ବାଚନରେ ବିଜେପି ବିରୋଧରେ ମହାମେଣ୍ଟ କରିବାକୁ ସମ୍ଭାବନା ଦେଖାଦେଇଥିଲା। ଏ ବାବଦରେ ନାନା କଳ୍ପନାଜଳ୍ପନା ମଧ୍ୟ ପ୍ରକାଶ ପାଇଲା। ତେଣୁ ମମତାଙ୍କ ଓଡ଼ିଶା ଗସ୍ତ ପରେ ଭବିଷ୍ୟତରେ ଦେଶର ସମସ୍ତ ଆଞ୍ଚଳିକ ଦଳଗୁଡ଼ିକ ମିଶି ଏକ ମହାମେଣ୍ଟ କରିବାର ସମ୍ଭାବନା ସୃଷ୍ଟି ହୋଇଛି। ରାଷ୍ଟ୍ରପତି ନିର୍ବାଚନ ପ୍ରସଙ୍ଗରେ ନିକଟରେ ବିହାର ମୁଖ୍ୟମନ୍ତ୍ରୀ ନୀତିଶ ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନଙ୍କ ମଧ୍ୟରେ ଦୂରଭାଷରେ ବାର୍ତ୍ତାଳାପ ହୋଇଥିବା ସୂଚନା ମିଳିଛି।

ଏଭଳି ସମୟରେ ନୀତି ଆୟୋଗ ବୈଠକରେ ଯୋଗଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦିଲ୍ଲୀ ଗସ୍ତ କରିଛନ୍ତି। ସେଠାରେ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦଙ୍କୁ ସେ ସାକ୍ଷାତ କରିପାରନ୍ତି ବୋଲି ଜଣାପଡିଛି। ତେବେ ଏ ସମସ୍ତ ଘଟଣାକ୍ରମକୁ ଲକ୍ଷ୍ୟ କଲେ ଏନ୍‌ଡିଏ ବିରୋଧୀ ଶକ୍ତିମାନେ ଯେ ଏକାଠି ହେବାକୁ ମସୁଧା କରୁଛନ୍ତି ତାହା ସ୍ପଷ୍ଟ ହେଉଛି। ଇତିମଧ୍ୟରେ କଂଗ୍ରେସ ସଭାନେତ୍ରୀ ସୋନିଆ ଗାନ୍ଧିଙ୍କୁ ତାଙ୍କ ବାସଭବନରେ ଭେଟିଛନ୍ତି ନୀତିଶ କୁମାର। ବାହାରକୁ ସୌଜନ୍ୟମୂଳକ ସାକ୍ଷାତକାର ଥିଲା ବୋଲି ନୀତିଶ କହୁଥିଲେ ବି ସୋନିଆଙ୍କ ସହ ସେ ଦୀର୍ଘ ସମୟ ଧରି ଆଲୋଚନା କରିଛନ୍ତି। ରାଷ୍ଟ୍ରପତି ନିର୍ବାଚନରେ ବିରୋଧୀମାନେ ଏକାଠି ହେବାର ପ୍ରସଙ୍ଗ ଆଲୋଚନାର ଗୁରୁତ୍ୱପୂର୍ଣ୍ଣ ଦିଗ ବୋଲି ଚର୍ଚ୍ଚା ଜୋର ଧରିଛି। ଏହି ସମୟ ମଧ୍ୟରେ ସିପିଏମ୍ ମହାସଚିବ ସୀତାରାମ ୟେଚୁରୀ ମଧ୍ୟ ସୋନିଆଙ୍କ ସରକାରୀ ବାସଭବନରେ ପହଞ୍ଚିଥିଲେ। ସେ ମଧ୍ୟ ଆଲୋଚନାରେ ଭାଗ ନେଇଥିବା ଜଣାପଡିଛି। ତେବେ ସାମ୍ପ୍ରତିକ ରାଜନୈତିକ ପାଣିପାଗକୁ ଲକ୍ଷ୍ୟକଲେ ସ୍ପଷ୍ଟ ଜଣାପଡେ ଯେ ଏନ୍‌ଡିଏ ବିରୋଧରେ ପ୍ରାର୍ଥୀ ଦେବାକୁ ବିରୋଧୀମାନେ ମସୁଧା କରୁଛନ୍ତି। ନୀତିଶ କୁମାର ମଧ୍ୟ ଏହି ପ୍ରସଙ୍ଗରେ ଆର୍‌ଜେଡି ମୁଖ୍ୟ ଲାଲୁପ୍ରସାଦ ଯାଦବ ଏବଂ ଏନ୍‌ସିପି ନେତା ଶରଦ ପାୱାରଙ୍କ ସହିତ ଆଲୋଚନା କରିଥିବା ଖବର ମିଳିଛି। ନିକଟରେ ଶେଷ ହୋଇଥିବା ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନରେ ପରାଜୟବରଣ କରିଥିବା ସମାଜବାଦି ପାର୍ଟି ଏବଂ ବହୁଜନ ସମାଜବାଦି ପାର୍ଟି ମଧ୍ୟ ଏନ୍‌ଡିଏ ବିରୋଧୀ ମହାମେଣ୍ଟକୁ ସମର୍ଥନ ଦେବେ ବୋଲି ସଂକେତ ଦେଇଛନ୍ତି।

ହେଲେ ଆଗାମୀ ଦିନରେ ଆର୍‌ଏସ୍‌ଏସ୍ ସମର୍ଥିତ ନେତାଙ୍କୁ ହିଁ ଦେଶର ସର୍ବୋଚ୍ଚ ପଦବୀରେ ବସାଇବା ପାଇଁ ଏନ୍‌ଡିଏ ସରକାର ଉଦ୍ୟମ କରୁଥିବା ସୂଚନା ମିଳିଛି। ତେଣୁ ଧର୍ମନିରପେକ୍ଷ ଶକ୍ତି ବ୍ୟାନର ତଳେ ରହିଥିବା ଦଳଗୁଡ଼ିକ କିଭଳି ନିରାଶ ହେବେ ସେ ନେଇ ଏନ୍‌ଡିଏ ଉଦ୍ୟମ କରୁଛି। ଯେହେତୁ ବାବ୍ରୀ ମସ୍‌ଜିଦ୍ ମାମଲାରେ ଲାଲକୃଷ୍ଣ ଆଡଭାନୀଙ୍କ ବିପକ୍ଷରେ କୋର୍ଟଙ୍କ ରାୟ ଆସିଛି ତେଣୁ ସେ ଆଉ ରାଷ୍ଟ୍ରପତି ଦୌଡରେ ନଥିବା ସ୍ପଷ୍ଟ ହୋଇଛି। ତେବେ ରାଷ୍ଟ୍ରପତି ନିର୍ବାଚନରେ ସଫଳତା ପାଇବାକୁ ହେଲେ ଏନ୍‌ଡିଏ ସରକାରକୁ ବହୁ କସରତ କରିବାକୁ ପଡିବ। ଯେକୌଣସି ଆଞ୍ଚଳିକ ଦଳର ସହଯୋଗ ନନେଲେ ଏହା ସହଜ ହୋଇପାରିବ ନାହିଁ ବୋଲି ରାଜନୀତି ବିଷାରଦମାନେ ଆଲୋଚନା କରୁଛନ୍ତି।

### ଜନସମସ୍ୟାକୁ...

ଅବସରରେ ଗଜପତି ଜିଲ୍ଲାରେ ସଂଗଠନକୁ ଆହୁରି ମଜବୁତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବୈଠକରେ ଦଳର ଉପସଭାପତି ସୂର୍ଯ୍ୟନାରାୟଣ ପାତ୍ର, ସାଧାରଣ ସମ୍ପାଦକ ତଥା ପଞ୍ଚାୟତିରାଜ ମନ୍ତ୍ରୀ ଡ. ଅରୁଣ ସାହୁ, ମନ୍ତ୍ରୀ ଉଷା ଦେବୀ, ବିକ୍ରମକେଶରୀ ଆରୁଖ, ଗଞ୍ଜାମ ଜିଲ୍ଲା ପର୍ଯ୍ୟବେକ୍ଷକ ତଥା ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ମନ୍ତ୍ରୀ ପ୍ରଦୀପ ପାଣିଗ୍ରାହୀ, ବିଧାୟିକା ଭି. ସୁଜ୍ଞାନକୁମାରୀ ଦେଓ, ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଶ୍ରୀକାନ୍ତ ସାହୁ, ପୂର୍ଣ୍ଣଚନ୍ଦ୍ର ସେଠୀ, ଦେବରାଜ ମହାନ୍ତି, ପ୍ରିୟାଂଶୁ ପ୍ରଧାନ, ବିଧାୟିକା ନନ୍ଦିନ ଦେବୀ, ବାସନ୍ତୀ ମଲ୍ଲିକ, ଦେବାଶିଷ ସାମନ୍ତରାୟ, ପୂର୍ବତନ ବିଧାୟକ ରାମଚନ୍ଦ୍ର ପଣ୍ଡା, ନାରାୟଣ ରାଓ, ଗଜପତି ଜିଲ୍ଲା ବିଜେଡି ସଭାପତି ପ୍ରଦୀପ ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଅହଂକାରର...

ଏମିତିକି ନାଲିବତି ଚଢୁଥିବା ଲୋକଙ୍କୁ ଅନ୍ୟମାନେ ଭୟମିଶ୍ରିତ ସମ୍ମାନ ଦେଉଥିଲେ। ଫଳରେ ଜନସାଧାରଣ ଓ ପ୍ରଶାସନ ମଧ୍ୟରେ ଦୂରତା ବଢୁଥିଲା। ସାଧାରଣ ଲୋକେ ନାଲିବତି ଚଢ଼ିଆସିଥିବା ଜଣେ ସରକାରୀ ବାବୁ କିମ୍ବା ନେତାଙ୍କ ନିକଟକୁ ଯାଇ କଥା କହିବାକୁ ବି ଭୟ କରୁଥିଲେ। ଫଳରେ ସରକାରୀ ଯୋଜନାଗୁଡ଼ିକ ଲୋକଙ୍କ ପାଖକୁ ସିଧାସଳଖ ପହଞ୍ଚିବାରେ ଅହେତୁକ ବିଳମ୍ବ ହେଉଥିଲା। ଶାସନ କ'ଣ ବୁଝିବାକୁ ଇଚ୍ଛାଥିଲେ ବି ଅଭିଜାତ୍ୟସମ୍ପନ୍ନ ଏହି ବାବୁ ବା ମନ୍ତ୍ରୀମାନଙ୍କ ପ୍ରତି ଥିବା ଭୟ ସେମାନଙ୍କୁ ଏଥିରୁ ବଞ୍ଚିତ କରୁଥିଲା। ଏ ନେଇ ଗତ ଦେଢ଼ବର୍ଷ ଧରି ପ୍ରଧାନମନ୍ତ୍ରୀଙ୍କ ଦପ୍ତରରେ ଏକ ମାମଲା ପଡ଼ିଥିଲା। ଏପ୍ରିଲ ୧୯ ତାରିଖରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଏନେଇ ଚର୍ଚ୍ଚା ଆଲୋଚନା ପରେ ବିଲ୍‌ରେ ମୋହର ବାଜିଛି। ଏହାଦ୍ୱାରା ଶାସନ ଓ ଶାସିତ ନିକଟତର ହେବେ ବୋଲି କୁହାଯାଉଛି। ସେହିପରି ନାଲିବତି ଓ ଏଥିରେ ଲାଗିଥିବା ସାଇରନ୍ ଯୋଗୁଁ ଅନେକ ସମୟରେ ଟ୍ରାଫିକ୍ ସମସ୍ୟା ସହ ଜନସାଧାରଣଙ୍କର ଅନେକ ସମସ୍ୟା ସୃଷ୍ଟି ହେଉଥିଲା। ଏଣିକି ଆଉ ନାଲିବତି ନାହିଁ କି ସମସ୍ୟା ବି ନାହିଁ। ତେବେ ଜରୁରୀକାଳିନ ସେବା, ଯଥା ଆମ୍ବୁଲାନ୍ସ ଆଦିରେ ବ୍ୟବହାର ହେଉଥିବା ନୀଳବତି ଓ ସାଇରନ୍ ପୂର୍ବପରି ବଳବତ୍ତର ରହିବ।

ଏହି ସୂଚନା ମିଳିବାର ମାତ୍ର ଅଳ୍ପ କେଇଘଣ୍ଟା ପରେ କେନ୍ଦ୍ରମନ୍ତ୍ରିମଣ୍ଡଳର ଅନେକ ମନ୍ତ୍ରୀ ଓ ଅନେକ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ମଧ୍ୟ ନିଜ ନିଜ ଗାଡ଼ିରୁ ନାଲିବତି କାଢ଼ିଦେବା ସହ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ସେମାନେ ହେଲେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ, ସ୍ମୃତି ଇରାନୀ, ଗିରିରାଜ ସିଂହ, ମହେଶ ଶର୍ମା, ଉମା ଭାରତୀ, ରାଧାମୋହନ ସିଂହ, ବିଜୟ ଗୋୟଲ। ସେହିପରି ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ ଚୌହାନ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାଭିସ୍ ମଧ୍ୟ ନିଜ ନିଜ ଗାଡ଼ିରୁ ନାଲିବତି କାଢ଼ି ଦେଇଛନ୍ତି।

ତେବେ ଏହାର ବହୁପୂର୍ବରୁ ଅର୍ଥାତ୍ ୨୦୧୩ ମସିହାରେ ପ୍ରଥମେ ନାଲିବତି ଉଠାଇନେବାର ପ୍ରସଙ୍ଗ ଉଠିଥିଲା। ଦିଲ୍ଲୀ ବିଧାନସଭାରେ ବିଜୟୀ ହୋଇ ମୁଖ୍ୟମନ୍ତ୍ରୀ ହେବା ପରେ ସେଠିକାର ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦ୍‌ମୀ ପାର୍ଟି ନେତା ଅରବିନ୍ଦ କେଜରିୱାଲ ପ୍ରଥମେ ଦିଲ୍ଲୀର ସମସ୍ତ ନେତା, ମନ୍ତ୍ରୀଙ୍କୁ ନାଲିବତି ବ୍ୟବହାର ନ କରିବାକୁ ପରାମର୍ଶ ଦେଇଥିଲେ, ଆଉ ତାହା କାର୍ଯ୍ୟକାରୀ ବି ହୋଇଥିଲା। ପରେ ଅବଶ୍ୟ ସରକାର ଭାଙ୍ଗିଯାଇଥିଲା। କିନ୍ତୁ ୨୦୧୫ ମସିହାରେ ପୁନର୍ବାର ସରକାର ଗଠନ ପରେ ଏହି ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖିଛି ଆପ୍। ସେହିପରି ଚଳିତବର୍ଷ ପଞ୍ଜାବ ନିର୍ବାଚନରେ ବିଜୟ ଲାଭ କରି ମୁଖ୍ୟମନ୍ତ୍ରୀ ହେବା ପରେ ଅମରିନ୍ଦ୍ର ସିଂହ ତାଙ୍କର ପ୍ରଥମ କ୍ୟାବିନେଟ୍ ବୈଠକରୁ ହିଁ ନାଲିବତି ବ୍ୟାନ୍ କରିଥିଲେ। ସର୍ବପ୍ରଥମେ ସେ ନିଜ ଗାଡ଼ିରୁ ନାଲିବତି କାଢ଼ି ଉଦାହରଣ ସୃଷ୍ଟି କରିବା ପରେ ମନ୍ତ୍ରିମଣ୍ଡଳର ଅନ୍ୟମାନେ ମଧ୍ୟ ତାଙ୍କ ପଦାଙ୍କ ଅନୁସରଣ କରିଥିଲେ। ସେହିପରି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ମଧ୍ୟ ସମାନ ଭାବେ ନାଲିବତିକୁ ବ୍ୟାନ୍ କରିଥିଲେ।

### ତତ୍କାଳ...

ଦେଖିବାକୁ ମିଳିଥିଲା। ସେହିପରି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ସଚିବାଳୟ ନାଲିବତି ଶୂନ୍ୟ ହୋଇଯାଇଥିବା ଦେଖିବାକୁ ମିଳିଛି। ସମସ୍ତ ମନ୍ତ୍ରୀ, ଅଫିସରମାନେ ନିଜ ନିଜ ଗାଡ଼ିରୁ ନାଲିବତି ହଟାଇ ଦେଇଥିବା ଜଣାପଡ଼ିଛି।

### ରୁପାରୋଶନ୍...

ଅବସ୍ଥାପିତ ହୋଇଛନ୍ତି। କେନ୍ଦୁଝର ପିଡି ନିଖିଳ ପଓ୍ୱନ କଲ୍ୟାଣଙ୍କୁ ସରକାର ବ୍ରହ୍ମପୁର ମହାନଗର ନିଗମ କମିଶନର ଭାବେ ବଦଳି କରିଛନ୍ତି। ମୟୂରଭଞ୍ଜ ପିଡି ଶୁଭମ୍ ସାକ୍ସେନା କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ)ର ଉପାଧକ୍ଷ ଭାବେ ନିଯୁକ୍ତି ପାଇଥିଲା ବେଳେ କୋରାପୁଟ ପିଡି ମଧୁସ୍ମିତା ସାହୁ ଓଡ଼ିଶା କୃଷି ଶିଳ୍ପ ନିଗମ (ଓଏଆଇସି)ର ଏମ୍‌ଡି ଭାବେ ଅବସ୍ଥାପିତ ହୋଇଛନ୍ତି। ସେ ରାଜ୍ୟ କାଜୁ ନିଗମ ଏମ୍‌ଡି ଦାୟିତ୍ୱ ମଧ୍ୟ ଅତିରିକ୍ତ ଭାବେ ତୁଲାଇବେ। ଖୋର୍ଦ୍ଧା ଡିଆରଡିଏ ପିଡି ମନୀଷ ଅଗ୍ରୱାଲ ଗୃହ ବିଭାଗର ଉପସଚିବ ଏବଂ ସଂଜୟ କୁମାର ଭିଙ୍କୁ ଜଳସମ୍ପଦ ବିଭାଗର ଉପସଚିବ ଭାବେ ସରକାର ଅବସ୍ଥାପିତ କରିଛନ୍ତି। ଶିଳ୍ପ ନିର୍ଦ୍ଦେଶକ ଡିଏନ୍ ପାଢ଼ୀଙ୍କୁ ସରକାର ରାଜ୍ୟ ସୂଚନା କମିଶନ ସଚିବ ପଦରେ ଅବସ୍ଥାପିତ କରିଛନ୍ତି।

### ଠିକ୍ ସମୟରେ...

ଜୁନ୍ ୧ରେ ମୌସୁମୀ ବାୟୁ କେରଳ ଛୁଇଁବାର ଆଶା ରହିଛି ବୋଲି ସ୍ପଷ୍ଟ କରିଛନ୍ତି ଶ୍ରୀ ରମେଶ। ପରିମାଣ ଆକଳନ ଅନୁସାରେ ବିଗତ ଶହେବର୍ଷର ହାରାହାରି ଆକଳନରେ ବୃଷ୍ଟିପାତ ଋତୁକାଳୀନ ସମୟରେ ୯୬% ରହିପାରେ। ଏଥିରେ ୫% ତଳ-ଉପର ହୋଇପାରେ ବୋଲି ଶ୍ରୀ ରମେଶ କହିଛନ୍ତି। ତଥ୍ୟ ଅନୁସାରେ ୧୯୫୧ରୁ ୨୦୦୦ ମସିହା ମଧ୍ୟରେ ଋତୁକାଳୀନ ଏଲପିଏ ୮୯ ସେଣ୍ଟିମିଟର ରହିଥିଲା। ଯଦି ହାରାହାରି ବୃଷ୍ଟିପାତ ୯୬ରୁ ୧୦୪% ମଧ୍ୟରେ ରୁହେ ତେବେ ତାହାକୁ ସ୍ୱାଭାବିକ ମୌସୁମୀ ବୋଲି କହିଥାନ୍ତି। ୯୬ % ମୌସୁମୀ ବର୍ଷା ସହ ଏଥିରେ ଆଉ ୩୮ % ଉନ୍ନତି ସମ୍ଭାବନା ରହିଥିବା ସୂଚନା ଦେଇଛନ୍ତି ଶ୍ରୀ ରମେଶ। ଜୁନ୍-ସେପ୍ଟେମ୍ବରରେ ଆସିବାକୁ ଥିବା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଉପରେ ୨୦୧୭ ମସିହାର ଏହା ପ୍ରଥମ ଆକଳନ ବୋଲି ସେ କହିଛନ୍ତି। ଜୁନ୍‌ରେ ଏନେଇ ଅଧିକ ସ୍ପଷ୍ଟ ଚିତ୍ର ଆଇଏମଡି ଦେଇପାରିବ। ଯେଉଁଥିରେ କି ଭାରତର କେଉଁ ଅଞ୍ଚଳରେ କେତେ ପରିମାଣର ଓ କିଭଳି ବୃଷ୍ଟିପାତ ରହିବ ତାହା ଆକଳନ କରାଯାଇପାରିବ। ବିଶେଷକରି ସମୁଦ୍ରରେ ସୃଷ୍ଟି ହେଉଥିବା ତାପମାତ୍ରା ପ୍ରଭାବଜନିତ ଏଲ୍‌ନିନୋ କିମ୍ବା ଲା-ନିନୋ ଦ୍ୱାରା ମଧ୍ୟ ମୌସୁମୀ ବାୟୁ ମାତ୍ରାଧିକ ପ୍ରଭାବିତ ହୁଏ ବୋଲି ଜଣାପଡିଛି। ଫଳରେ ମୌସୁମୀ ଦୁର୍ବଳ ହୋଇପଡି ମରୁଡ଼ି ପରିସ୍ଥିତି ସୃଷ୍ଟି କରିଥାଏ। ମାତ୍ର ଏବର୍ଷ ଏଭଳି ଆଶଙ୍କା ନାହିଁ ବୋଲି କହିଛି ପାଣିପାଗ ବିଭାଗ। ମେ ମାସ ତୃତୀୟ ସପ୍ତାହରେ ମୌସୁମୀ ଆଗମନ ନେଇ ପୂର୍ବାନୁମାନ ମିଳିଥାଏ। ଯେହେତୁ ଜୁନ୍ ପହିଲାରୁ ହିଁ କେରଳ ରାଜ୍ୟକୁ ପ୍ରଥମେ ମୌସୁମୀର ଆଗମନ ହୋଇଥାଏ। ବିଗତବର୍ଷ ଦେଶରେ ୧୦୬% ବର୍ଷା ହେବ ବୋଲି ପାଣିପାଗ ବିଭାଗ ତରଫରୁ ଆକଳନ କରାଯାଇଥିବା ବେଳେ ୯୭% ବର୍ଷା ହୋଇଥିବା ରେକର୍ଡ଼ କରାଯାଇଥିଲା। ଫଳରେ କେରଳ, ତାମିଲନାଡୁ, କର୍ଣ୍ଣାଟକ ଭଳି ଦକ୍ଷିଣ ଭାରତର କେତେକ ରାଜ୍ୟରେ ମରୁଡ଼ି ପରିସ୍ଥିତି ଉପୁଜିଥିଲା।

## ଜଙ୍ଗଲରେ ଜଳସଙ୍କଟ

# ବିପଦରେ ବନ୍ୟଜନ୍ତୁ



**ଭୁବନେଶ୍ୱର :** ସାରା ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ପଶ୍ଚିମ ଓଡ଼ିଶାରେ ଗ୍ରୀଷ୍ମପ୍ରବାହ ଏତେ ମାତ୍ରାରେ ହେଉଛି ଯେ ନକହିବା ଭଲ। ସେହିପରି ଉପକୂଳ ଓଡ଼ିଶାର ତାପମାତ୍ରା ୪୦ ଡିଗ୍ରୀ ଛୁଇଁଲାଣି। ତାତି ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଜନସାଧାରଣ ପାଣି ମୁନ୍ଦାଏ ପାଇଁ ୫ରୁ ୧୦ କିମି ପର୍ଯ୍ୟନ୍ତ ଚାଲୁଛନ୍ତି। ଜନଜୀବନ ପ୍ରଭାବିତ ହୋଇପଡୁଥିବା ବେଳେ ଏଥିରୁ ବାଦ୍ ପଡିନାହାନ୍ତି ବନ୍ୟଜନ୍ତୁ। ଜଙ୍ଗଲରେ ଥିବା ଜଳଉତ୍ସଗୁଡିକ ଶୁଖି ଯାଇଥିବା ବେଳେ ପୋଖରୀରେ ପାଣି ମୁନ୍ଦାଏ ନାହିଁ। ଗୋଟିଏ ପଟେ ଜଙ୍ଗଲରେ ନିଆଁ ବ୍ୟାପି ଚାଲିଥିବା ବେଳେ ଅନ୍ୟପଟେ ପାଣି ନ ମିଳିବାରୁ ପ୍ରତିଦିନ ଜୀବଜନ୍ତୁ ଜଙ୍ଗଲ ମୁହାଁ ହେଉଛନ୍ତି। ଆଉ ଶିକାରୀଙ୍କ ପଞ୍ଝାରେ ପଡୁଛନ୍ତି। ସୂଚନାଥାଉ କି ଢେଙ୍କାନାଳ, ମୟୂରଭଞ୍ଜ, ଅନୁଗୁଳ, ବୌଦ୍ଧ, କନ୍ଧମାଳ, ନୟାଗଡ଼, ବରଗଡ଼, ସମ୍ବଲପୁର, କେନ୍ଦୁଝର ଖୋର୍ଦ୍ଧା ଜିଲ୍ଲାରେ ଥିବା ଜଙ୍ଗଲରେ ଏବେଠାରୁ ପରିସ୍ଥିତି ଭୟଙ୍କର ରୂପ ନେଇଛି। ଗତ ଦେଢ଼ମାସ ହେଲା ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିଯାଉଛି। ଫଳରେ ହଜାର ହଜାର ଗଛ ଜଳିପୋଡି ପାଉଁଶ ହେଉଥିବା ବେଳେ ଶତାଧିକ ବନ୍ୟଜନ୍ତୁଙ୍କ ପ୍ରାଣହାନୀ ଘଟୁଛି।

ସୂଚନାଥାଉ କି ଗ୍ରୀଷ୍ମର ପ୍ରକୋପ ଯୋଗୁଁ ଗତ ପାଞ୍ଚବର୍ଷ ମଧ୍ୟରେ ୩୫୦୦ରୁ ଅଧିକ ଜୀବଜନ୍ତୀଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ୨୦୧୬ ଏପ୍ରିଲରୁ ଜୁନ୍ ମାସ ମଧ୍ୟରେ ବିଭିନ୍ନ ପ୍ରଜାତିର ପକ୍ଷୀ, ହରିଣ, କୋକିଶିଆଳି, ଠେକୁଆ ପରି ୮୬୫ ଜୀବଜନ୍ତୁଙ୍କର ମୃତ୍ୟୁ ହୋଇଥିବା ଜଣାଯାଇଛି। ୨୦୧୫ ତୁଳନାରେ ୨୦୧୬ରେ ଜୀବଜନ୍ତୁଙ୍କ ମୃତ୍ୟୁ ସଂଖ୍ୟା କମିଥିଲେମଧ୍ୟ ବନ ବିଭାଗ ଲାଗି ଏହା ମୁଣ୍ଡବିନ୍ଧାର କାରଣ ଥିଲା। କେତେକ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଜୀବଜନ୍ତୀଙ୍କ ସୁରକ୍ଷା ତଥା ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି। ଜଙ୍ଗଲ ନିକଟରେ ଥିବା ଗାଁ ଲୋକଙ୍କୁ ଏନେଇ ସଚେତନ କରାଯାଉଛନ୍ତି। ବନ୍ୟଜନ୍ତୁଙ୍କ ତୃଷ୍ଣା ନିବାରଣ ପାଇଁ ୨୦୧୬ରେ ବିଭିନ୍ନ ଜଙ୍ଗଲରେ ୧୯୧ ଜଳାଶୟ ଖନନ କରାଯାଇଛି। ୨୭୦ଟି ପୁରାତନ ଜଳାଶୟର ପୁନରୁଦ୍ଧାର କରାଯାଇଛି। ବନ୍ୟପ୍ରାଣୀଙ୍କ ଖାଦ୍ୟୋପଯୋଗୀ ଚାରା ଗଛ ୪୬୫ ହେକ୍ଟର ଜମିରେ ରୋପଣ କରାଯାଇଛି। ୩୪୯ଟି ଶିକାର ନିରୋଧୀ ସ୍କ୍ୱାର୍ଡ ଗଠନ କରାଯାଇଛି। ଜୀବଜନ୍ତୁମାନେ ଯେପରି ଜଙ୍ଗଲ ବାହାରକୁ ନ ଆସିବେ ସେଥିପାଇଁ ନିର୍ମାଣ ହୋଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।





# ଧୂମ୍ ମଚେଇବେ ପ୍ରଭାସ

ଦକ୍ଷିଣୀ ସୁପରଷ୍ଟାର ପ୍ରଭାସ ଖୁବ୍‌ଶୀଘ୍ର ବଲିଉଡରେ ପ୍ରବେଶ କରିବେ। ତାହାପୁଣି ଏକ ସୁପର ସିକ୍ୱେଲ ସିନେମା। ଆଜ୍ଞା ହଁ! ଯଶରାଜ ବ୍ୟାନରରେ ନିର୍ମିତ ହେଉଥିବା ସୁପର ସିକ୍ୱେଲ ଧୂମ୍ ସିରିଜ୍‌ର ପରବର୍ତ୍ତୀ ସଂସ୍କରଣରେ ପ୍ରଭାସଙ୍କୁ ନେବା ପାଇଁ କରଣ ଜୋହର ଚିନ୍ତା କରୁଛନ୍ତି। କରଣ ଜୋହରଙ୍କ ଜଣେ ସାଙ୍ଗ ନିଜ ନାମ ଗୋପନ ରଖି ଏଭଳି ତଥ୍ୟ ପ୍ରଦାନ କରିବା ପରେ ପ୍ରଭାସଙ୍କ ଫ୍ୟାନ୍‌ମହଲରେ ଉତ୍ସାହ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ କରଣ ମଧ୍ୟ ପ୍ରଭାସଙ୍କୁ ବ୍ରେକ୍ ଦେବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ତେଲୁଗୁର ଏହି ସୁପରଷ୍ଟାରଙ୍କ ଅଭିନୀତ 'ବାହୁବଲୀ' ସିନେମା ସାରା ଭାରତବର୍ଷରେ ସର୍ବାଧିକ ଆୟର ରେକର୍ଡ ସୃଷ୍ଟି କରିସାରିଛି। ପୁଣି ଏହାର ସିକ୍ୱେଲ ଅର୍ଥାତ୍ ପାର୍ଟ-୨ ଚଳିତ ମାସ ଶେଷଆଡକୁ ରିଲିଜ୍ ହେବାକୁ ଯାଉଛି। ସେହିଭଳି ବଲିଉଡ୍‌ରେ ଅଭିନୟ ପାଇଁ ପ୍ରଭାସ ମଧ୍ୟ ବେଶ୍ ଉତ୍ସାହିତ ଅଛନ୍ତି। ସେଥିପାଇଁ ସେ ପ୍ରାକ୍ ପ୍ରସ୍ତୁତି ଆରମ୍ଭ କରିଥିବା ବେଳେ ସାମୟିକ ଭାବରେ ତାମିଲ ସିନେମା ସାଇନ୍ କରିବାରେ ବ୍ରେକ୍ ଲଗାଇଛନ୍ତି।





# ନୂଆ ଅବତାରରେ କ୍ରୀତି

ନୂଆ ଅବତାରରେ ଆସିବେ ବଲିଉଡ ଅଭିନେତ୍ରୀ କ୍ରିତି ସାନନ। ପୂର୍ବରୁ ଚୁଲ୍‌ବୁଲି, ନଟ୍‌ଖଟି ଭୂମିକାରେ ଅନେକ ଫିଲ୍ମରେ ଆସିଥିବା କ୍ରିତି ଏବେ ଆକ୍ସନ ଅବତାର ନେବେ। ଫଳରେ ସେ ନିଜର ଆଗାମୀ ସିନେମାରେ ନାୟକ ସହିତ ରୋମାନ୍ସ କରିବା ସହ ଖଳନାୟକଙ୍କୁ ମଧ୍ୟ ଉତ୍ତମମଧ୍ୟମ ଦେବାର ଯୋଜନାରେ ଅଛନ୍ତି। ସୁଶାନ୍ତ ସିଂହ ରାଜପୁତଙ୍କ ସହ ଆଗାମୀ ଫିଲ୍ମ 'ରାବ୍‌ତା'ରେ ସେ ଏଭଳି ଏକ ଚରିତ୍ରରେ ଆସିବେ। ଏହାକୁ ନେଇ ସେ ବେଶ୍ କସ୍‌ରତ ଆରମ୍ଭ କରିଦେଇଛନ୍ତି। ଏଥିପାଇଁ ବହୁ ପରିଶ୍ରମ କରି ଷ୍ଟଣ୍ଟ ଶିଖିବା ସହ ସୁଟିଂସେଟ୍‌ରେ ତା'ର ପ୍ରତିଫଳନ ଦେଖାଇଛନ୍ତି। ସୁଟିଂ ବେଳେ ଷ୍ଟଣ୍ଟକୁ ନେଇ ସେ କହିଛନ୍ତି ଯେ ଏହି ସିନମାରେ କଷ୍ଟସାଧ ଷ୍ଟଣ୍ଟଗୁଡ଼ିଏ କରିଥିଲେ ମଧ୍ୟ ଏହା ମୋତେ କଷ୍ଟଠାରୁ ଅଧିକ ଖୁସି ଆଣିଦେଇଛି। ମତେ ଲାଗୁଛି ଏହି ଫିଲ୍ମ ସୁଟିଂ ପରେ ମୁଁ ଅଧିକ ବଳବାନ ହୋଇଯାଇଛି ବୋଲି ନିଜ ପ୍ରତିକ୍ରିୟାରେ ସେ ପ୍ରକାଶ କରିଛନ୍ତି।

## ଖବର କିଛିକିଛି

- **ନୂଆଦିଲ୍ଲୀ :** ହୋଟେଲ ଓ ରେଷ୍ଟୁରାଣ୍ଟରେ ସର୍ଭିସ୍ ଚାର୍ଜ ବାଧ୍ୟତାମୂଳକ ନୁହେଁ ବୋଲି କେନ୍ଦ୍ର ଖାଦ୍ୟ ଓ ଖାଉଟି ବ୍ୟାପର ମନ୍ତ୍ରୀ ରାମବିଳାସ ପାଶ୍ୱାନ କହିଛନ୍ତି।
- **ବେଜିଂ :** ତିବ୍ବତୀୟ ଧର୍ମଗୁରୁ ଦଲାଇଲାମାଙ୍କ ଅରୁଣାଚଳ ପ୍ରଦେଶ ଗସ୍ତ ପରେ ଚୀନ୍ ଭାରତ ବିରୋଧରେ ବିଷୋଦ୍‌ଗାର କରିଚାଲିଛି। ଏହି ପରିପ୍ରେକ୍ଷୀରେ ବେଜିଂ ଅରୁଣାଚଳର ୬ଟି ଜିଲ୍ଲାର ନୂଆ ନାମକରଣ କରିଛି।
- **ନୂଆଦିଲ୍ଲୀ :** ସୁପ୍ରିମ୍‌କୋର୍ଟ ଆଜି କୋହିନୂର ହୀରା ଭାରତ ଫେରାଇ ଆଣିବା ଦାବିରେ ଦାଖଲ ଦୁଇଟି ଜନହିତ ଆବେଦନକୁ ଖରାଜ କରିଛନ୍ତି ସୁପ୍ରିମ୍‌କୋର୍ଟ।
- **ପାଟନା :** ବିହାରରେ ସଡ଼କ ଦୁର୍ଘଟଣା ୬୦% ହ୍ରାସ ପାଇଛି। ୨୦୧୫ରେ ରାଜ୍ୟରେ ସଡ଼କ ଦୁର୍ଘଟଣାରେ ୮୬୭ ଜଣ ମୃତ୍ୟୁବରଣ କରିଥିବା ବେଳେ ୨୦୧୬ରେ ଏହି ସଂଖ୍ୟା ମାତ୍ର ୩୨୬ ଥିଲା।
- **ନୂଆଦିଲ୍ଲୀ :** ଭାରତୀୟ ନୌସେନା ପକ୍ଷରୁ ସୁପର ସୋନିକ୍ ବ୍ରହ୍ମୋସ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷା କରାଯାଇଛି। ବଙ୍ଗୋପସାଗର ମଧ୍ୟରୁ ଯୁଦ୍ଧଜାହାଜରୁ ଏହାକୁ ଭୂପୃଷ୍ଠକୁ ଟାର୍ଗେଟ କରାଯାଇଥିଲା।
- **ଭୁବନେଶ୍ୱର :** ଚଳିତବର୍ଷ ଖଣିଜ ସୂତ୍ରରୁ ରାଜ୍ୟ ସରକାର ଧାର୍ଯ୍ୟଲକ୍ଷ୍ୟ କରିଥିବା ଟିକସ ଆଦାୟ ପରିମାଣ ହ୍ରାସ ପାଇଛି। ଚଳିତ ଆର୍ଥିକ ବର୍ଷ ପାଇଁ ଖଣିଜ ସୂତ୍ରରୁ ମିଳିବାକୁ ଥିବା ରାଜସ୍ୱ ମାନ୍ଦା ବଜାର ଯୋଗୁ ହ୍ରାସ ପାଇଛି ବୋଲି ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲିକ ସ୍ୱୀକାର କରିଛନ୍ତି।
- **ଭୁବନେଶ୍ୱର :** ରାଜଧାନୀ ଭୁବନେଶ୍ୱରରେ ରହିବା ଲାଗି ରିହାତିରେ ଘର ମିଳିବ ବୋଲି ଅନୁଷ୍ଠିତ ହୋଇଥିବା ବିଡିଏ ବୈଠକରେ ନିଷ୍ପତ୍ତି ନିଆଯାଇଛି।
- **ତିରୁପତି :** ଆନ୍ଧ୍ରପ୍ରଦେଶର ତ୍ରିଚୁର ଜିଲ୍ଲାରେ ଏକ ଥାନା ସମ୍ମୁଖରେ ଟ୍ରକ୍ ମାଡ଼ିଯିବାରୁ ୨୦ ଜଣ ଲୋକଙ୍କ ମୃତ୍ୟୁ ଘଟିଛି।
- **ନୂଆଦିଲ୍ଲୀ :** ଘରେ ପହଞ୍ଚିବ ପେଟ୍ରୋଲ, ଡିଜେଲ ବୋଲି ଟ୍ୱିଟ୍ କରି କହିଛନ୍ତି କେନ୍ଦ୍ର ପେଟ୍ରୋଲିମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।
- **ୱାଶିଂଟନ୍ :** କୁଳଭୂଷଣଙ୍କ ମୁକ୍ତି ପାଇଁ ଆମେରିକାରେ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଯାଇଛି। ଯଥାଶୀଘ୍ର କୁଳଭୂଷଣଙ୍କୁ ମୁକ୍ତି ପାଇଁ ଏହି ଦସ୍ତଖତ ଅଭିଯାନ କରାଯାଉଛି।
- **ଭୁବନେଶ୍ୱର :** ମୟୁରଭଞ୍ଜରେ ରାଜ୍ୟ ବିଜେପିର କାର୍ଯ୍ୟକାରିଣୀ ଆରମ୍ଭ ହୋଇଯାଇଛି। ଏହି ବୈଠକରେ ୨୦୦ରୁ ଉର୍ଦ୍ଧ୍ୱ ବିଜେପି କର୍ମୀ ଓ ନେତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ଡୋପିଂ ପରୀକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

**ଏସିୟ ଦୌଡ଼କୁଦ**

**ଭୁବନେଶ୍ୱର :** ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ଜୁଲାଇ ମାସ ୬ରୁ ୯ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ୨୨ତମ ଏସୀୟ ଦୌଡକୁଦ ପ୍ରତିଯୋଗିତା ପାଇଁ ସ୍ୱାସ୍ଥ୍ୟ ଓ ଡୋପିଂ ସମିତିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ସଚିବ ତଥା କମିଟିର ଅଧ୍ୟକ୍ଷ ଡା.ପ୍ରମୋଦ କୁମାର ମେହେର୍ଦ୍ଦା ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ କୁହାଯାଇଥିଲା ଯେ, ପ୍ରତିଯୋଗିତାରେ ୭ଶହରୁ ଅଧିକ ପ୍ରତିଯୋଗୀଙ୍କ ସମେତ ୧ ହଜାରରୁ ଅଧିକ ପଦାଧିକାରୀ ଯୋଗଦେବେ। ସେମାନଙ୍କ ପାଇଁ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବାର ଆବଶ୍ୟକତା ରହିଛି। ମୁଖ୍ୟ ପ୍ରତିଯୋଗିତା ସ୍ଥଳୀ ଓ ରହିବାକୁ ଥିବା ହୋଟେଲରେ ତୁରନ୍ତ ସ୍ୱାସ୍ଥ୍ୟସେବା ପ୍ରଦାନ କରାଯିବ। ସର୍ବଭାରତୀୟ ଦୌଡକୁଦ ମହାସଂଘ ପକ୍ଷରୁ ଆବଶ୍ୟକ ଔଷଧର ଏକ ତାଲିକା ପ୍ରଦାନ କରାଯିବା ପରେ ସ୍ୱାସ୍ଥ୍ୟ ବିଭାଗ ସେସବୁ ଔଷଧର ବ୍ୟବସ୍ଥା କରିବ। ତା'ସହ ଆବଶ୍ୟକୀୟ ଡାକ୍ତର ଓ ପାରାମେଡିକ ଷ୍ଟାଫଙ୍କୁ ମୁତୟନ ଓ ନିର୍ଦ୍ଦିଷ୍ଟ ସ୍ଥାନରେ ଆମ୍ବୁଲାନ୍ସ ସେବାର ବ୍ୟବସ୍ଥା କରାଯିବ। ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଓ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ପ୍ରତିଯୋଗିତା ସ୍ଥଳୀ, ପ୍ରତିଯୋଗୀ ତଥା ପଦାଧିକାରୀ ରହୁଥିବା ହୋଟେଲ ଆଦି ପରିଦର୍ଶନ କରିବେ। ସେସବୁ ସ୍ଥାନରେ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରିବାକୁ ଡା.ମେହେର୍ଦ୍ଦା ନିର୍ଦ୍ଦେଶ ଦେଇଛନ୍ତି। ସର୍ବଭାରତୀୟ ଆଥଲେଟିକ ମହାସଂଘର ମହାସଚିବ ସି.କେ ଭଲସାଲ ପ୍ରତିଯୋଗିତା ସମୟରେ ସ୍ୱାସ୍ଥ୍ୟସେବା ପ୍ରଦାନର ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ଡୋପିଂ ପରୀକ୍ଷା ନିମନ୍ତେ ଫେଡେରେସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ସେ କହିଥିଲେ। ବୈଠକରେ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ସଚିବ ସୁରଜିତ ଦାଶ, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା.କୈଳାସ ଚନ୍ଦ୍ର ଦାଶ, କ୍ୟାପିଟାଲ ହସ୍ପିଟାଲର ନିର୍ଦ୍ଦେଶକ ଡା.ପିକେ ଆଚାର୍ଯ୍ୟ ଓ କ୍ରୀଡ଼ା ଓ ଯୁବସେବା ବିଭାଗର ଅନୁସଚିବଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ।

# ଦୂତିଙ୍କୁ ନେତୃତ୍ୱଭାର



**ଏସିଆନ୍ ଗ୍ରାଁ ପ୍ରି**

**ଭୁବନେଶ୍ୱର :** ଚୀନର ଜିଆଜିଙ୍ଗ, ଜିନହୁଆ ଏବଂ ଚାଇନିଜ୍ ତାଇପେଇରେ ତିନିଟି ପର୍ଯ୍ୟାୟରେ ଆୟୋଜିତ ହେବାକୁ ଥିବାଏସିଆନ୍ ଗ୍ରାଁ ପ୍ରି ଦୌଡକୁଦ ପ୍ରତିଯୋଗିତାର ଓଡ଼ିଆ ଝିଅ ଦୂତି ଚାନ୍ଦ ୧୬ ଜଣିଆ ଭାରତୀୟ ଦଳର ନେତୃତ୍ୱ ନେବେ। ଏହି ଦଳ ଚୀନ ଅଭିମୁଖେ ଯାତ୍ରା କରିଛନ୍ତି। ଏସିଆନ୍ ଗ୍ରାଁ ପ୍ରିର ପ୍ରଥମ ପର୍ଯ୍ୟାୟ ଜିଆଜିଙ୍ଗରେ ଆସନ୍ତା ୨୪ ତାରିଖରେ ଅନୁଷ୍ଠିତ ହେବ। ସେହିଭଳି ଦ୍ୱିତୀୟ ପର୍ଯ୍ୟାୟ ଜିନହୁଆଠାରେ ୨୭ ତାରିଖରେ ଆୟୋଜିତ ହେବ। ତୃତୀୟ ତଥା ଶେଷ ପର୍ଯ୍ୟାୟ ଚାଇନିଜ୍ ତାଇପେଇରେ ଚଳିତ ମାସ ୩୦ ତାରିକରେ ଖେଳାଯିବ। ଦୂତି ଏବଂ ରୀନା ଜର୍ଜ ମହିଳା ଏବଂ ବିଦ୍ୟାସାଗର ସିଦରାଜନାୟକ ପୁରୁଷ ୧୦୦ ମିଟରରେ ଭାରତର ପ୍ରତିନିଧିତ୍ୱ କରିବେ। ଟିଣ୍ଟୁ ଲୁକା ମହିଳା ୮୦୦ ମିଟର ଏବଂ ମନପ୍ରୀତ କୌର ସଟପୁଟରେ ନିଜ ଯାଦୁ ଦେଖାଇବେ। ନୀରଜ ଚୋପ୍ରା, ରବିନ୍ଦର ସିଂହ ପୁରୁଷ ଜାଭେଲିନ୍ ଏବଂ ରାକେଶ ବାବୁ ଟ୍ରିପଲ ଜମ୍ପରେ ପଦକ ଜିତିବାକୁ ଚେଷ୍ଟା କରିବେ। ନିନା ଭର୍କାଲି ଏବଂ ଜିନୁ ମାରିଆ ଲମ୍ବ ଡିଆଁ ଏବଂ ଉଚ୍ଚ ଡିଆଁରେ ଭାରତର ପ୍ରତିନିଧିତ୍ୱ କରିବେ। ମହିଳା ୧୦୦ ମିଟରର ଜାତୀୟ କୀର୍ତ୍ତିମାନଧାରୀ ଦୂତି କଟକରେ ଆୟୋଜିତ ରାଜ୍ୟ କ୍ରୀଡ଼ାରେ ନିଜ ଚମକ ଦେଖାଇଥିଲା ବେଳେ ସଂପ୍ରତି ହାଇଦ୍ରାବାଦରେ ରହି ଏହି ପ୍ରତିଯୋଗିତା ଲାଗି ପ୍ରସ୍ତୁତି ଚଳାଇଥିଲେ। ଏହି ସମ୍ମାନ ଜନକ ପ୍ରତିଯୋଗିତାରେ ସେ ପଦକ ଜିତିବାର ଆଶା ରଖିଛନ୍ତି। ଭାରତୀୟ ଦଳ ସହ ବିଦେଶୀ ପ୍ରଶିକ୍ଷକ ଗ୍ୟାରୀ ଜେମ୍ସ କାଲଭର୍ଟ, ବିବୁ ମାଥ୍ୟୁ, ପିଟି ଉଷା ଓ ରାଧା କୃଷ୍ଣ ନାୟର ପ୍ରଶିକ୍ଷକ ଭାବେ ଯାତ୍ରା କରିବେ। ପ୍ରତିଯୋଗିତାର ପୁରୁଷ ୪୦୦ ମିଟରରେ ଜାତୀୟ କୀର୍ତ୍ତିମାନଧାରୀ ମହମ୍ମଦ ଆନସ ଏବଂ ୨୦୧୪ ଏସୀୟ କ୍ରୀଡ଼ା ମହିଳା ୪୦୦ ମିଟର କାଂସ୍ୟ ପଦକ ବିଜୟିନୀ ପୁଭାମା ରାଜୁ କେବଳ ଶେଷ ପର୍ଯ୍ୟାୟ ଲାଗି ପରବର୍ତ୍ତୀ ସମୟରେ ଭାରତୀୟ ଦଳ ସହ ଚାଇନିଜ୍ ତାଇପେଇରେ ଯୋଗଦେବେ। ଏଣୁ ତୃତୀୟ ପର୍ଯ୍ୟାୟ ବେଳକୁ ଭାରତୀୟ ଦଳର ଖେଳାଳି ସଂଖ୍ୟା ୧୮କୁ ବଢ଼ିଯିବ। ସେପଟେ ୧୭ ବର୍ଷୀୟ ଜାଭେଲିନ୍ ଥ୍ରୋ ତାରକା ତେଜସ୍ୱିନ୍ ଶଙ୍କର ଗତ ସପ୍ତାହରେ ଆହତ ହୋଇଥିବାରୁ ଦଳରୁ ଓହରି ଯାଇଛନ୍ତି।

**ଭାରତୀୟ ଦଳ :** ଦୂତି ଚାନ୍ଦ, ରୀନା ଜର୍ଜ, ଟିଣ୍ଟୁ ଲୁକା, ନିନା ଭର୍କାଲି, ଜିନୁ ମାରିଆ, ମନପ୍ରୀତ କୌର, ବିଦ୍ୟାସଗର ସିଦରାଜନାୟକ, ଜିନସନ ଜନସନ, ରାକେଶ ବାବୁ, ଓମ୍ ପ୍ରକଶ ସିଂହ, ନୀରଜ ଚୋପ୍ରା ଓ ରବିନ୍ଦର ସିଂହ।

## ଫଟୋରେ ଖବର



ପ୍ରଫେସର ଡି.ଏ. ଗୋଲମ୍ବେକଙ୍କୁ କଳିଙ୍ଗ ପୁରସ୍କାର ପ୍ରଦାନ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ



ଭୁବନେଶ୍ୱର : ଲ' କମିଶନଙ୍କ ନିଷ୍ପତ୍ତିକୁ ବିରୋଧ କରି ରିପୋର୍ଟ ପୋଡ଼ିଲେ ଲୟର୍ସ ଗ୍ରୁପ୍‌ର ଆଇନଜୀବୀ

Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● Editorial Office : HIG-137, Dharma Vihar, Khandagiri, Bhubaneswar, Odisha, PIN-751030, Phone : 7008340389 (Editorial), Email : ekamaatra@gmail.com

Chief Editor : **Bibhuti Bhusan Patra**
ମୁଖ୍ୟ ସମ୍ପାଦକ : **ବିଭୁତି ଭୂଷଣ ପାତ୍ର**

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**